ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- Vol.- 46, Issue No. 142
- Saturday, 22 August 2026
- ଶନିବାର, ୨୨ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ଚିରନିଦ୍ରାରେ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ



■ ୨୦୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ କରିଥିଲେ କଣ୍ଠଦାନ

■ 'ଶେଷ ଶ୍ରାବଣ' 'ମାଝୀ'ଙ୍କ ଶେଷକୃତ୍ୟ କଟକରେ ସଂପନ୍ନ

■ କଳା ଓ ସଂସ୍କୃତି ଜଗତରେ ଅପୂରଣୀୟ ଶୂନ୍ୟତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୨୧।୮:'ଯାଆରେ ମାଝି ଯାଆ', 'ଇନ୍ଦ୍ରଧନୁର ସପ୍ତରଙ୍ଗ', 'ରେ ଆତ୍ମନ୍ ନିଦ୍ରା ପରିହର', 'ମା ତୁମେ ଜଗତର ସାହା ଭରସା', ଏହି ସବୁ ଗୀତ ଓଡ଼ିଶାର କୋଣ ଅନୁକୋଣରେ ଏକଦା ଅନୁରଣିତ ହେଉଥିଲା। ଏସବୁ ପିଢ଼ି ପରେ ପିଢ଼ି ସ୍ମୃତିପଟ୍ଟରେ ସାଇଛି ହୋଇ ରହିଛି। ଯିଏ ଗାଇଥିଲେ ସେ ହେଲେ ଓଡ଼ିଆ ସଂଗୀତ ଜଗତର ଅନ୍ୟତମ 'ଶେଷ ଶ୍ରାବଣ'ର 'ମାଝୀ' ବିଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ। ୮୮ ବର୍ଷ ବୟସରେ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଛି। ଗତ କିଛିଦିନ ଧରି ଅସୁସ୍ଥତା କାରଣରୁ ସେ ଚିକିତ୍ସିତ ହେଉଥିଲେ। ଓଡ଼ିଆ ସଙ୍ଗୀତର ଏହି ବ୍ୟକ୍ତିତ୍ୱ ପ୍ରାୟ ପାଞ୍ଚ ପିଢ଼ିର ଶ୍ରୋତାଙ୍କ ହୃଦୟରେ ଅଭୁଲା ଛାପ ଛାଡ଼ିଯାଇଛନ୍ତି।୧୯୩୮ ମସିହା ଜାନୁୟାରୀ ୨୦ ତାରିଖରେ ଜନ୍ମିତ ପ୍ରଣବ ଓଡ଼ିଶୀ, ଶାସ୍ତ୍ରୀୟ ସଙ୍ଗୀତ, ପାରମ୍ପରିକ ସଙ୍ଗୀତ ତଥା ଅନେକ ଚଳଚ୍ଚିତ୍ର ସଙ୍ଗୀତ ଗାନ କରି ଓଡ଼ିଶାର ପୁରପଲ୍ଲୀରେ ବେଶ୍ ପରିଚିତ ଥିଲେ । ୧୯୫୮ ମସିହାରେ ପ୍ରଥମ ଥର ପାଇଁ 'ମା' ଚଳଚ୍ଚିତ୍ରରେ କଣ୍ଠଦାନ କରିବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ । ଓଡ଼ିଆ , ହିନ୍ଦୀ ସମେତ ଅନେକ ଆଞ୍ଚଳିକ ଭାଷାରେ ମଧ୍ୟ ସେ ଗୀତ ଗାଇଛନ୍ତି। ସେ ପ୍ରାୟ ୨୦୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ର ଗୀତରେ କଣ୍ଠଦାନ କରିଛନ୍ତି। କେବଳ ଚଳଚ୍ଚିତ୍ର ଗୀତ ନୁହେଁ, ବରଂ ଓଡ଼ିଶୀ, ଭଜନ, ଆଧୁନିକ, ପଲ୍ଲୀଗୀତ ଏବଂ ଗଜଲ୍ ଗାଇ ଲକ୍ଷ ଲକ୍ଷ ଶ୍ରୋତାଙ୍କ ହୃଦୟ ଜିତିଥିଲେ। ୧୯୯୨ରେ ଶବ-ଏ-ଗଜଲ ପ୍ରଥମ ଥର ପାଇଁ ଗାନ କରିଥିଲେ। ଓଡ଼ିଆ ସଙ୍ଗୀତ କ୍ଷେତ୍ରରେ ଅତୁଳନୀୟ ଅବଦା ପାଇଁ ତାଙ୍କୁ ରାଜ୍ୟର ସର୍ବୋଚ୍ଚ ଚଳଚ୍ଚିତ୍ର ସମ୍ମାନ 'ଜୟଦେବ ପୁରସ୍କାର' ୨୦୧୬ ରେ ସମ୍ମାନିତ କରାଯାଇଥିଲା । ଏହା ବ୍ୟତୀତ ବହୁ ସମ୍ମାନ ସେ ପାଇଛନ୍ତି। ତାଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳିଯାଇଛି ।ତାଙ୍କ ଶେଷକୃତ୍ୟ କଟକରେ ସଂପନ୍ନ ହୋଇଛି ।ତାଙ୍କ ପୁଅ ମୁଖାଗ୍ନି ଦେଇଥିଲେ। ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲେଖିଛନ୍ତି ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଅନେକ ସମ୍ମାନରେ ଭୂଷିତ ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି।

### ୟେମେନ, ସୋମାଲିଆ ଉପକୂଳରେ ଜଳଦସ୍ୟୁ ଆତଙ୍କ

## ୨ ବାଣିଜ୍ୟିକ ଜାହାଜ ଅପହରଣ

### ଥିଲେ ୨୨ ଭାରତୀୟ ନାଗରିକ

ନୂଆଦିଲ୍ଲୀ, ୨୧।୮: ସମୁଦ୍ରରେ ଜଳଦସ୍ୟୁ ଆତଙ୍କ । ଏକାସଙ୍ଗେ ୨ଟି ଜାହାଜକୁ ନିଜ କବ୍‌ଜାକୁ ନେଇଛନ୍ତି ଜଳଦସ୍ୟୁ। ୟେମେନ ଏବଂ ସୋମାଲିଆ ଉପକୂଳରୁ ପୃଥକ୍ ଘଟଣାରେ ଜଳଦସ୍ୟୁଙ୍କ ଦ୍ୱାରା ମୋଟ ୨୨ ଜଣ ଭାରତୀୟ ନାଗରିକଙ୍କୁ ନେଇ ଯାଉଥିବା ୨ଟି ବାଣିଜ୍ୟିକ ଜାହାଜକୁ ଅପହରଣ କରାଯାଇଛି । ଅଧିକାରୀମାନେ କହିଛନ୍ତି, ଏହି ଘଟଣା ପୁଣି ଆଫ୍ରିକାର ହର୍ଣ୍ଣ ଆଖପାଖ ସାଗରରେ ଜଳଦସ୍ୟୁଙ୍କ ବିପଦକୁ ବଢାଇ ଦେଇଛି । ୟେମେନରେ ୧୬ ଜଣ ଭାରତୀୟଙ୍କୁ ନେଇ ଯାଉଥିବା ଜାହାଜ ହାଇଜ୍ୟାକ୍



ପ୍ରଥମ ଘଟଣାରେ ଇରିଟ୍ରିଆ ପତାକା ବହନ କରୁଥିବା ତୈଳ ଉତ୍ପାଦ ଟ୍ୟାଙ୍କର୍ ଏମଟି ସିବୁ କ୍ଷେତ୍ରରେ ଘଟିଥିଲା। ୟେମେନ୍ ଉପକୂଳରୁ ପ୍ରାୟ ୩୦ ନଟିକାଲ ମାଇଲ୍ ଦୂରରେ ଆଡେନ୍ ଉପସାଗରରେ ୨୦ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ଏହି ଜାହାଜକୁ ୬ ଜଣ ସଶସ୍ତ୍ର ଜଳଦସ୍ୟୁ ଅପହରଣ କରିଥିଲେ । ସାମୁଦ୍ରିକ ପ୍ରଶାସନ ନିର୍ଦ୍ଦେଶାଳୟର ରିପୋର୍ଟ ଅନୁଯାୟୀ, ଜାହାଜର ସମସ୍ତ ୨୦ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ରିପୋର୍ଟ କରାଯାଇଛି । ତଥାପି ଜାହାଜ ଏବଂ କ୍ରୁ ସଦସ୍ୟଙ୍କ ସ୍ଥିତିର ସଦ୍ୟତମ ରିପୋର୍ଟକୁ ଅପେକ୍ଷା କରାଯାଇଛି । କ୍ରୁ ଭାବରେ ୧୬ ଜଣ ଭାରତୀୟ, ଜଣେ ସିରିଆନ୍, ଜଣେ ସୁଦାନ୍ ଏବଂ ଜଣେ ଇରାକୀ ନାଗରିକ ଅଛନ୍ତି । ଅନ୍ୟ ଜଣେ ନାବିକଙ୍କର ଜାତୀୟତା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । ରିପୋର୍ଟ ଅନୁଯାୟୀ, ନିଯୁକ୍ତି ଏବଂ ପ୍ଲେସମେଣ୍ଟ ସେବା ଲାଇସେନ୍ ଏଜେନ୍ସିଂକୁ ଘଟଣାର ରିପୋର୍ଟ କରିବାକୁ ଏବଂ ଇ-ନାଭିକ୍ ଅନଲାଇନ୍ ସାମୁଦ୍ରିକ ଦୁର୍ଘଟଣା ରିପୋଟିଂ ସିଷ୍ଟମ ମାଧ୍ୟମରେ ନିୟମିତ ଅପଡେଟ୍ ପ୍ରଦାନ କରିବାକୁ କୁହାଯାଇଛି । ଏସକେଏସ କୃଷିଭ ମାରିନ୍ ସର୍ଭିସେସର ସୁମିତ୍ କାନ୍ତ ସିଂହ କହିଛନ୍ତି,ଯେ ତାଙ୍କ କମ୍ପାନୀ ୪ଜଣ କ୍ରୁ ସଦସ୍ୟଙ୍କୁ ନିଯୁକ୍ତି ଦେଇଛି। ସେମାନଙ୍କର ବିବରଣୀ ସାମୁଦ୍ରିକ ପ୍ରଶାସନ ନିର୍ଦ୍ଦେଶାଳୟକୁ ପ୍ରଦାନ କରିଛି ।

### ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ୧୪୯ତମ ବୈଠକ

# ୨୭୮୦ କୋଟିର ନିବେଶ ପ୍ରସ୍ତାବକୁ ମଞ୍ଜୁରି

ଭୁବନେଶ୍ୱର,୨୧।୮: ରାଜ୍ୟ ସରକାର ୨୭୮୦.୧୦ କୋଟି ଟଙ୍କାର ୧୪ଟି ନୂତନ ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ରାଜ୍ୟବ୍ୟାପୀ ଏସବୁ ୧୪,୧୦୪ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ପ୍ରକଟ କରାଯାଇଛି। ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ୧୪୯ତମ ବୈଠକରେ ଏହି ମଞ୍ଜୁରି ଦିଆଯାଇଛି। ସମୃଦ୍ଧ ଓଡ଼ିଶା ୨୦୩୬ ର ଦୃଷ୍ଟିକୋଣ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମଞ୍ଜୁର ହୋଇଥିବା ଏହି ଅନୁମୋଦନଗୁଡ଼ିକ ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଏବଂ ପୋଷାକ, ରାସାୟନିକ ଏବଂ ରାସାୟନିକ ଉତ୍ପାଦ, ଚିକିତ୍ସା ଉପକରଣ, ଫାର୍ମା, ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଏବଂ ଉତ୍ପାଦନ, ଇସ୍ପାତ, ଲୁହା ଏବଂ ଫେରୋ ଆଲୟ, ଇସ୍ପାତ ଡାଉନଷ୍ଟ୍ରିମ୍ ଉତ୍ପାଦନ ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରକୁ କଭର କରେ। ପାରମ୍ପରିକ ପେଣ୍ଟ (ହବ୍ )ବାହାରେ ଶିଳ୍ପ ଅଭିବୃଦ୍ଧିକୁ ବିସ୍ତାର କରିବା ଲକ୍ଷ୍ୟରେ ୧୧ଟି ଜିଲ୍ଲା -



■ ୧୪ ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି ସମ୍ଭାବନା

ଅନୁଗୁଳ, ବଲାଙ୍ଗୀର, କଟକ, ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା ଏବଂ ସୁନ୍ଦରଗଡ଼ରେ ପ୍ରକଳ୍ପ ସ୍ଥାପନ କରାଯିବ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ, ହଳଦିରାମ ସ୍ନାକ୍ସ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ୫୦୦ କୋଟି ଟଙ୍କା ନିବେଶ ସହିତ ଖୋର୍ଦ୍ଧା ଏବଂ କଟକରେ ଏକ ସ୍ନାକ୍ସ ଏବଂ ବେକ୍ଡ ଉତ୍ପାଦ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ୮୦୦ ନିଯୁକ୍ତି ସୃଷ୍ଟି କରିବ। କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣରେ, ଟିୱାନା ନ୍ୟୁଟ୍ରିସନ୍ ଗ୍ଲୋବାଲ୍ ପ୍ରାଇଭେଟ୍ ଲିମିଟେଡ୍ ୧୪୦ କୋଟି ଟଙ୍କା ନିବେଶ ଏବଂ ୨,୫୦୦ ନିଯୁକ୍ତି ସୁଯୋଗ ସହିତ ଏକ ଗୋଖାଦ୍ୟ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ପ୍ରିମିୟମ୍ ଚିକ୍ ଫିଡ୍ସ ପ୍ରାଇଭେଟ୍ ଲିମିଟେଡ୍ ୧୦୫.୩୮ କୋଟି ଟଙ୍କା ନିବେଶ ଏବଂ ୧୦୫୪ ନିଯୁକ୍ତି ସହିତ ଖୋର୍ଦ୍ଧା, କଟକ ଏବଂ ନୟାଗଡ଼ରେ ଏକ ଚିକ୍ ଫିଡ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ବୟନ ଏବଂ ପୋଷାକ କ୍ଷେତ୍ରକୁ ମଧ୍ୟ ପ୍ରମୁଖ ଅନୁମୋଦନ ମିଳିଛି। ସାହାନା କ୍ଲୋଥିଂ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ୨୫୧.୪୫ କୋଟି ଟଙ୍କା ନିବେଶ ସହିତ ଢେଙ୍କାନାଳରେ ବୁଣା ଶିଶୁ ଏବଂ ଶିଶୁ ପୋଷାକ ପାଇଁ ଏକ ରେଡିମେଡ୍ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ୫୧୦୪ ନିଯୁକ୍ତି ସୃଷ୍ଟି କରିବ। ପ୍ରତିମା ଆଗ୍ରୋ ସ୍ପିନିଂ ମିଲ୍ ପ୍ରାଇଭେଟ୍ ଲିମିଟେଡ୍ ୧୨୫ କୋଟି ଟଙ୍କା ନିବେଶ ଏବଂ ୪୦୦ ନିଯୁକ୍ତି ସହିତ ବଲାଙ୍ଗୀରରେ କପା ସୂତା ଏବଂ ସମ୍ପର୍କିତ ଉତ୍ପାଦ ପାଇଁ ଏକ କପଡ଼ା ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ ।ରାସାୟନିକ ଏବଂ ରାସାୟନିକ ଉତ୍ପାଦ କ୍ଷେତ୍ରରେ ତିନୋଟି ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଛି। ପ୍ରାସୋଲ୍ କେମିକାଲ୍ସ ଲିମିଟେଡ୍ ୪୫୦ କୋଟି ଟଙ୍କା ନିବେଶ ଏବଂ ୪୫୮ ନିଯୁକ୍ତି ସହିତ ଗଞ୍ଜାମରେ ଏକ ଫସଫରସ୍-ଆଧାରିତ ଡେରିଭେଟିଭ୍ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରିବ। ନ୍ୟୁ ଜେନେରେସନ୍ ମାନୁଫାକ୍ଚରିଂ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୮୦ କୋଟି ଟଙ୍କା ନିବେଶ ଏବଂ ୩୦୧ ନିଯୁକ୍ତି ସହିତ ଏକ କୋଇଲା ଟାର ଡିଷ୍ଟିଲେସନ୍ ଏବଂ ଉପ-ଉତ୍ପାଦ କାରଖାନା ସ୍ଥାପନ କରିବ ।ଏଭଳି ଅନ୍ୟ କଂପାନୀଗୁଡ଼ିକ ନିଜ ନିଜ ପ୍ରକଳ୍ପ ସ୍ଥାପନ କରିବେ।

## ୨୮ ପର୍ଯ୍ୟନ୍ତ ବର୍ଷା !

### ଲଘୁଚାପ ସୃଷ୍ଟି ସମ୍ଭାବନା

ଭୁବନେଶ୍ୱର, ୨୧।୮(ନିପ୍ର): ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଶୁକ୍ରବାରଠାରୁ ରାଜ୍ୟରେ ପୁଣି ବର୍ଷା ଆରମ୍ଭ ହେବ। ୨୮ ତାରିଖ ସକାଳ ସୁଦ୍ଧା ରାଜ୍ୟର କେତେକ ସ୍ଥାନରେ ଭୀଷଣ ବର୍ଷା ଓ ଅନ୍ୟ କେତେକ ସ୍ଥାନରେ ଅତି ଭୀଷଣ ବର୍ଷା ସମ୍ଭାବନା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଭୀଷଣ ବର୍ଷା ସମ୍ଭାବନା ନେଇ ୨୨ ତାରିଖ ସକାଳ ଠାରୁ ୨୩ ତାରିଖ ସକାଳ ପର୍ଯ୍ୟନ୍ତ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହି ଜିଲ୍ଲା ଗୁଡିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ନବରଙ୍ଗପୁର, କଳାହାଣ୍ଡି । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ



୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ । ସେହିପରି ୨୩ ତାରିଖ ସକାଳ ଠାରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ୬ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, କଳାହାଣ୍ଡି )କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।୨୪ ତାରିଖ ସକାଳ ଠାରୁ ୨୫ ତାରିଖ ସକାଳ ପର୍ଯ୍ୟନ୍ତ ଭୀଷଣରୁ ଅତି ଭୀଷଣ ବର୍ଷା ସମ୍ଭାବନା ନେଇ ୨ ଜିଲ୍ଲା(ମୟୂରଭଞ୍ଜ, କେନ୍ଦୁଝର)କୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ଭୀଷଣ ବର୍ଷା ସମ୍ଭାବନା ନେଇ ୫ ଜିଲ୍ଲା(ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, ଯାଜପୁର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅନୁରୂପ ଭାବେ ୨୫ ତାରିଖ ସକାଳ ଠାରୁ ୨୬ ତାରିଖ ସକାଳ ପର୍ଯ୍ୟନ୍ତ କେବଳ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୪ ଜିଲ୍ଲା(ସୁନ୍ଦରଗଡ଼, କେନ୍ଦୁଝର, ଯାଜପୁର, ବାଲେଶ୍ୱର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୬ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି।

### ପାରାଦୀପ ବନ୍ଦରରେ କେନ୍ଦ୍ରମନ୍ତ୍ରୀ ସୋନୋୱାଲ

## ଟାଉନସିପ୍ ବାସିନ୍ଦାଙ୍କ ପାଇଁ ପିଏନଜି ସଂଯୋଗ ଆରମ୍ଭ

ଭୁବନେଶ୍ୱର, ୨୧।୮(ନିପ୍ର): କେନ୍ଦ୍ର ବନ୍ଦର ପରିବହନ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପାରାଦୀପ ବନ୍ଦରରେ ଭିତ୍ତିଭୂମି ବିକାଶ, ପରିବେଶ ସୁରକ୍ଷା ଓ କର୍ମଚାରୀ ସୁବିଧା ସହ ସମ୍ପର୍କିତ ଏକାଧିକ ପ୍ରକଳ୍ପର ଉଦ୍ଘାଟନ କରିଛନ୍ତି। ପ୍ରଶାସନିକ କାର୍ଯ୍ୟାଳୟ ଭବନରେ ସେ ମଡେଲ୍ ରୁମ୍ ଉଦ୍ଘାଟନ କରିଥିଲେ। ଏହା ମାଧ୍ୟମରେ ବନ୍ଦରର ଭିତ୍ତିଭୂମି ଓ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଉନ୍ନତ ଯୋଜନା, ପ୍ରଦର୍ଶନ ଓ ଭିଜୁଆଲାଇଜେସନ୍ ରେ ସହାୟତା ମିଳିବ। ଏହି ଅବସରରେ ସୋନୋୱାଲ ପାରାଦୀପ ବନ୍ଦର ପରିସରରେ ୧୦ ଲକ୍ଷତମ ଚାରାଗଛ ରୋପଣ



କରିଥିଲେ। ସେ କହିଥିଲେ ଯେ ଦେଶର ବନ୍ଦରଗୁଡ଼ିକ କେବଳ କ୍ଷମତା ବୃଦ୍ଧି କରୁନାହାନ୍ତି, ବରଂ ପରିବେଶ ସହ ସନ୍ତୁଳନ ରକ୍ଷା କରି ବିକାଶର ଦିଗରେ ଆଗକୁ ବଢୁଛନ୍ତି। ଏହି ଅବସରରେ ସୋନୋୱାଲ ପାରାଦୀପ ବନ୍ଦର ଟାଉନସିପ୍ ପାଇଁ ୨୦ କୋଟି ଟଙ୍କାର ପାଇପଡ୍ ନ୍ୟାଚୁରାଲ୍ ଗ୍ୟାସ୍ ଭିତ୍ତିଭୂମିର ମଧ୍ୟ ଉଦ୍ଘାଟନ କରିଥିଲେ। ଏକ କର୍ମଚାରୀଙ୍କ ଆବାସରେ ଗ୍ୟାସ୍ ଚୁଲା ଜଳାଇ ଚା' ପ୍ରସ୍ତୁତ କରି ସେ ଏହି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହା ସହିତ ପାରାଦୀପ ଭାରତର ପ୍ରଥମ ପ୍ରମୁଖ ବନ୍ଦର ଭାବେ ଟାଉନସିପ୍ ବାସିନ୍ଦାଙ୍କ ପାଇଁ ପିଏନଜି ସଂଯୋଗ ଆରମ୍ଭ କରିଛି ।ସୋନୋୱାଲ କହିଥିଲେ ଯେ ପିଏନଜି ସୁବିଧା ଦ୍ୱାରା ବାସିନ୍ଦାମାନଙ୍କୁ ପରିଷ୍କାର ଓ ନିରବିଚ୍ଛିନ୍ନ ଶକ୍ତି ମିଳିବା ସହ ଘରୋଇ ଗ୍ୟାସ୍ ଖର୍ଚ୍ଚରେ ୪୦ ପ୍ରତିଶତ ପର୍ଯ୍ୟନ୍ତ ସଂଚୟ ହୋଇପାରିବ। ଏହି ପଦକ୍ଷେପ ସ୍ୱଚ୍ଛ ଶକ୍ତିର ବ୍ୟବହାର ବଢ଼ାଇବା ସହ କାର୍ବନ ଉର୍ତ୍ସଜନ ହ୍ରାସରେ ମଧ୍ୟ ସହାୟକ ହେବ।

## ୨୮ରେ ମିଳିବ 'ସୁଭଦ୍ରା' ପଞ୍ଚମ କିସ୍ତି

### ୫,୧୬୦ କୋଟିରୁ ଅଧିକ ଟଙ୍କା

ଭୁବନେଶ୍ୱର,୨୧।୮(ନିପ୍ର): ଆସନ୍ତା ୨୮ ଅଗଷ୍ଟ , ରାଖୀ ପୂର୍ଣ୍ଣିମା ଅବସରରେ ନୟାଗଡ଼ ଜିଲ୍ଲାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ପ୍ରଦାନ କରାଯିବାକୁ ଥିବା ପରିପ୍ରେକ୍ଷୀରେ ଶୁକ୍ରବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ



ପ୍ରସ୍ତୁତିମୂଳକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୫ମ କିସ୍ତିର ଡିବିଟି ପ୍ରଦାନ, ହିତାଧିକାରୀଙ୍କ ତାଲିକା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ସବିଶେଷ ସମୀକ୍ଷା କରିଥିଲେ ।ମୋଟ ୧,୦୩,୨୬,୧୬୨ ଜଣ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯାଇଛି। ହିତାଧିକାରୀମାନଙ୍କୁ ୫,୧୬୦ କୋଟିରୁ ଅଧିକ ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ।

# ସ୍ତ୍ରୀ ଫେରି ପାଇବା ପାଇଁ ନରବଳି: ଧରାପଡ଼ିଲା ଅଭିଯୁକ୍ତ

ବଲାଙ୍ଗୀର,୨୧।୮: ଘର ଭିତରେ ଜଣେ ଯୁବକଙ୍କୁ ବଳି ଦେବା ପରେ କଟାମୁଣ୍ଡକୁ ମାଟି ଭିତରେ ପୋତି ଦେଇଥିବା ଅଭିଯୁକ୍ତ ଧରାପଡ଼ିଛି। ସ୍ତ୍ରୀ ଫେରି ପାଇବା ପାଇଁ ସେ ଏହି ବଳି ଦେଇଥିଲା ବୋଲି ଚର୍ଚ୍ଚା ହେଉଛି। ଜିଲ୍ଲା ଏସପି ସୂଚନା ଦେଇଛନ୍ତି ଯେ ଏହା ହତ୍ୟାକାଣ୍ଡ ନୁହେଁ, ସ୍ତ୍ରୀକୁ ଫେରି ପାଇବା ପାଇଁ ଅଭିଯୁକ୍ତ ନରବଳି ଦେଇଥିଲା । ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ବଲାଙ୍ଗିର ଜିଲ୍ଲା ବଗଡ଼ା ଗାଁରେ। ଧରାପଡ଼ିବା ପରେ ଅଭିଯୁକ୍ତ 'ହଁ ମୁଁ ବଳି ଦେଇଛି' ଏପରି ସ୍ୱୀକାର କରିଥିବା



କୁହାଯାଇଛି। ଅଭିଯୁକ୍ତ ନାଁ ଶତ୍ରୁଘ୍ନଙ୍କ ଖରସେଲ। ଘର ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବଗଡ଼ା ଗାଁରେ। ଗତ ତିନି ଦିନ ତଳେ ଟେବେଡ଼ାମୁଣ୍ଡା ଗାଁର ସନ୍ତୋଷ ଖରସେଲ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ସେ ବଗଡ଼ା ଗାଁକୁ ଆସିଥିବା ଖବର ପାଇଥିଲେ। ସେମାନେ ବଗଡ଼ା ଗାଁକୁ ଆସି ଶତ୍ରୁଘ୍ନ ଖରସେଲର ଘରକୁ ଯାଇଥିଲେ। କିନ୍ତୁ ସେମାନଙ୍କୁ ଘର ଭିତରେ ପଶିବାକୁ ଦେଇନଥିଲେ ଶତ୍ରୁଘ୍ନର ପରିବାର ଲୋକେ। ଶୁକ୍ରବାର ସକାଳେ ବଗଡା ଗାଁ ନିକଟସ୍ଥ ପୋଖରୀରେ ଭାସୁଥିଲା ମୃତ ସନ୍ତୋଷଙ୍କ ମୁଣ୍ଡବିହୀନ ମୃତଦେହ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଶବକୁ ଜବତ କରିବା ସହିତ ଶତ୍ରୁଘ୍ନକୁ ଉଠାଇ ନେଇଥିଲା ପୁଲିସ। ଶତ୍ରୁଘ୍ନର ଘର ଭିତରେ ଏକ ସ୍ଥାନରେ ତମ୍ବା ନାଗ ସହିତ ପଥର ପୂଜା କରାଯାଇଥିଲା। ଆଉ ତା' ନିକଟରେ ହିଁ ପୋତାଯାଇଥିଲା ସନ୍ତୋଷଙ୍କ କଟାମୁଣ୍ଡ। ଅଭିଯୁକ୍ତ ଶତ୍ରୁଘ୍ନର କହିବା ଅନୁଯାୟୀ, ସିଙ୍ଗଡ଼ା ଖାଇବା ପାଇଁ କହି ସେ ସନ୍ତୋଷଙ୍କୁ ତୁଷୁରାରୁ ୫ କିଲୋମିଟର ଦୂର ନିଜ ଘରକୁ ଡାକି ଆଣିଥିଲେ। ଘର ଭିତରେ ପୂଜାପାଠ କରିବା ପରେ ବଳି ଦେଇଥିଲେ। ତା'ପରେ କଟା ମୁଣ୍ଡକୁ ପୂଜାପାଠ ସ୍ଥାନରେ ପୋତି ଦେଇଥିଲେ। ସନ୍ତୋଷଙ୍କ ମୁଣ୍ଡବିହୀନ ମୃତଦେହକୁ ସେ ତାଙ୍କ ଘରଠାରୁ ୫୦ ମିଟର ଦୂରରେ ଥିବା ପୋଖରୀରେ ଫିଙ୍ଗି ଦେଇଥିଲେ। ଶତ୍ରୁଘ୍ନ ପ୍ରଚୁର ମଦ ପିଇ ପୂଜାପାଠ କରି ଗାଁରେ ପାଗଳ ଭଳି ଘୂରି ବୁଲନ୍ତି। ଫଳରେ ତାଙ୍କ ସ୍ତ୍ରୀ ଓ ପୁଅ ତାଙ୍କୁ ଦଶ ବର୍ଷହେଲା ଛାଡ଼ି ଦେଇଥିବା କିଛି ଲୋକଙ୍କ ଚର୍ଚ୍ଚାରୁ ପ୍ରକାଶ।

## ୬ ଆଇପିଏସ୍ ଅଧିକାରୀଙ୍କ ବଦଳି

### ମିଳିଲା ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୧।୮(ନିପ୍ର): ଆଇପିଏସ୍ ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି ଓଡ଼ିଶା ସରକାର। ୬ ଜଣ ଆଇପିଏସ୍ ଅଧିକାରୀଙ୍କୁ ବଦଳି ସହ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ଜାରି ହୋଇଛି ।ବିଜ୍ଞପ୍ତି ଅନୁସାରେ, ହିମାଂଶୁ କୁମାର ଲାଲଙ୍କୁ ଇଓଡବ୍ଲ୍ୟୁ, ଭୁବନେଶ୍ୱର ଏବଂ ଏସଟିଏଫ ଆଇଜି ଭାବେ ନିଯୁକ୍ତି ଦିଆଯାଇଛି ।ସେହିପରି ସତ୍ୟବ୍ରତ ଭୋଇଙ୍କୁ ଆଇଜି ପୁଲିସ, ଇଣ୍ଟେଲିଜେନ୍ସ ଦାୟିତ୍ୱ ଦିଆଯାଇଛି। ଜୟ ନାରାୟଣ ପଙ୍କଜଙ୍କୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ଭାବେ ନିଯୁକ୍ତ କରାଯାଇଛି। ନୀତି ଶେଖରଙ୍କୁ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜି ପଦରୁ ବଦଳି କରାଯାଇ ଆଇଜି ପୁଲିସ (ପ୍ରୋଭିଜନିଂ), ପୁଲିସ ମୁଖ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ଏଥିସହ ଚରଣ ସିଂହ ମୀନଙ୍କୁ ଡିଆଇଜି ପୁଲିସ, ଉତରାଞ୍ଚଳ, ସମ୍ବଲପୁର ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ, କେନ୍ଦ୍ରୀୟ ଡେପୁଟେସନରୁ ପ୍ରତ୍ୟାବର୍ତ୍ତନ ପରେ ଗୃହ ବିଭାଗରେ ଯୋଗ ଦେଇଥିବା ଆଶିଷ କୁମାର ସିଂହଙ୍କୁ ଡିଆଇଜି ପୁଲିସ, ଏନ୍ସିଆର, ତାଳଚେର ସହ ପିଟିସି, ଅନୁଗୁଳର ପ୍ରିନ୍ସିପାଲଙ୍କ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

# ହର ହର ମହାଦେବ



ହିନ୍ଦୁ ପଞ୍ଜିକାର ଅତ୍ୟନ୍ତ ପବିତ୍ର ଓ ପୁଣ୍ୟମୟ ମାସମାନଙ୍କ ମଧ୍ୟରେ ଶ୍ରାବଣ ମାସ ଅନ୍ୟତମ। ଏହି ମାସ ଭଗବାନ ଶିବଙ୍କ ଅତ୍ୟନ୍ତ ପ୍ରିୟ ବୋଲି ବିଶ୍ୱାସ କରାଯାଏ। ତେଣୁ ଏହି ମାସରେ ଦେଶର ବିଭିନ୍ନ ଶିବମନ୍ଦିରରେ ଭକ୍ତମାନଙ୍କର ଅସାଧାରଣ ସମାଗମ ଦେଖିବାକୁ ମିଳେ। ଶିବଭକ୍ତମାନେ ଉପବାସ, ଜପ, ଧ୍ୟାନ ଓ ପୂଜାର୍ଚ୍ଚନା କରି ମହାଦେବଙ୍କ କୃପା ଲାଭ ପାଇଁ ପ୍ରାର୍ଥନା କରନ୍ତି। ଶ୍ରାବଣ ମାସ ହିନ୍ଦୁ ଧର୍ମର ଅତ୍ୟନ୍ତ ପବିତ୍ର ଓ ଭକ୍ତିମୟ ମାସ ଭାବେ ପରିଗଣିତ। ଏହି ମାସ ମହାଦେବ ଭଗବାନ ଶିବଙ୍କ ଆରାଧନା ପାଇଁ ବିଶେଷ ମହତ୍ତ୍ୱ ବହନ କରେ। ବିଶ୍ୱାସ ରହିଛି ଯେ, ଶ୍ରାବଣ ମାସରେ ନିଷ୍ଠା, ଭକ୍ତି ଓ ଶ୍ରଦ୍ଧାର ସହ ଭଗବାନ ଶିବଙ୍କ ପୂଜା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ ଏବଂ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଆସେ। ଏହି ମାସରେ ପ୍ରତ୍ୟେକ ସୋମବାର ଶ୍ରାବଣ ସୋମବାର ବ୍ରତ ପାଳନ କରାଯାଏ। ଭକ୍ତମାନେ ଉପବାସ ରଖି ଶିବଲିଙ୍ଗରେ ଗଙ୍ଗାଜଳ, କ୍ଷୀର, ବେଲପତ୍ର, ଦୁଦୁରା ଫୁଲ ଆଦି ଅର୍ପଣ କରି ମହାଦେବଙ୍କ ଆଶୀର୍ବାଦ କାମନା କରନ୍ତି। ମନ୍ଦିରଗୁଡ଼ିକରେ 'ଓଁ ନମଃ ଶିବାୟ' ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଉଠେ। ଶ୍ରାବଣ ମାସର ଆଉ ଏକ ପ୍ରମୁଖ ଆକର୍ଷଣ ହେଉଛି ବୋଲବମ୍ ଯାତ୍ରା। ହଜାର ହଜାର କାଉଡ଼ିଆ ଭକ୍ତ ପବିତ୍ର ନଦୀରୁ ଜଳ ଆଣି ପଦଯାତ୍ରା କରି ଶିବ ମନ୍ଦିରରେ ଜଳାଭିଷେକ କରନ୍ତି। 'ବୋଲ ବମ୍', 'ହର ହର ମହାଦେବ' ଧ୍ୱନିରେ ସମଗ୍ର ପରିବେଶ ଶିବମୟ ହୋଇଯାଏ। ଶ୍ରାବଣ ମାସ କେବଳ ଧାର୍ମିକ ଆଚାରର ମାସ ନୁହେଁ, ଏହା ଆତ୍ମଶୁଦ୍ଧି, ସଂଯମ, ସେବା, ଭକ୍ତି ଓ ଆଧ୍ୟାତ୍ମିକ ଚେତନାର ମାସ ମଧ୍ୟ। ଏହି ପବିତ୍ର ସମୟରେ ଭକ୍ତମାନେ ସତ୍ୟ, ଧର୍ମ ଓ ସଦାଚାରର ପଥରେ ଚାଲିବାକୁ ସଂକଳ୍ପ ନିଅନ୍ତି। ଶ୍ରାବଣ ମାସ କେବଳ ଧାର୍ମିକ ଆଚାର-ବିଚାରର ମାସ ନୁହେଁ, ବରଂ ପ୍ରକୃତିର ସବୁଜିମା, ବର୍ଷାର ସୌନ୍ଦର୍ଯ୍ୟ ଓ ଭକ୍ତିର ସମନ୍ୱୟର ଏକ ଅପୂର୍ବ ସମୟ। ଏହି ପବିତ୍ର ମାସ ଆମକୁ ସତ୍ୟ, ସଂଯମ, ସେବା, ଭକ୍ତି ଓ ସଦାଚାରର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦେଇଥାଏ।

**ପବିତ୍ର ଶ୍ରାବଣ ମାସ ଭଗବାନ ଶିବଙ୍କ ଆରାଧନା ପାଇଁ ସର୍ବୋତ୍ତମ ମାସ ଭାବେ ପରିଗଣିତ। ଏହି ପବିତ୍ର ମାସରେ ଶିବଭକ୍ତ କାଉଡ଼ିଆମାନେ ପବିତ୍ର ନଦୀରୁ ଜଳ ଆଣି ଶିବଲିଙ୍ଗରେ ଜଳାଭିଷେକ କରି 'ବୋଲ ବମ୍' ଧ୍ୱନିରେ ସମଗ୍ର ପରିବେଶକୁ ଶିବମୟ କରିଦିଅନ୍ତି। ଭକ୍ତି, ଶ୍ରଦ୍ଧା, ତ୍ୟାଗ ଓ ସେବାର ଏହି ପବିତ୍ର ଯାତ୍ରା ଆମକୁ ସତ୍ୟ, ଧର୍ମ ଓ ଆଧ୍ୟାତ୍ମିକତାର ପଥରେ ଅଗ୍ରସର ହେବାକୁ ପ୍ରେରଣା ଦେଇଥାଏ।**

## ଶ୍ରାବଣ ମାସର ବାର୍ତ୍ତା:

*'ଭକ୍ତିରେ ଅଛି ଶକ୍ତି, ଶିବଙ୍କ କୃପାରେ ଅଛି ଜୀବନର ସୁଖ, ଶାନ୍ତି ଓ ମଙ୍ଗଳ। ଆସନ୍ତୁ, ଏହି ପବିତ୍ର ଶ୍ରାବଣ ମାସରେ ମହାଦେବଙ୍କ ଆରାଧନା କରି ଧର୍ମ, ଭକ୍ତି ଓ ମାନବତାର ପଥରେ ଆଗେଇବା।'*






# ପ୍ରଣାମର ପ୍ରକୃତ ଅର୍ଥ କ'ଣ ?

ଭାରତୀୟ ପରମ୍ପରା ଏବଂ ସଂସ୍କୃତିରେ 'ନମସ୍କାର' କିମ୍ବା 'ପ୍ରଣାମ' କେବଳ ଏକ ସାଧାରଣ ଅଭିବାଦନ ନୁହେଁ, ବରଂ ଏହା ଏକ ଗଭୀର ଆଧ୍ୟାତ୍ମିକ ଏବଂ ବୈଜ୍ଞାନିକ ମହତ୍ତ୍ୱ ବହନ କରେ। ଦୁଇ ହାତ ଯୋଡ଼ି ନମସ୍କାର କରିବା ଭାରତୀୟ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ।

### ନମସ୍କାରର ଶାବ୍ଦିକ ଏବଂ ଆଧ୍ୟାତ୍ମିକ ଅର୍ଥ:

ସଂସ୍କୃତ ଶବ୍ଦ 'ନମଃ' ରୁ ନମସ୍କାରର ଉତ୍ପତ୍ତି ହୋଇଛି, ଯାହାର ଅର୍ଥ ହେଉଛି ଅହଂକାରକୁ ତ୍ୟାଗ କରି ଅନ୍ୟ ଆଗରେ ନତମସ୍ତକ ହେବା। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ, ଏହାର ଅର୍ଥ ହେଉଛି 'ମୋ ଭିତରେ ଥିବା ଆତ୍ମା, ଆପଣଙ୍କ ଭିତରେ ଥିବା ଆତ୍ମାକୁ ପ୍ରଣାମ କରୁଛି' । ଏହା ମନୁଷ୍ୟ ମଧ୍ୟରେ ଥିବା ସମାନତା ଏବଂ ଦୈବୀ ଶକ୍ତିକୁ ସ୍ୱୀକୃତି ଦେଇଥାଏ।

### ବୈଜ୍ଞାନିକ ତଥା ମନୋବୈଜ୍ଞାନିକ ଦୃଷ୍ଟିକୋଣ:

ଦୁଇ ହାତ ଯୋଡ଼ିବା ଦ୍ୱାରା ଶରୀରର ଡାହାଣ ଏବଂ ବାମ ମସ୍ତିଷ୍କ ମଧ୍ୟରେ ସମନ୍ୱୟ ରକ୍ଷା ହୋଇଥାଏ। ଆଙ୍ଗୁଠିର ଅଗ୍ରଭାଗ ପରସ୍ପର ସହ ସ୍ପର୍ଶ ହେବା ଦ୍ୱାରା ଏକ୍ୟୁପ୍ରେସର ପଏଣ୍ଟଗୁଡ଼ିକ ସକ୍ରିୟ ହୋଇଥାଏ, ଯାହା ଆଖି, କାନ ଏବଂ ମସ୍ତିଷ୍କର ସ୍ମୃତି ଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ। ଏହାବ୍ୟତୀତ, ହାତ ମିଳାଇବା ପରିବର୍ତ୍ତେ ନମସ୍କାର କରିବା ଦ୍ୱାରା ଜୀବାଣୁ ସଂକ୍ରମଣରୁ ମଧ୍ୟ ରକ୍ଷା ମିଳିଥାଏ।

### ଭାରତୀୟ ସଂସ୍କୃତିରେ ପ୍ରଣାମର ମହତ୍ତ୍ୱ:

ଭାରତରେ ବୟସ୍କ, ଗୁରୁ ଏବଂ ସମ୍ମାନନୀୟ ବ୍ୟକ୍ତିମାନଙ୍କୁ ଶ୍ରଦ୍ଧାର ସହିତ ପ୍ରଣାମ କରିବା ଏକ ପ୍ରାଚୀନ ପରମ୍ପରା। ଏହା ଶୃଙ୍ଖଳା, ନମ୍ରତା ଏବଂ ସଂସ୍କାରର ପ୍ରତୀକ ଅଟେ। ଗୁରୁଜନମାନଙ୍କ ଚରଣ ସ୍ପର୍ଶ କରିବା ଦ୍ୱାରା ସେମାନଙ୍କର ସକାରାତ୍ମକ ଶକ୍ତି ଏବଂ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।





# ମୃତ୍ୟୁ ପରେ ଶରୀରକୁ କାହିଁକି ଏକା ଛଡ଼ାଯାଏ ନାହିଁ ?



ଗରୁଡ଼ ପୁରାଣ ଅନୁସାରେ, ପୃଥିବୀରେ ଜନ୍ମ ହୋଇଥିବା ଯେକୌଣସି ଜୀବର ଅନ୍ତ ଘଟିଥାଏ । ସେ ମଣିଷ, ପଶୁ କିମ୍ବା ପକ୍ଷୀ ହୁଅନ୍ତି କି ଦେବତା କେହି ମୃତ୍ୟୁରୁ ରକ୍ଷା ପାଇପାରିବେ ନାହିଁ । ଗ୍ରହ, ନକ୍ଷତ୍ର ଏବଂ ସୂର୍ଯ୍ୟଙ୍କର ମଧ୍ୟ ଏକ ସ୍ଥିର ଜୀବନକାଳ ଅଛି । ଏହାକୁ ଜନ୍ମ ଏବଂ ମୃତ୍ୟୁ ଚକ୍ର କୁହାଯାଏ । ଏହି ଚକ୍ରରେ, ଜଣେ ବ୍ୟକ୍ତି ତାଙ୍କ କର୍ମ ଏବଂ ମାନସିକ ଅବସ୍ଥା ଆଧାରରେ ବିଭିନ୍ନ ପ୍ରଜାତିରେ ପୁନର୍ଜନ୍ମ ପାଆନ୍ତି । ଆତ୍ମା ମୋକ୍ଷ ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଏହି ଚକ୍ର ଜାରି ରହେ । ଗରୁଡ଼ ପୁରାଣ ମୃତ୍ୟୁ ପରବର୍ତ୍ତୀ ପ୍ରକ୍ରିୟା ସମ୍ପର୍କରେ ଅନେକ ନିୟମ ବର୍ଣ୍ଣନା କରେ । ଏହି ପ୍ରଶ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ମୃତ୍ୟୁ ପରେ କାହିଁକି ଏକ ମୃତ ଶରୀରକୁ ଏକା ଛାଡ଼ଯାଏନି ଏବଂ କାହିଁକି ତୁରନ୍ତ ଶେଷକୃତ୍ୟ କରାଯାଏ ନାହିଁ ?

### *ମୃତଦେହକୁ ଏକା ନ ଛାଡ଼ିବା ପଛରେ ୩ଟି ମୁଖ୍ୟ କାରଣ:*

**୧. ସୁରକ୍ଷା**

ଗରୁଡ଼ ପୁରାଣ ଅନୁସାରେ, ଯଦି କୌଣସି ଶବକୁ ଅବ୍ୟବସ୍ଥିତ ଭାବରେ ଛାଡ଼ି ଦିଆଯାଏ, ତେବେ କୀଟପତଙ୍ଗ, ପିମ୍ପୁଡ଼ି କିମ୍ବା ଅନ୍ୟାନ୍ୟ ଜୀବ ମୃତଦେହକୁ କ୍ଷତି ପହଞ୍ଚାଇପାରନ୍ତି । ତେଣୁ କେହି ଜଣେ ପାଖରେ ବସି ଏହାର ଯତ୍ନ ନିଅନ୍ତି ।

**୨. ନକାରାତ୍ମକ ଶକ୍ତିରୁ ସୁରକ୍ଷା**

ଧାର୍ମିକ ବିଶ୍ୱାସ ଅନୁସାରେ, ରାତିରେ ମୃତଦେହକୁ ଏକା ଛାଡ଼ିବା ନକାରାତ୍ମକ ଶକ୍ତି ଦ୍ୱାରା ପ୍ରଭାବିତ ହୋଇପାରେ । ଏହା ପରିବାର ପାଇଁ ମାନସିକ ଏବଂ ଭାବପ୍ରବଣ କଷ୍ଟର କାରଣ ମଧ୍ୟ ହୋଇପାରେ ।

**୩. ଆତ୍ମା ସଂଯୋଗ**

ଗରୁଡ଼ ପୁରାଣରେ କୁହାଯାଇଛି ଯେ, ଯେ ପର୍ଯ୍ୟନ୍ତ ଶରୀରକୁ ଦାହ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଆତ୍ମା କୌଣସି ପ୍ରକାରେ ଶରୀର ଏବଂ ତା'ର ପରିବାର ସହିତ ସଂଯୁକ୍ତ ରହିଥାଏ । ତେଣୁ ଶରୀରକୁ ଏକା ଛାଡ଼ିବା ଆତ୍ମାକୁ କଷ୍ଟ ଦେଇପାରେ ।





### *ଏହି ୩ଟି କାରଣ ପାଇଁ ଶବଦାହ କିଛି ସମୟ ପାଇଁ ଗଡ଼ାଇ ଦିଆଯାଏ:*

**୧. ଯଦି ସୂର୍ଯ୍ୟାସ୍ତ ପରେ ମୃତ୍ୟୁ ହୁଏ**

ହିନ୍ଦୁ ବିଶ୍ୱାସ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ସୂର୍ଯ୍ୟାସ୍ତ ପରେ ମୃତ୍ୟୁବରଣ କରନ୍ତି । ତେବେ ସେହି ସମୟରେ ଶବଦାହ କରାଯାଏ ନାହିଁ । ଏପରି ପରିସ୍ଥିତିରେ, ଶରୀରକୁ ରାତିସାରା ଘରେ ରଖାଯାଏ ଏବଂ ପରଦିନ ସକାଳେ ଶେଷକୃତ୍ୟ କରାଯାଏ । ଧାର୍ମିକ ଗ୍ରନ୍ଥଗୁଡ଼ିକ ବିଶ୍ୱାସ କରନ୍ତି ଯେ, ରାତିରେ ଶବଦାହ କରିବା ଦ୍ୱାରା ଆତ୍ମାକୁ ଶାନ୍ତି ମିଳେ ନାହିଁ ଏବଂ ଏହାର ପ୍ରଗତିରେ ବାଧା ସୃଷ୍ଟି ହୋଇପାରେ ।

**୨. ପଞ୍ଚକ ସମୟରେ ମୃତ୍ୟୁ ହେଲେ**

ଗରୁଡ଼ ପୁରାଣ ଅନୁସାରେ, ଯଦି ପଞ୍ଚକ ସମୟରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୁଏ । ତେବେ ପଞ୍ଚକ ସମୟ ଶେଷ ନହେବା ପର୍ଯ୍ୟନ୍ତ ଶବଦାହ କରାଯାଏ ନାହିଁ । ଏହି ସମୟରେ, ଶରୀରକୁ ଘରେ ରଖାଯାଏ ଏବଂ ଯତ୍ନ ନିଆଯାଏ । ଏହା ବିଶ୍ୱାସ କରାଯାଏ ଯେ, ପଞ୍ଚକ ସମୟରେ ମୃତ୍ୟୁ ଏକ ବିଶେଷ ନକାରାତ୍ମକ ପ୍ରଭାବ ଆଣିଥାଏ । ଏହି ନକାରାତ୍ମକ ପ୍ରଭାବକୁ ଏଡାଇବା ପାଇଁ, ନକାରାତ୍ମକ ପ୍ରଭାବକୁ ଏଡାଇବା ପାଇଁ, ନକାରାତ୍ମକ ପ୍ରଭାବକୁ ନିରପେକ୍ଷ କରିବା ପାଇଁ କିଛି ଧାର୍ମିକ ପଦକ୍ଷେପ ନିଆଯାଇଥାଏ ।

**୩. ପୁଅ କିମ୍ବା ଝିଅ ବାହାରେ ଥିବା କ୍ଷେତ୍ରରେ**

ଯଦି ମୃତକଙ୍କ ପୁଅ କିମ୍ବା ଝିଅ ସେହି ସମୟରେ ଉପସ୍ଥିତ ନ ଥାନ୍ତି, ତେବେ ସେମାନଙ୍କ ଆସିବା ପର୍ଯ୍ୟନ୍ତ ଶବଦାହକୁ ସ୍ଥଗିତ ରଖାଯାଏ । ଏହା ବିଶ୍ୱାସ କରାଯାଏ ଯେ, ପିଲା ଦ୍ୱାରା କରାଯାଇଥିବା ଶବଦାହ ଆତ୍ମାକୁ ଶାନ୍ତି ଦିଏ ।

# କଂସ ବଧ ନିମନ୍ତେ ମାନବ ଅବତାର



ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଧରାବତରଣ କରିଥିଲେ ଭଗବାନ ବିଷ୍ଣୁ । ଏହା ଥିଲା ତାଙ୍କର ଶ୍ରୀକୃଷ୍ଣ ଅବତାର । କଂସଦ୍ୱାରା ବନ୍ଦୀ ଭଗ୍ନୀ ଦେବକୀଙ୍କ ଗର୍ଭରୁ ବନ୍ଦିଶାଳାରେ ଅର୍ଦ୍ଧ ରାତ୍ରୀରେ ରୋହିଣୀ ନକ୍ଷତ୍ର- ବୃଷରାଶିର ସଂଯୋଗ ସମୟରେ କୃଷ୍ଣ ଜନ୍ମ ଲାଭ କରିଥିଲେ । ବନ୍ଦୀଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ । ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ । ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ଜନ୍ମ ନେଇଛନ୍ତି । ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ । ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ, ତେଣୁ ସେଠାରେ ଜନ୍ମ ନେଇଥିବା ବିଜୁଳି କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ଥୋଇଦେଇ ଆସିବାକୁ ପିତାଙ୍କୁ କହିଲେ । ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରତିରେ ବାହାରିଲେ । ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହେଇଗଲା, ବସୁଦେବଙ୍କ ଗୋଡ଼ରୁ ବେଢ଼ି ଖୋଲିଗଲା ଏବଂ ବନ୍ଦିଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା। ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ଗଲେ । ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ବାସୁକି ନିଜର ବିଶାଳ ଫଣା ଢାଙ୍କି ଚାଲିଲେ ।ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦଘରେ ଛାଡିଥିଲେ ବସୁଦେବ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ । ଭଗବାନ କୃଷ୍ଣଙ୍କ ଏହି ଜନ୍ମ ଦିବସକୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣାଷ୍ଟମୀ, ସାତମ୍ ଆଠମ୍, ଗୋକୁଳାଷ୍ଟମୀ, ଅଷ୍ଟମୀ ରୋହିଣୀ, ଶ୍ରୀକୃଷ୍ଣ ଜୟନ୍ତୀ ଓ ଶ୍ରୀଜୟନ୍ତୀ ନାମରେ ମଧ୍ୟ ଜଣାଯାଏ ।

## ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ବିଧାନସଭା ଷ୍ଟାଣ୍ଡିଂ କମିଟିର ଭାପୁର ବ୍ଲକ ଗସ୍ତ

ଭାପୁର,(ନିପ୍ର): ଭାପୁର ବ୍ଲକର ମହାନଦୀ କୂଳିଆ କରବର ପଞ୍ଚାୟତର କରବର,ନଣ୍ଡାବର, ଗୁଡୁପଡା ଓ ମାଣିତ୍ରି ଗ୍ରାମ ଚାଷୀମାନଙ୍କର ଫସଲ ଗତ ବନ୍ୟାରେ ବିଶେଷ ଭାବରେ ଅର୍ଥାତ ୩୨୬ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିବା ନେଇ ସରକାରୀ ଭାବରେ ଜଣାପଡିଛି। ଏହି ରିପୋର୍ଟ ରାଜ୍ୟ ସରକାରଙ୍କ ପାଖରେ ପହଞ୍ଚିଲା ପରେ ବୁଧବାର ବିଧାନସଭାର ଏକ ଷ୍ଟାଣ୍ଡିଂ କମିଟି ବିଧାୟକ ଲକ୍ଷ୍ମଣ ବାଗଙ୍କ ଅଧକ୍ଷତାରେ ବନ୍ୟା ପ୍ରଭାବିତ କ୍ଷତିଗ୍ରସ୍ତ ଅଞ୍ଚଳ ପରିଭ୍ରମଣ କରି ଫେରିଛନ୍ତି। ଏହି କମିଟିରେ ଖଣ୍ଡପଡା ବିଧାୟକ,ବିଧାୟକ ଭାସ୍କର ମାଢେଇ,ବିଧାୟକ ଦଶରଥୀ ଗମାଙ୍ଗ,ଦୁର୍ଗାଚରଣ ତନ୍ତୀ,ଶତ୍ରୁଘ୍ନ ଜେନା ଏବଂ ବିଭୂତି ଭୂଷଣ ପ୍ରଧାନ ବନ୍ୟା ପ୍ରଭାବିତ କରବର ପଞ୍ଚାୟତ ଭ୍ରମଣ କରି ଫେରିଛନ୍ତି।

## ପୁରୀ ବେଳାଭୂମିରେ କେହି ଜୀବିକା ହରାଇବେ ନାହିଁ - ପ୍ରଭାତୀ

ପୁରୀ,(ନିପ୍ର): ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ତରଫରୁ ବିଶ୍ୱ ଫଟୋ ଗ୍ରାଫି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ପୁରୀ ସମୁଦ୍ର କୂଳ ଠାରେ ସକାଳେ ଅନୁଷ୍ଠିତ ହୋଇଥିଲା । କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ସମୁଦ୍ର କୂଳ ଥାନା ଅଧିକାରୀ ମାନସ ଚକ୍ରା ଉଦ୍‌ଘାଟନ କରିଥିଲେ।

ଏଥିରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ପୁରୀ ସମୁଦ୍ର କୂଳରେ କେହି ଯେପରି ନିଜର ଜୀବନ ଜୀବିକା ନ ହରେଇବେ । ସେଥିପାଇଁ ଦୃଷ୍ଟି ଦେଇ ପୁରୀ ବେଳାଭୂମିର ଉନ୍ନତି କରଣ କରାଯିବ ବୋଲି କହି ଥିଲେ । ଏହା ସହିତ ଫଟୋ ଗ୍ରାଫର ମାନଙ୍କ ପାଇଁ ଯେମିତି ଖୁବ୍ ପରିଚୟପତ୍ର ପ୍ରଦାନ କରାଯିବ । ଆଗାମୀ ସାତ ଦିନ ଭିତରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସାଂସଦ ପୁରୀ ସମ୍ବିତ୍ ପାତ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଫଟୋ ଗ୍ରାଫି ଓ ପର୍ଯ୍ୟଟନ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ପୁରୀ ବିଚ୍ ଫଟୋଗ୍ରାଫର ମହସଂଘ୍ ଏକ ଶୃଙ୍ଖଳିତ ସଂଘ ବୋଲି କହିଥିଲେ।ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ପୁରୀ ବିଚ୍ ଫଟୋ ଗ୍ରାଫର ମହାସଂଘ ପରାମର୍ଶ ଦାତା ସିଦ୍ଧାର୍ଥ ରାୟ ଓ ଆଡଭୋକେଟ୍ ଶ୍ରୀକାନ୍ତ ପରିଜା ମହାସଂଘ୍ର ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦେଇ ଥିଲେ। ଏହି ଅବସରରେ ଆଗାମୀ ଦିନରେ ରାଜଧାନୀରେ ହେବାକୁ ଥିବା ଫଟୋ ଫେୟାରର ପୋଷ୍ଟରକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

## ମହିଳାଙ୍କ ନଗ୍ନ ଫଟୋ ଭାଇରଲ କରି ଯୁବକ ଗିରଫ

ଭାପୁର,(ନିପ୍ର): ଭାପୁର ବ୍ଲକ ଅଞ୍ଚଳର ଜଣେ ସମ୍ପର୍କୀୟ ଭାଉଜଙ୍କ ନଗ୍ନ ଫଟୋ ଉଠାଇ ଏବଂ ସେ ସବୁ ଫଟୋକୁ ଫେସବୁକରେ ଭାଇରଲ କରିବା ଅଭିଯୋଗରେ ପୋଲିସ କଟକ ଜିଲ୍ଲା ବଡମ୍ବା ଥାନା ଗୋବର୍ଦ୍ଧନପୁର ଗ୍ରାମର ବୁଲୁ ନାୟକଙ୍କ ପୁଅ ବବୁଲ ନାୟକ (୨୮)ଙ୍କୁ ଗିରଫ କରି ଜେଲ ହାଜତକୁ ପଠେଇଛି। ଘଟଣାରୁ ପ୍ରକାଶ,ବବୁଲୁ ଫତେଗଡ଼ ଥାନା ଅଞ୍ଚଳର ଜଣେ ସମ୍ପର୍କୀୟ ଭାଇଙ୍କ ଘରକୁ ଯିବା ଆସିବା କରନ୍ତି। ଧୀରେ ଧୀରେ ଭାଉଜଙ୍କ ସହିତ ଯୁବକଙ୍କ ନିବିଡ଼ ସମ୍ପର୍କ ହେବାରୁ କିଛି ନଗ୍ନ ଫଟୋ ମୋବାଇଲରେ ଉଠେଇ ମହିଳାଙ୍କୁ ବ୍ଲାକମେଲ କରି ଆସୁଥିଲେ।ଏହି ଘଟଣାରେ ଅତିଷ୍ଠ ହୋଇ ମହିଳା ଜଣଙ୍କ ଥାନାରେ ଲିଖିତ ଅଭିଯୋଗ କରିଥିଲେ।ଏହି ସମ୍ବେଦନଶୀଳ ଘଟଣାକୁ ପୋଲିସ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରି ବବୁଲକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । କିନ୍ତୁ,ସେଠାରେ ଜାମିନ ନାମଞ୍ଜୁର ହେବାରୁ ସମ୍ପୃକ୍ତ ଯୁବକ ଜେଲ ହାଜତକୁ ଯାଇଥିବା ଥାନା ସୂତ୍ରରୁ ପ୍ରକାଶ।

## ବ୍ରହ୍ମପୁରରେ ପୁରସ୍କାର ବିତରଣ

ବ୍ରହ୍ମପୁର,(ନିପ୍ର): ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ କପ୍ ପ୍ରଦାନ ସହ ପୁରସ୍କୃତ କରାଯାଇଛି । ଏଥି ନିମନ୍ତେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଶାସନ ସଚିବ ରାମେଶ୍ୱର ପ୍ରଧାନ ଏବଂ ଅନୁଶାସନ ସଚିବ ସୁଶ୍ରୀ ତନୁଶ୍ରୀ ପାତ୍ର ଯୋଗ




ଦେଇଥିଲେ। ବିଭିନ୍ନ ବୌଦ୍ଧିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବା ସହ ଆଗାମୀ ଦିନରେ ଏପରି ସଫଳତା ବଜାୟ ରଖିବାକୁ ଅନୁପ୍ରେରିତ କରିଥିଲେ । ସରକାରୀ ସେବା କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ସହ କର୍ତ୍ତବ୍ୟ ସମ୍ପାଦନ କରିଥିବା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ମଧ୍ୟ ଏହି ଅବସରରେ ମାନପତ୍ର, ଉତ୍ତରୀୟ ଏବଂ କପ୍ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

# ଶିକ୍ଷକ ପୂରଣ ଦାବିରେ ରଜିଆ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ




ଚମ୍ପୁଆ,(ନିପ୍ର): ବିଦ୍ୟାଳୟରେ ନାହାନ୍ତି ଆବଶ୍ୟକ ଶିକ୍ଷକ। ଶିକ୍ଷକ ପଦବୀ ପୂରଣ ଦାବିରେ ସ୍କୁଲ ବାହାରେ ତାଲା ପକାଇଲେ ଅଭିଭାବକ। ଚମ୍ପୁଆ ବ୍ଲକ ଦୋଲିତା ସ୍ଥିତ ରଜିଆ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାହାରେ ଶୁକ୍ରବାର ଚାବି ପକାଇଛନ୍ତି ଅଭିଭାବକ । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମଶ୍ରେଣୀ ଯାଏଁ ୨୫୯ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ ବିଦ୍ୟାଳୟରେ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି।

ଷଷ୍ଠ ସପ୍ତମ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ହେଲେ ଶିକ୍ଷକ ନିଯୁକ୍ତି ହୋଇନଥିବା ବେଳେ ନବମ ଦଶମ ଶ୍ରେଣୀ ପାଇଁ ମାତ୍ର ଚାରିଜଣ ଶିକ୍ଷକ ଅଛନ୍ତି। ପିଇଟି, ଓ ହିନ୍ଦୀ ଶିକ୍ଷକ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି। ଏହାସହିତ ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦୁଇମାସରୁ ଅଧିକ ହେବ ଏସଆର ଡ୍ୟୁଟି ଦିଆଯାଇଥିବାରୁ ଦୁଇମାସ ହେବ ସେ ସ୍କୁଲ ଆସୁନଥିବାରୁ ଦୁଇମାସ ହେବ ସ୍କୁଲରେ ଗଣିତ ପାଠ ପଢା ବନ୍ଦ ରହିଛି।

ଆଗକୁ ମେଟ୍ରିକ୍ ପରୀକ୍ଷା ଥିବାବେଳେ ପାଠ ପଢ଼ା ହେଇ ପାରୁନାହିଁ।

ଏହାକୁ ନେଇ ଅଭିଭାବକ ଅନେକ ଥର ଶିକ୍ଷା ବିଭାଗ ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉନଥିବାରୁ ବିଦ୍ୟାଳୟରେ ଚାବି ପକାଇଛନ୍ତି ଅଭିଭାବକ। ଫଳରେ ଛାତ୍ରଛାତ୍ରୀ ଶିକ୍ଷକ ବାହାରେ ରହିଥିବାରୁ ପାଠପଢା ବନ୍ଦ ରହିଛି।

# ଗଣ୍ଡାହାତୀର ସୁରକ୍ଷା ନିମନ୍ତେ ଅଣ୍ଟା ଭିଡ଼ିଲେ ପ୍ରଶାସନିକ ଅଧିକାରୀ

ପାରଳାଖେମୁଣ୍ଡି,(ନିପ୍ର): ବର୍ଷାଋତୁ ପରେ ପରେ ସବୁଆଡେ ସେପ୍ଟେମ୍ବର ମାସ ୨୭ ତାରିଖରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯିବ। କିନ୍ତୁ ସବୁ ପର୍ଯ୍ୟଟନସ୍ଥଳୀ ଯଦି ସେ ସମୟ ବେଳକୁ ସୁରକ୍ଷିତ ନ ଥିବ ତଥା ଅପରିଷ୍କାର ହୋଇରହିଥିବ । ତେବେ ହୁଏତ ଏହି ପର୍ଯ୍ୟଟନ ଦିବସ ପାଳନର ମୂଲ୍ୟ ହିଁ କିଛି ରହିବ ନାହିଁ। ଏହି କଥାକୁ ଚିନ୍ତା କରି କିପରି ଏକ ଜନ ଆନ୍ଦୋଳନ ସୃଷ୍ଟି କରି ପରିବେଶକୁ ସୁରକ୍ଷା କରାଯାଇପାରିବ ସେ ନେଇ । ଏକ ନିଆରା ଦୃଶ୍ୟ ଗଜପତି ଜିଲ୍ଲାର ଗଣ୍ଡାହାତୀ ଜଳପ୍ରପାତ ନିକଟରେ ଦେଖିବାକୁ ମିଳିଥିଲା।



ଏହିକ୍ରମରେ ଗଜପତି ଜିଲ୍ଲା ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଖଣି ଅଧିକାରୀ ଦିପେନ ପରିଡ଼ା ଓ ମଳୟ କୁମାର ସେଠୀ ତଥା ଗାରାବନ୍ଧ ଥାନାଧିକାରୀ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ନିଷିକାଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର କର୍ମଚାରୀ ତଥା ଅଖିଳ ଭାରତୀୟ ଯୁବାଜନ ସେବା ସମିତିର ମୁଖ୍ୟ କୁମାର ରେଡ୍ଡୀ, ଗୋପାଳପୁର ସ୍ଥିତ ଆଇ.ଆର.ଇ.ରେ କାର୍ଯ୍ୟରତ ମନୋରଞ୍ଜନ ବେହେରା, ଟୁଟୁ ନାୟକ ଓ ସମାଜସେବୀ ମନୋଜ ମିଶ୍ରଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲାର ସ୍ୱେଚ୍ଛାସେବୀ, ଭାରତୀୟ ମାନବ ଅଧିକାର ପରିଷଦର ଅଧକ୍ଷ ଲକ୍ଷ୍ମୀକାନ୍ତ ପାଢ଼ୀ ତଥା ସାମ୍ବାଦିକ ଅମିତ ପଟ୍ଟନାୟକ ଓ ରାଜେନ୍ଦ୍ର କୁମାର ରଥଙ୍କ ନେତୃତ୍ୱରେ ଶତାଧିକ ସ୍ୱେଚ୍ଛାସେବୀ, ସାମ୍ବାଦିକ ଗଣ୍ଡାହାତୀ ଜଳପ୍ରପାତ ନିକଟରେ ଏକାଠି ହୋଇ ସଫେଇ କାର୍ଯ୍ୟ ଆରମ୍ଭ କରି ଜଳପ୍ରପାତ ନିକଟରେ ପଡିଥିବା ପ୍ଲାଷ୍ଟିକ ବୋତଲ ତଥା କାଚ ବୋତଲକୁ ସଫା କରିଥିଲେ। ସେହିପରି ଖଣି ବିଭାଗ ତରଫରୁ ଏହି ଜଳପ୍ରପାତ ନିକଟରେ କିଛି ଡଷ୍ଟବିନ ବି ସ୍ଥାପନ କରାଯାଇଥିଲା । ପରେ ସମସ୍ତ ସ୍ୱେଚ୍ଛାସେବୀଙ୍କ ତରଫରୁ ଏହି ଜଳପ୍ରପାତକୁ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ ଘୋଷଣା କରି ଏହି ପରିବେଶକୁ ଦୂଷିତ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରଶାସନ ନିକଟରେ ଦାବି ରଖାଯାଇଥିଲା।

ସୂଚନାଯୋଗ୍ୟ, ଆଜି ଗଜପତି ଜିଲ୍ଲା ଆରକ୍ଷୀ ଅଧିକାରୀ ପ୍ରହଲ୍ଲାଦ ସହାୟ ମିନାଙ୍କ ନିର୍ଦ୍ଦେଶ କ୍ରମେ ଗାରାବନ୍ଧ ଥାନାର ବହୁ କର୍ମଚାରୀ, ବନ ବିଭାଗର ଫୋରେଷ୍ଟର ଦିବାକର ଲେଙ୍କା ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଦୟା ପାଲକା ଏହି କାର୍ଯ୍ୟକ୍ରମର ପ୍ରଥମରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ହୋଇ ସମସ୍ତ ପର୍ଯ୍ୟଟକଙ୍କୁ ପରିବେଶର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ନେଇ ସଚେତନ କରାଇଥିଲେ। ଏହି ସେବା କାର୍ଯ୍ୟରେ ଯଥାର୍ଥ ସାହାଯ୍ୟ ସହଯୋଗର ହାତ ବଢାଇଥିଲେ।

## ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ

ଜଟଣୀ,(ନି.ପ୍ର): ଜଟଣୀ ବ୍ଲକ ଅଧିନ ତରାବୋଇ ଗ୍ରାମ ଠାରେ ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଦକ୍ଷତା ବିକାଶ ପ୍ରତିଷ୍ଠାନର ୫ମ ବାର୍ଷିକ ସ୍ଥାପନା ଦିବସ ଗୁରୁବାର ଏସଡ଼ିଆଇ କ୍ୟାମ୍ପସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଏସଡ଼ିପି ଲକ୍ଷ୍ୟ ହାସଲ ଏବଂ ଓଡ଼ିଶାରେ ଧାତୁ ଓ ଖଣି ବିଦ୍ୟା ବ୍ୟତିତ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଦକ୍ଷତା ବିକାଶ ଇନଷ୍ଟିଚ୍ୟୁଟ ମାଧ୍ୟମରେ ଝିଅମାନେ ସିଲେଇ ଓ ପାମ୍ପଡ଼ ପ୍ରସ୍ତୁତ କରିବା ଭଳି ପାରମ୍ପରିକ ଦକ୍ଷତାରୁ ଆଗକୁ ବଢ଼ି ଉନ୍ନତ ଦକ୍ଷତା ହାସଲ କରୁଥିବା ସେ କହିଥିଲେ। ଉତ୍ସବରେ ତରାବୋଇ ଏସଡ଼ିଆଇର ନିର୍ଦ୍ଦେଶକ (ମାନବ ସମ୍ବଳ) ରଶ୍ମି ଗୋଭିଲ ସ୍ୱାଗତ ଭାଷଣ ଦେଇଥିଲେ। ସିଙ୍ଗାପୁର ଗ୍ଲୋବାଲ ଫାଇନାନ୍ସ ଏବଂ ଟେକ୍ନୋଲୋଜି ନେଟୱାର୍କର ଇଣ୍ଡିଆ ହେଡ୍ ଭିନିସେଣ୍ଟ ଲିଉ,ଏନଏସଡ଼ିସିର ସିଏଫଓ ରାଜେଶ କୁମାର ସ୍ୱାଇକ୍, ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିସନର ତଥା ସଚିବ ଭୁପେନ୍ଦ୍ର ସିଂହ ପୁନିଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏସଡ଼ିଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରନ ଭୌମିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଏସଡବ୍ଲ୍ୟୁ ଷ୍ଟିଲ୍‌ର ୫ ଏମଟିପିଏ ସମନ୍ୱିତ ଇସ୍ପାତ ପ୍ରକଳ୍ପ ପାଇଁ ୧୨ ଗ୍ରାମସଭା ସମାପ୍ତ

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ଲିମିଟେଡ୍ ଦ୍ୱାରା ପ୍ରସ୍ତାବିତ ବାର୍ଷିକ ୫ ମିଲିୟନ ଟନ ଉତ୍ପାଦନକ୍ଷମ ସମନ୍ୱିତ ଇସ୍ପାତ କାରଖାନା ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସମସ୍ତ ୧୨ଟି ଗ୍ରାମରେ ଗ୍ରାମସଭା ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି।

ଯମୁନାପୋଷୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯମୁନାପୋଷୀ ଗ୍ରାମରେ ଆୟୋଜିତ ଗ୍ରାମସଭା ସହିତ ଅନ୍ୟ ଗ୍ରାମଗୁଡ଼ିକରେ ଏହି ପ୍ରକ୍ରିୟା ସଫଳତାପୂର୍ବକ




ସମ୍ପୂର୍ଣ୍ଣ ହୋଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ତଥା ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକରଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନର ସହଯୋଗରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ଦ୍ରୁତ, ସମନ୍ୱିତ ଏବଂ ବ୍ୟାପକ ପ୍ରୟାସ ଯୋଗୁଁ ଏହି ସଫଳତା ମିଳିଛି। ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଏହି ପ୍ରକ୍ରିୟାକୁ ସୁଗମ କରାଯାଇଥିଲା। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ଦଣ୍ଡପାଟ, ସ୍ୱତନ୍ତ୍ର ଭୂ-ଅର୍ଜନ ସେଲର ଅଧିକାରୀ ରଞ୍ଜିତ କୁମାର ଦାଶ, ତ୍ରିଭୁବନ ଦାସ, ପ୍ରଦ୍ୟୁମ୍ନ କୁମାର ଜେନା ଓ ଅନ୍ୟ ରାଜସ୍ୱ କର୍ମଚାରୀଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ବୈଧାନିକ ଗ୍ରାମସଭା ପ୍ରକ୍ରିୟା ଶୃଙ୍ଖଳିତ ଓ ସଫଳତାର ସହ ସମାପ୍ତ ହୋଇପାରିଛି।

## ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ୩୫ତମ ଶ୍ରାଦ୍ଧ ଉତ୍ସବ

କଟକ,(ନିପ୍ର): ସ୍ଥାନୀୟ ବିଜୁପଟ୍ଟନାୟକ ଛକ ସ୍ଥିତ ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ପ୍ରଖ୍ୟାତ ଔପନ୍ୟାସୀକ ଗୋପୀନାଥ ମହାନ୍ତିଙ୍କ ୩୫ତମ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ଓ ସଭାପତି ଡ଼ ଇଂ ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପୂର୍ବତନ ପ୍ରଶାସକ ତଥା ବିଶିଷ୍ଟ ସାହିତ୍ୟିକ ଡ଼ ଅରବିନ୍ଦ ବେହେରା ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଚିବ ତଥା ବିଶିଷ୍ଟ ସାହିତ୍ୟିକ ଓ ପୂର୍ବତନ ପୋଲିସ ଅଧିକାରୀ ଡ଼ ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିବା ବେଳେ ସମ୍ମାନିତ ବକ୍ତା ଭାବେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ ବିଜୟଲକ୍ଷ୍ମୀ ଦାଶ ଓ ରମାଦେବୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ ସଂଘମିତ୍ରା ଭଞ୍ଜ ଯୋଗ ଦେଇଥିଲେ । ପ୍ରଥମ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ପଦ୍ମଶ୍ରୀ ଗୋପୀନାଥ ମହାନ୍ତିଙ୍କ ରଚିତ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ଆଲୋଚନା, ଜୀବନୀ, ଆତ୍ମଜୀବନୀ ଓ ସେ ତାଙ୍କ ଆତ୍ମୀୟ ସ୍ୱଜନଙ୍କ ଉଦେଶ୍ୟରେ ଲେଖିଥିବା ଚିଠି ଆମମାନଙ୍କ ପାଇଁ ଅମୁଲ୍ୟ ସମ୍ପଦ ବୋଲି ବକ୍ତାମାନେ କହିଥିଲେ ।

## ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ମନମାନୀରେ ହେଉଛି ଘନ ଘନ ବିଦ୍ୟୁତକାଟ୍ !

ପିପିଲି,(ନିପ୍ର): ପୁରୀ ଜିଲ୍ଲା ବିଦ୍ୟୁତ ବିଭାଗ ଅଧକାରୀଙ୍କ ଅଧୀନରେ ଥିବା କୁମାରେଶ୍ୱର ବିଦ୍ୟୁତ ବିଭାଗ ଅଧିକାରୀଙ୍କ ମନମାନୀରେ ଅଞ୍ଚଳରେ ଘନ ଘନ ବିଦ୍ୟୁତକାଟ୍ ହେଉଥିବା ଭଳି ସଙ୍ଗୀନ ଅଭିଯୋଗ ହେଉଛି। ଅଞ୍ଚଳର କୌଣସି ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ ବିଭାଗ କୁମାରେଶ୍ୱର କାର୍ଯ୍ୟାଳୟକୁ ଯାଉଥିବା ବେଳେ ବିଦ୍ୟୁତ ବିଭାଗ ଅଧିକାରୀ ସର୍ବଦା ଅନୁପସ୍ଥିତ ରହିବା ସୂଚନା ମିଳୁଛି। ଯଦି ଘନ ଘନ ବିଦ୍ୟୁତକାଟ



କିମ୍ବା ଅନ୍ୟାନ୍ୟ ସମ୍ପର୍କରେ ଅଧିକାରୀଙ୍କୁ ତାଙ୍କ ମୋବାଇଲକୁ ଯୋଗାଯୋଗ କଲେ ସେ ଫୋନ ଉଠାଉ ନଥିବା ଆଉ ଏକ ପ୍ରକାର ଅସନ୍ତୋଷ ଦେଖାଦେଇଛି। ସୂଚନା ଥାଉକି ବୁଧବାର ବିଳମ୍ବିତ ରାତ୍ରୀ ଠାରୁ ଗୁରୁବାର ଦିନ ୧୧.୩୦ ମିନିଟ ସମୟ ମଧ୍ୟରେ କୁମାରେଶ୍ୱର ବିଦ୍ୟୁତ କାର୍ଯ୍ୟ ଅଧୀନରେ କେତେକ ଗ୍ରାମରୁ ବିଦ୍ୟୁତ ବିଚ୍ଛିନ୍ନ ହୋଇଯାଇଥିଲା। ଅସହ୍ୟ ଗୁଳୁଗୁଳି ଯୋଗୁ ବିଦ୍ୟୁତ ଉପଭୋକ୍ତାମାନେ କାର୍ଯ୍ୟାଳୟକୁ ଯାଇଥିବାବେଳେ ସେଠାରେ ନିଯୁକ୍ତି ଥିବା ଅଧିକାରୀ ଅନୁପସ୍ଥିତ ଥାଇ କୌଣସି ଫୋନ ଉଠାଇ ନଥିଲେ। ଏନେଇ ବିଦ୍ୟୁତ ଉପଭୋକ୍ତାମାନେ ପୁରୀ ଜିଲ୍ଲା ବିଦ୍ୟୁତ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଅନ୍ୟ କର୍ମଚାରୀ ମାନଙ୍କ ସହଯୋଗରେ ବିଦ୍ୟୁତ ସମସ୍ୟା ଦୂର ହୋଇଥିଲା।

ତେଣୁ ଏଠାରେ ପ୍ରଶ୍ନ ଉଠୁଛି ଗ୍ରାମାଞ୍ଚଳରେ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ସେବା ଯୋଗାଇ ଦେବାକୁ ଜଣେ ଅଧିକାରୀଙ୍କୁ ନିଯୁକ୍ତି କରାଯାଇ ଥିବା ବେଳେ ସେ ନିଜର ଦାୟିତ୍ୱ ନତୁଲାଇ ଅଞ୍ଚଳର ସମସ୍ୟା ସଠିକ ଭାବରେ ନ ଦେଖି କାହା ଇଙ୍ଗିତରେ ସେ କାର୍ଯ୍ୟ କରୁଛନ୍ତି ତାହାକୁ ନେଇ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବୌଦ୍ଧ: ପ୍ରାକ ମାଟ୍ରିକ ଛାତ୍ରବୃତ୍ତି ଓ ମାଧୋସିଂ ହାତ ଖର୍ଚ୍ଚ ଯୋଜନା ଉପରେ କର୍ମଶାଳା

ବୌଦ୍ଧ,(ନିପ୍ର): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକଙ୍କ ଅଧକ୍ଷତାରେ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ରଶ୍ମିରେଖା ନାଏକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ, ପ୍ରାକ ମାଟ୍ରିକ ଛାତ୍ର ବୃତ୍ତି ଓ ମାଧୋସିଂ ହାତଖର୍ଚ୍ଚ ଯୋଜନା ୨୬/୨୭ ଶିକ୍ଷା ବର୍ଷ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ୍ୟ ରଞ୍ଜନ ରାଏ ଓ ଚନ୍ଦ୍ରକାନ୍ତି ବେଉରା ସହଯୋଗ କରିଥିଲେ । ବୌଦ୍ଧ ଜିଲ୍ଲାର ୮୧ ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀମାନେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାପାଳ ନବମ ଓ ଦଶମ ଶ୍ରେଣୀର ଯେମିତି ସମସ୍ତବର୍ଗର ଯୋଗ୍ୟ ଛାତ୍ରଛାତ୍ରୀ ଶତ ପ୍ରତିଶତ ଛାତ୍ର ବୃତ୍ତି ପାଇବେ ସେ ଉପରେ ଗୁରୁତ୍ୱଦେବା ପାଇଁ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ୨୯ ରେ ସୁଦ୍ଧା ଛାତ୍ର ବୃତ୍ତି ଆବେଦନ ଶେଷ କରିବାକୁ ସେ ପରାମର୍ଶ ଦେଇଥିଲେ।

## ଯାଜପୁର : ଭୋଟର ତାଲିକା ଯାଞ୍ଚ ଶେଷ ପର୍ଯ୍ୟାୟରେ

ଯାଜପୁର,(ନିପ୍ର): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅଧୀନରେ ଯାଜପୁର ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ଓ ଯାଞ୍ଚ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲା ନିର୍ବାଚନ ପ୍ରଶାସନର ତତ୍ପରତା ଯୋଗୁଁ ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀରେ ନୋଟିସ ଜାରି ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। ରିପୋର୍ଟ ଅନୁଯାୟୀ, ଯାଜପୁର ଜିଲ୍ଲାରେ ପ୍ରଶାସନ ପକ୍ଷରୁ ମୋଟ ୨,୩୧,୪୫୨ଟି ନୋଟିସ ସଫଳତାର ସହ ଜାରି କରାଯାଇଥିଲା। ନୋଟିସ ପ୍ରଦାନ କ୍ଷେତ୍ରରେ କୌଣସି ବି ଆବେଦନ ବାକି ରହିନାହିଁ। ଜାରି କରାଯାଇଥିବା ନୋଟିସଗୁଡ଼ିକ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨,୩୦,୬୩୬ ଜଣ ଭୋଟରଙ୍କ ଶୁଣାଣି ସମ୍ପୂର୍ଣ୍ଣ ହୋଇସାରିଛି। ନିର୍ବାଚନ ମଣ୍ଡଳୀୱାରୀ ସ୍ଥିତି ଦେଖିଲେ, ଯାଜପୁର ସଦର (୫୨) ରେ ସର୍ବାଧିକ ୪୧,୪୧୭ ଟି ନୋଟିସ ଜାରି ହୋଇ ସମସ୍ତ ୪୧,୪୧୭ ଟିର ଶୁଣାଣି ସମ୍ପୂର୍ଣ୍ଣ ହୋଇଛି। ସୁକିନ୍ଦା (୫୪) ରେ ୩୮,୪୨୮ ଟି ନୋଟିସରୁ ୩୮,୧୮୪ ଟି, ବିଞ୍ଝାରପୁର (୪୮) ରେ ୩୬,୧୫୦ ଟି ନୋଟିସରୁ ୩୫,୪୩୧ ଟି, ଏବଂ ବରୀ (୪୯) ରେ ୩୫,୨୩୭ ଟି ନୋଟିସରୁ ୩୫,୧୧୩ ଟିର ଶୁଣାଣି ସରିଛି। ସେହିପରି କୋରେଇ (୫୩), ଧର୍ମଶାଳା (୫୧) ଓ ବଡ଼ଚଣା (୫୦) ରେ ଯଥାକ୍ରମେ ୩୧,୦୩୫, ୨୫,୬୫୯ ଏବଂ ୨୩,୫୨୬ ଟି ନୋଟିସର ଶତପ୍ରତିଶତ ଶୁଣାଣି ସମ୍ପୂର୍ଣ୍ଣ ହୋଇଛି।

ଯାଞ୍ଚ ଓ ଶୁଣାଣି ସମୟରେ ଆବଶ୍ୟକ ବୈଧ ପ୍ରମାଣପତ୍ର ଓ ସଠିକ ତଥ୍ୟ ଦାଖଲ କରିବାରେ ଅସମର୍ଥ ହୋଇଥିବା ମୋଟ ୬୦୦ ଜଣ ଭୋଟରଙ୍କୁ ଅଯୋଗ୍ୟ ବିବେଚିତ କରାଯାଇ ଭୋଟର ତାଲିକାରୁ ବାଦ୍ ଦେବାକୁ ଚିହ୍ନଟ କରାଯାଇଛି। ଯେଉଁଥିରେ ସୁକିନ୍ଦାରୁ ୧୬୩, ଧର୍ମଶାଳାରୁ ୧୩୬, ବିଞ୍ଝାରପୁରରୁ ୧୩୨, ବଡ଼ଚଣାରୁ ୮୧, ଯାଜପୁରରୁ ୫୪ ଏବଂ କୋରେଇରୁ ୩୪ ଜଣ ଅଛନ୍ତି। ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସ୍ତରରେ ନୋଟିସ ଆଧାରରେ ୨,୨୮,୫୭୫ ଟି ନାମ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଁ ସୁପାରିସ କରାଯାଇଛି।

ଏହା ବ୍ୟତୀତ ଅନ୍ୟାନ୍ୟ ସୂତ୍ରରୁ ଆସିଥିବା ୧୨,୦୦,୬୨୮ ଟି ଆବେଦନ ମଧ୍ୟ ଚୂଡ଼ାନ୍ତ ପ୍ରକ୍ରିୟାକରଣ ମଧ୍ୟରେ ରହିଛି। ସମସ୍ତ ନୋଟିସ, ଦାବି ଓ ଆପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ଫଇସଲା ଆସନ୍ତା ତା ୧୭.୦୯.୨୦୨୬ ରିଖରେ ପ୍ରକ୍ରିୟା ଶେଷ ହେବା ପରେ ଚୂଡ଼ାନ୍ତ ଭୋଟର ତାଲିକା ତା ୨୧.୦୯.୨୦୨୬ ରିଖରେ ବିଧିବଦ୍ଧ ଭାବେ ପ୍ରକାଶ ପାଇବା ନିମନ୍ତେ ନିର୍ବାଚନ କମିଶନ ଘୋଷଣା କରିଛନ୍ତି।

# ଆସିକା ଗସ୍ତରେ ବିଧାନସଭାର ଗୃହ କମିଟି : ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

ଆସିକା,(ନିପ୍ର): ଓଡ଼ିଶା ବିଧାନସଭାର ଗୃହ କମିଟି (ସବ୍‌ମିଶନ) ବିଧାୟକ ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ଗଞ୍ଜାମ ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସ୍ଥିତି, କାର୍ଯ୍ୟ ଅଗ୍ରଗତି ଏବଂ ଜନସ୍ୱାର୍ଥ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରିଛନ୍ତି। କମିଟିର ସଦସ୍ୟ ଆସିକା ବିଧାୟକ ସରୋଜ ପାଢ଼ୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତି, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଏବଂ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଭଞ୍ଜନଗର ଉପଜିଲ୍ଲାପାଳ ଡ. ଉମାଶଙ୍କର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ଜିଲ୍ଲା ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଏହି ଗସ୍ତରେ ସାମିଲ ହୋଇଥିଲେ।




କମିଟି ପ୍ରଥମେ ଆସିକା ଲକ୍ଷ୍ମୀ ବଜାର ନିକଟସ୍ଥ ଟିପିସର ନାଳ ପରିଦର୍ଶନ କରି ଏହାର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଋଷିକୁଲ୍ୟା ନଦୀ ଉପରେ ନିର୍ମିତ ଚେକ୍‌ଡ୍ୟାମ୍, ଋଷିକୁଲ୍ୟା ଓ ବଡ଼ନଦୀ ଉପରେ ନିର୍ମାଣାଧୀନ ହାଇ ଲେଭେଲ୍ ବ୍ରିଜ୍, ଆସିକା ବାଇପାସ୍ ରାସ୍ତା ଏବଂ କଇଁଫୁଲିଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ କରି ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ଆସିକା ପୌର ପରିଷଦ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରସଙ୍ଗ, ଜନସାଧାରଣଙ୍କ ସମସ୍ୟା ଏବଂ ବିଧାନସଭାରେ ଉତ୍ଥାପିତ ସବମିଶନଗୁଡ଼ିକର କାର୍ଯ୍ୟାନ୍ୱୟନ ସ୍ଥିତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଆସିକା ବିଧାନସଭା ନିର୍ବାଚନମଣ୍ଡଳୀର ପାନୀୟ ଜଳ ସମସ୍ୟାର ସମାଧାନ, ଆସିକା ସହରର ଜଳ ନିଷ୍କାସନ ବ୍ୟବସ୍ଥା, କବିସୂର୍ଯ୍ୟନଗର ଅଞ୍ଚଳର ଚାଷଜମିକୁ ସାଲିଆ ଡ୍ୟାମ୍ ମାଧ୍ୟମରେ ଜଳସେଚନ ସୁବିଧା, ଛତ୍ରପୁର ମୁଖ୍ୟ କେନାଲର ନବୀକରଣ, ଖଲ୍ଲିକୋଟ ଅଞ୍ଚଳର ସାମଲ ଭିଲେଜ୍‌ରେ ସୁରକ୍ଷା ପ୍ରାଚୀର ନିର୍ମାଣ ଏବଂ ପାତ୍ରପୁର ବ୍ଲକ୍‌ର ଗୌଡୁଣୀ ଆଶ୍ରମ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ ଆଦି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଥିଲା।

ସେହିପରି ପାତ୍ରପୁର ତହସିଲ କର୍ମଚାରୀଙ୍କ ପାଇଁ ସରକାରୀ କ୍ୱାର୍ଟର ନିର୍ମାଣ, ପାତ୍ରପୁରରେ ପୋଲିସ ଆଉଟ୍‌ପୋଷ୍ଟ ପ୍ରତିଷ୍ଠା, ଲାଠି ପଞ୍ଚାୟତ ଅଞ୍ଚଳରେ ଡାଏରିଆ ଓ ଡେଙ୍ଗୁ ପ୍ରତିରୋଧମୂଳକ ପଦକ୍ଷେପ, ଦିଗପହଣ୍ଡି ପିଏଚ୍‌ସିକୁ ସିଏଚ୍‌ସିରେ ଉନ୍ନୀତ କରିବା, କବିସୂର୍ଯ୍ୟନଗର ଅଞ୍ଚଳରେ ବସୁଧା ଯୋଜନା ମାଧ୍ୟମରେ ପାନୀୟ ଜଳ ଯୋଗାଣ, ବେଗୁନିଆପଡ଼ା ପିଏଚ୍‌ସିକୁ ସିଏଚ୍‌ସିରେ ପରିଣତ କରିବା ଏବଂ ଚାଷୀଙ୍କ ସୁବିଧା ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା ଭଳି ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିସହ ବୋମ୍‌କେଇ ପାଟ ଶାଢ଼ି ବୁଣାକାରଙ୍କୁ ପ୍ରଶିକ୍ଷଣ, କବିସୂର୍ଯ୍ୟନଗରରେ ଟ୍ରେଜେରୀ କାର୍ଯ୍ୟାଳୟ ପ୍ରତିଷ୍ଠା ଏବଂ ଆସିକା ସ୍ପିନିଂ ମିଲ୍‌ର କାର୍ଯ୍ୟକ୍ଷମତା ସମେତ ଅନ୍ୟାନ୍ୟ ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗ ନେଇ କମିଟି ସଦସ୍ୟମାନେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାର ବିକାଶ, ଭିତ୍ତିଭୂମି, ଜଳସେଚନ, ପାନୀୟ ଜଳ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଯୋଗାଯୋଗ ଭଳି ଜନସ୍ୱାର୍ଥ ସମ୍ପର୍କିତ ବିଷୟଗୁଡ଼ିକୁ କମିଟି ଗୁରୁତ୍ୱ ଦେଇଥିଲେ। ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଓ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରି ଏହାର ସୁଫଳ ଶୀଘ୍ର ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ କମିଟି ପରାମର୍ଶ ଦେଇଥିଲେ।

CMYK



ତିଥି :(ଦଶମୀ): (ଜ୍ୟେଷ୍ଠା ବିଛା)
ଅମୃତ ବେଳା: ଦିବା ଘ ୯ ।୩୨ ଗତେ ଘ୧୦ ।୪୪ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେ ସମସ୍ତ ନାଶବାନ୍ ପ୍ରାଣୀଙ୍କ ମଧ୍ୟରେ ପରମାତ୍ମାଙ୍କୁ ନାଶରହିତ ଓ ସମରୂପେ ସ୍ଥିତ ଦେଖେ, ସେ ବାସ୍ତବରେ ଠିକ୍ ଦେଖେ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ନିଖୋଜ ଆଶଙ୍କା

ଏକ ତଥ୍ୟ ଅନୁଯାୟୀ ରାଜ୍ୟର ୯ହଜାର ନାବାଳିକା ୨୦୨୪ ସୁଦ୍ଧା ନିଖୋଜ ଅଛନ୍ତି । ପୁଣି ୯ ହଜାରରୁ ଅଧିକ ଶିଶୁଙ୍କ ପତ୍ତା ମିଳିପାରୁନାହିଁ । ଅବଶ୍ୟ ନିଖୋଜ ଶିଶୁଙ୍କୁ ଉଦ୍ଧାର କରିବା ପାଇଁ 'ଅପରେସନ ଅନ୍ୱେଷଣ' କାମ କରୁଛି । ଅଗଷ୍ଟ ମାସ ପ୍ରଥମ ସପ୍ତାହ ସୁଦ୍ଧା ମିଳିଥିବା ଏକ ରିପୋର୍ଟ ମୁତାବକ ୧୭ହଜାର ୫୯୦ ମହିଳା ଓ ଶିଶୁଙ୍କୁ ରାଜ୍ୟ ପୋଲିସ ଗତ ୬ ମାସରେ ଉଦ୍ଧାର କରିବାରେ ସଫଳ ହୋଇଛି ।

ଶିଶୁ ନାବାଳକ, ନାବାଳିକା, ମହିଳା ଅବା ଯେକୌଣସି ବୟସବର୍ଗର ବ୍ୟକ୍ତି ନିଖୋଜ ହୋଇଗଲେ, ସଂପୃକ୍ତ ଅଞ୍ଚଳରେ ସେମାନଙ୍କ ସଂପର୍କରେ କିଛିଦିନ ଚର୍ଚ୍ଚା ଚାଲେ ଓ ପରେ ତାହା ଶୀତଳ ପଡ଼ିଯାଏ । ଲୋକେ ଏକ ପ୍ରକାର ପାସୋରି ଯାଆନ୍ତି । ଯେବେ ନିଖୋଜ ବ୍ୟକ୍ତିଙ୍କ ସଂପର୍କରେ ପୋଲିସ ରିପୋର୍ଟ ଗଣମାଧ୍ୟମ ଜରିଆରେ ଆସେ, ସେତେବେଳେ ଏ ସଂପର୍କରେ ଚର୍ଚ୍ଚା ହୁଏ । କେତେ ସଂଖ୍ୟକ ନିଖୋଜ ହୋଇଥିଲେ ଓ କେତେ ସଂଖ୍ୟକ ଉଦ୍ଧାର ହୋଇଛନ୍ତି ସେ ସଂପର୍କିତ ବିବରଣୀ ଆସେ । ତେବେ ନିଖୋଜ ବ୍ୟକ୍ତିଙ୍କ ସଂପର୍କରେ ଯାହା ଚର୍ଚ୍ଚା ହୁଏ, ତାହାର ସାରସତ୍ତା ଏହି ଯେ ବହୁ ସମୟରେ ନିଖୋଜ ଶିଶୁଙ୍କ ମଧ୍ୟରୁ ଏକ ବଡ଼ ଭାଗ ଓଡ଼ିଶା ବାହାରକୁ ଚାଲାଣ ହୋଇଥାଏ । ସେଠାରେ ନିର୍ମାଣ ସ୍ଥଳ, ଦୋକାନ ଓ ରେଷ୍ଟୁରାଣ୍ଟରେ ଶ୍ରମିକ ଭାବରେ ସେମାନଙ୍କୁ ଖଟାଯାଇଥାଏ । ପୁଣି ଘରୋଇ ଭାବରେ ବହୁ ଶିଶୁଙ୍କୁ ନିୟୋଜିତ କରାଯାଇଥାଏ । କିଛି ସମାଜ ବିରୋଧୀ ତତ୍ତ୍ୱ ପ୍ରଲୋଭନ ଦେଖାଇ ଭିକ୍ଷାବୃତ୍ତିରେ ସେମାନଙ୍କୁ ନିୟୋଜିତ କରିଥାଆନ୍ତି ଏବଂ ନାବାଳିକାଙ୍କୁ ବହୁ ସମୟରେ ଅନୈତିକ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଅଭିଯୋଗ ମଧ୍ୟ ଆଲୋଚନାକୁ ଆସେ । ମୋଟ ଉପରେ ନିଖୋଜଙ୍କ ବିଷୟ ଏକ ପ୍ରକାର ଅବହେଳିତ ପ୍ରସଙ୍ଗ ହୋଇ ରହିଯାଇଥାଏ । ଥରେ ଯେ କେହି ନିଖୋଜ ହୋଇଗଲେ କେବେ ପତ୍ତା ମିଳିବ ତାହା ଉପରେ ଅନିଶ୍ଚିତତା ସର୍ବଦା ଝୁଲି ରହିଥାଏ ।

ନିକଟ ଅତୀତରେ ସୁପ୍ରିମକୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାଳିତ ଅଞ୍ଚଳକୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ତାହା ହେଉଛି ଯେତେବେଳେ କୌଣସି ବ୍ୟକ୍ତି ନିଖୋଜ ହୁଅନ୍ତି, ବୟସ କିମ୍ବା ଲିଙ୍ଗ ନିର୍ବିଶେଷରେ ପ୍ରଥମ ସୂଚନା ରିପୋର୍ଟ ବା ଏଫ୍ଆଇଆର୍ ପଂଜୀକରଣ କରାଯାଉ । ସୁପ୍ରିମକୋର୍ଟ ମଧ୍ୟ ସ୍ପଷ୍ଟ କହିଛନ୍ତି ବ୍ୟକ୍ତି ଶବ୍ଦର ଅର୍ଥ ବୟସ କିମ୍ବା ଲିଙ୍ଗ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୁଝାଇବ । କିଛି ରାଜ୍ୟ କେବଳ ନିଖୋଜ ଶିଶୁଙ୍କ କ୍ଷେତ୍ରରେ ଏହା ଲାଗୁ ବୋଲି ମନେ କରିବା ଜାଣି ସର୍ବୋଚ୍ଚ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ଏହା ଗୁରୁତ୍ୱପୂର୍ଣ୍ଣ ଯେ ନିଖୋଜ ବ୍ୟକ୍ତି, ମାନବ ଚାଲାଣ ରୋକିବା ତଥା ପୀଡ଼ିତଙ୍କୁ ଉଦ୍ଧାର, ପରିବାରକୁ ଫେରିବା ଅବା ପୁନଃ ଥଇଥାନ ଏକ ସମନ୍ୱିତ ବ୍ୟବସ୍ଥା ଲୋଡ଼େ । ଏଥିପ୍ରତି ସରକାରୀ ଓ ବେସରକାରୀସ୍ତରରେ ସକ୍ରିୟତା ଅଧିକ ପ୍ରକାଶ ପାଇବା ଉଚିତ ।

ନିଖୋଜ ବ୍ୟକ୍ତି କୌଣସି ପ୍ରକାର ଶୋଷିତ ଅବା ନିର୍ଯାତିତ ହେବା ସମାଜ ପାଇଁ ସମ୍ବେଦନଶୀଳତାର ଆହ୍ୱାନ ସୃଷ୍ଟି କରେ । ସୁତରାଂ ଏ ଦିଗରେ ତତ୍ପରତା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅତ୍ୟନ୍ତ ଆବଶ୍ୟକ । ଆମ ରାଜ୍ୟରେ ଏବେ ବନ୍ୟା ଦୁର୍ଗତିରେ ଲକ୍ଷାଧିକ ଲୋକ ବିପନ୍ନ । ବହୁ ଅଞ୍ଚଳରୁ ପାଣି ଛାଡ଼ିନାହିଁ । ଦୁର୍ଦ୍ଦଶା ବଢୁଛି । ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଲୋକଙ୍କୁ ହନ୍ତସନ୍ତ କରୁଛି । ଏପରି ସମୟରେ ଅସାମାଜିକ ତତ୍ତ୍ୱ ସକ୍ରିୟ ହୋଇ କିଛି ବର୍ଗଙ୍କୁ ନିଖୋଜ କରାଇବା ଅପପ୍ରୟାସରେ ହୁଏତ ଲିପ୍ତ ରହିପାରନ୍ତି । ସୁତରାଂ ସର୍ବସାଧାରଣ ସ୍ଥାନ, ଷ୍ଟେସନ, ବସ୍ଷ୍ଟାଣ୍ଡ ପ୍ରଭୃତି ଠାରେ ତୀକ୍ଷଣ ଦୃଷ୍ଟି ରଖାଯିବା ଦରକାର । ଏଥିପ୍ରତି ସମନ୍ୱିତ ଭାବରେ ବିଭିନ୍ନ ବିଭାଗ କାର୍ଯ୍ୟ କରିବା ଉଚିତ ।

# ଗଣତାନ୍ତ୍ରିକ ଚେତନାର ନୂତନ ଅଧ୍ୟାୟ !

ଅସିତ ମହାନ୍ତି

**ଉତ୍ତର ପ୍ରଦେଶରେ 'ଜନ-ଆଲଫା' ପିଢ଼ିର ପିଲାମାନଙ୍କ ଦ୍ୱାରା ସମ୍ପ୍ରତି ହୋଇଥିବା ପ୍ରତିବାଦ ଶିକ୍ଷା ବ୍ୟବସ୍ଥାର ତ୍ରୁଟି ଏବଂ ସାମାଜିକ ଚାପ ବିରୁଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱର ଭାବରେ ଉଭା ହୋଇଥିଲା । ଲକ୍ଷ୍ନୌ, କାନପୁର ଏବଂ ବାରାଣସୀ ଭଳି ସହରରେ, ପିଲାମାନେ ସ୍କୁଲ ବାହାରେ ପ୍ଲାକାର୍ଡ ଧରି ସେମାନଙ୍କର ଦାବି ଉଠାଇଥିଲେ । ସେମାନଙ୍କର କ୍ରୋଧ ପାଠପଢ଼ାର ବୋଝ, ପରୀକ୍ଷାର ଚାପ ଏବଂ ପୁରୁଣା ପାଠ୍ୟକ୍ରମ ଗଠନ ଉପରେ କେନ୍ଦ୍ରିତ ଥିଲା, ଯାହା ସେମାନଙ୍କର ସୃଜନଶୀଳ ବିକାଶକୁ ବାଧା ଦେଉଛି । ଏହି ପ୍ରତିବାଦ ମାଧ୍ୟମରେ, ପିଲାମାନେ ସ୍ପଷ୍ଟ କରିଥିଲେ ଯେ ଶିକ୍ଷା କେବଳ ମାର୍କ ଏବଂ ରାଙ୍କ ପର୍ଯ୍ୟନ୍ତ ସୀମିତ ହେବା ଉଚିତ ନୁହେଁ, ବରଂ ଏହା ସେମାନଙ୍କର ବ୍ୟକ୍ତିତ୍ୱ ଗଠନର ଏକ ମାଧ୍ୟମ ହେବା ଉଚିତ । ଅନେକ ସ୍ଥାନରେ, ଅଭିଭାବକମାନେ ମଧ ସେମାନଙ୍କ ସହିତ ଯୋଗ ଦେଇଥିଲେ, ଯାହା ଆନ୍ଦୋଳନକୁ ଅଧିକ ବ୍ୟାପକ କରିଥିଲା ।**

ସାମ୍ପ୍ରତିକ ଜେନ୍- ଜି ଆନ୍ଦୋଳନ ଭାରତରେ ଗଣତାନ୍ତ୍ରିକ ଚେତନା ପୁନର୍ଜୀବିତ କରିଛି ଏବଂ ସିଧାସଳଖ ଜେନ୍-ଆଲଫାକୁ ପ୍ରଭାବିତ କରିଛି । ଝାଡ଼ଖଣ୍ଡ, ଦିଲ୍ଲୀ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟରେ ସ୍କୁଲ ପିଲାମାନେ ଶିକ୍ଷା ସଂସ୍କାର ଏବଂ ସ୍କୁଲ ପ୍ରଶାସନ ପ୍ରସଙ୍ଗରେ ଖୋଲାଖୋଲି ପ୍ରତିବାଦ କରିଛନ୍ତି, ଯାହା ସ୍ପଷ୍ଟ କରିଛି ଯେ 'ନିଜ ଅଧିକାର ପାଇଁ ଲଢ଼େଇ କରିବା କିଛି ଭୁଲ ନୁହେଁ' ର ଏକ ଦେଶବ୍ୟାପୀ ପରିବେଶ ।

ଆନ୍ଦୋଳନର ପୃଷ୍ଠଭୂମି ଏବଂ ଜେନ୍- ଜି ର ଭୂମିକା - ୨୦୨୬ ରେ ଜେନ୍- ଜି ଦ୍ୱାରା ଆରମ୍ଭ ହୋଇଥିବା କୋକ୍ରୋଚ୍ ଜନତା ପାର୍ଟି ଆନ୍ଦୋଳନ ଏକ ଅଳଙ୍କାର ମୁହୂର୍ତ୍ତ ପ୍ରମାଣିତ ହୋଇଥିଲା । ଏହି ଆନ୍ଦୋଳନ ଜାତୀୟ ସ୍ତରୀୟ ପରୀକ୍ଷାରେ ଅନିୟମିତତା ଏବଂ ପେପର୍ ଲିକ୍ ବିରୁଦ୍ଧରେ ଥିଲା । ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ସୋସିଆଲ ମିଡିଆ ଏବଂ ରାସ୍ତାରେ ପ୍ରତିବାଦ କରିଥିଲେ । ଦିଲ୍ଲୀର ଜନ୍ତର ମନ୍ତରରୁ ସଂସଦ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା, ଯେଉଁଠାରେ ପୋଲିସ ଦମନ ସତ୍ତ୍ୱେ ଯୁବକମାନେ ସ୍ୱର ଉଠାଇଥିଲେ । ଏହି ଆନ୍ଦୋଳନ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ବାଧ କରିଥିଲା, ଯାହା ମୋଦୀ ସରକାରଙ୍କ ପାଇଁ ଏକ ଉଲ୍ଲେଖନୀୟ ପରାଜୟ ।

ଜେନ୍-ଜେଡ୍ ପ୍ରମାଣିତ କଲା ଯେ ଗଣତନ୍ତ୍ରରେ ଲୋକଙ୍କ ସ୍ୱରକୁ ଦମନ କରାଯାଇପାରିବ ନାହିଁ । ଡିଜିଟାଲ ମାଧ୍ୟମରେ ସଂଗଠିତ ହେବାର ସେମାନଙ୍କର ଏକତା ଏବଂ କ୍ଷମତା ସାରା ଦେଶରେ ଏହି ବାର୍ତ୍ତା ପ୍ରସାର କରିଥିଲା ଯେ ଅନ୍ୟାୟ ବିରୁଦ୍ଧରେ ଠିଆ ହେବା ଦେଶ ବିରୋଧୀ ନୁହେଁ, ବରଂ ଏକ ଗଣତାନ୍ତ୍ରିକ ଅଧିକାର । ଜେନ୍-ଆଲଫାଙ୍କ ପ୍ରେରଣା ଏବଂ ଆନ୍ଦୋଳନ - ଜେନ୍- ଜି ଆନ୍ଦୋଳନ ୨୦୧୦ ପରେ ଜନ୍ମିତ ପିଢ଼ିର ଜେନ୍-ଆଲଫାକୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଏହି ପିଲାମାନେ ଏବେ ବି ସ୍କୁଲରେ ଅଛନ୍ତି, କିନ୍ତୁ ସେମାନେ ମଧ ସେମାନଙ୍କର ଅଧିକାର ପାଇଁ ସ୍ୱର ଉଠାଇବା ଆରମ୍ଭ କରିଛନ୍ତି ।

ଝାଡ଼ଖଣ୍ଡ (ଗଡ଼ୱା ଜିଲ୍ଲା): ୧୦ ରୁ ୧୩ ବର୍ଷ ବୟସର ପିଲାମାନେ ସେମାନଙ୍କର ପ୍ରିୟ ପ୍ରଧାନ ଶିକ୍ଷକଙ୍କ ସ୍ଥାନାନ୍ତରକୁ ବିରୋଧ କରି ସାତ ଘଣ୍ଟା ପାଇଁ ଏକ ରାସ୍ତା ଅବରୋଧ କରିଥିଲେ । ସେମାନେ ସ୍ଲୋଗାନ ଦେଇଥିଲେ, ଏକ ପୋଲିସ ଷ୍ଟେସନ ଘେରାଉ କରିଥିଲେ ଏବଂ ଶେଷରେ ପ୍ରଶାସନକୁ ସ୍ଥାନାନ୍ତର ବାତିଲ କରିବାକୁ ବାଧ କରିଥିଲେ । ଏହି ଘଟଣା 'ଜେନ୍-ଆଲଫା ଆନ୍ଦୋଳନ' ଭାବରେ ପରିଚିତ ହେଲା । ଦିଲ୍ଲୀ ଏବଂ ମହାରାଷ୍ଟ୍ର: ନିଟ୍ୟୁଜି ପେପର୍ ଲିକ୍ ପ୍ରତିବାଦରେ ଜେନ୍-ଜେଡ୍ ଛାତ୍ରମାନେ ଯୋଗ ଦେଇଥିଲେ । ଶିକ୍ଷା ସଂସ୍କାର ଦାବି କରି ଅନେକ ସ୍କୁଲର ପିଲାମାନେ ସେମାନଙ୍କ ସ୍କୁଲରେ ରାଲି କରିଥିଲେ । ମୁମ୍ବାଇ : ଏଠାରେ, ଜେନ୍-ଜେଡ୍ ଏବଂ ଜେନ୍-ଆଲଫା ଉଭୟ ଗଣତନ୍ତ୍ର ଏବଂ ଶିକ୍ଷା ସଂସ୍କାର ବିଷୟରେ ଆଲୋଚନା କରିବାକୁ ଏକାଠି ହୋଇଥିଲେ । ଆର୍ଏସ୍ଏସ୍ ମୁଖ୍ୟ ମୋହନ ଭାଗବତ ମଧ ସ୍ୱୀକାର କରିଥିଲେ ଯେ ଏହି ପିଢ଼ି ସଚ୍ଚୋଟ ଏବଂ ସେମାନଙ୍କ ସ୍ୱରକୁ ଦମନ କରିବା ଭୁଲ ।

ଉତ୍ତର ପ୍ରଦେଶରେ 'ଜନ-ଆଲଫା' ପିଢ଼ିର ପିଲାମାନଙ୍କ ଦ୍ୱାରା ସମ୍ପ୍ରତି ହୋଇଥିବା ପ୍ରତିବାଦ ଶିକ୍ଷା ବ୍ୟବସ୍ଥାର ତ୍ରୁଟି ଏବଂ ସାମାଜିକ ଚାପ ବିରୋଧରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱର ଭାବରେ ଉଭା ହୋଇଥିଲା । ଲକ୍ଷ୍ନୌ, କାନପୁର ଏବଂ ବାରାଣସୀ ଭଳି ସହରରେ, ପିଲାମାନେ ସ୍କୁଲ ବାହାରେ ପ୍ଲାକାର୍ଡ ଧରି ସେମାନଙ୍କର ଦାବି ଉଠାଇଥିଲେ । ସେମାନଙ୍କର କ୍ରୋଧ ପାଠପଢ଼ାର ବୋଝ, ପରୀକ୍ଷାର ଚାପ ଏବଂ ପୁରୁଣା ପାଠ୍ୟକ୍ରମ ଗଠନ ଉପରେ କେନ୍ଦ୍ରିତ ଥିଲା, ଯାହା ସେମାନଙ୍କର ସୃଜନଶୀଳ ବିକାଶକୁ ବାଧା ଦେଉଛି । ଏହି ପ୍ରତିବାଦ ମାଧ୍ୟମରେ, ପିଲାମାନେ ସ୍ପଷ୍ଟ କରିଥିଲେ ଯେ ଶିକ୍ଷା କେବଳ ମାର୍କ ଏବଂ ରାଙ୍କ ପର୍ଯ୍ୟନ୍ତ ସୀମିତ ହେବା ଉଚିତ ନୁହେଁ, ବରଂ ଏହା ସେମାନଙ୍କର ବ୍ୟକ୍ତିତ୍ୱ ଗଠନର ଏକ ମାଧ୍ୟମ ହେବା ଉଚିତ । ଅନେକ ସ୍ଥାନରେ, ଅଭିଭାବକମାନେ ମଧ ସେମାନଙ୍କ ସହିତ ଯୋଗ ଦେଇଥିଲେ, ଯାହା ଆନ୍ଦୋଳନକୁ ଅଧିକ ବ୍ୟାପକ କରିଥିଲା । ପିଲାମାନଙ୍କର ନିଷ୍ପାପ ସ୍ୱର ଭବିଷ୍ୟତ ପାଇଁ ସେମାନଙ୍କର ଚିନ୍ତା ଏବଂ ପରିବର୍ତ୍ତନ ପାଇଁ ଆକାଂକ୍ଷାକୁ ପ୍ରତିଫଳିତ କରିଥିଲା ।

ଉତ୍ତର ପ୍ରଦେଶରେ ଏହି ପ୍ରତିବାଦ କେବଳ ଏକ ସ୍ଥାନୀୟ ଘଟଣା ନୁହେଁ; ଏହା ସମଗ୍ର ଦେଶ ପାଇଁ ଏକ ସଙ୍କେତ ଯେ ନୂତନ ପିଢ଼ି ନିଜର ଅଧିକାର ଏବଂ ସ୍ୱପ୍ନ ବିଷୟରେ ସଚେତନ । ଏହି ଆନ୍ଦୋଳନ ଶିକ୍ଷା ସଂସ୍କାର ଉପରେ ଏକ ନୂତନ ବିତର୍କ ସୃଷ୍ଟି କରୁଛି ଏବଂ ସୂଚିତ କରୁଛି ଯେ ଯଦି ସମୟ ସହିତ ବ୍ୟବସ୍ଥା ପରିବର୍ତ୍ତନ ନ ହୁଏ, ତେବେ ଭବିଷ୍ୟତ ପିଢ଼ି ଅସନ୍ତୋଷ ସହିତ ବଢ଼ିବେ । ପିଲାମାନଙ୍କର ଏହି ସାହସିକ ପଦକ୍ଷେପ ସମାଜରେ ପରିବର୍ତ୍ତନର ଏକ ନୂତନ ଶକ୍ତିର ପ୍ରତୀକ ପାଲଟିଛି ।

ଗଣତାନ୍ତ୍ରିକ ପରିବେଶ ଏବଂ ଭବିଷ୍ୟତ ଦିଗଦର୍ଶନ - ଗଣତାନ୍ତ୍ରିକ ପରିବେଶର ସବୁଠାରୁ ବଡ଼ ପ୍ରଭାବ ହେଉଛି ଯେ ଭିନ୍ନମତକୁ ଆଉ ଅପରାଧ ଭାବରେ ବିବେଚନା କରାଯାଏ ନାହିଁ, ବରଂ ନାଗରିକତାର ପ୍ରମାଣ । କକ୍ରୋଚ୍ ଜନତା ଦଳର ଆନ୍ଦୋଳନ ଏହି ଧାରଣାକୁ ଭାଙ୍ଗି ଦେଇଥିଲା ଯେ କ୍ଷମତା ବିରୋଧରେ ସ୍ୱର ଉଠାଇବା ଅରାଜକତା । ଏହା ପରେ, ଜେନ୍-ଆଲ୍ଫା ମଧ ସେମାନଙ୍କ ସ୍କୁଲ ଏବଂ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରି ଆନ୍ଦୋଳନ ଆରମ୍ଭ କରିଥିଲେ । ଝାଡ଼ଖଣ୍ଡର ପିଲାମାନେ ଜଣେ ପ୍ରଧାନ ଶିକ୍ଷକଙ୍କ ସ୍ଥାନାନ୍ତର ବିରୋଧରେ ରାସ୍ତା ଅବରୋଧ କରିଥିଲେ । ଦିଲ୍ଲୀ ଏବଂ ମହାରାଷ୍ଟ୍ରର ସ୍କୁଲ ଛାତ୍ରମାନେ ଶିକ୍ଷା ସଂସ୍କାର ପାଇଁ ରାଲି କରିଥିଲେ - ଏସବୁ ସଙ୍କେତ ଯେ ନୂତନ ପିଢ଼ି କେବଳ ପୁସ୍ତକରେ ନୁହେଁ, ବରଂ ଅଭ୍ୟାସରେ ଗଣତନ୍ତ୍ର ବଞ୍ଚୁଛି । ଏହି ପରିବେଶ ପିଲା ଏବଂ କିଶୋରମାନଙ୍କୁ ଏହି ଆତ୍ମବିଶ୍ୱାସ ଦେଇଛି ଯେ ସେମାନଙ୍କ ସ୍ୱର ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ଯେଉଁଠାରେ ସେମାନଙ୍କୁ 'ଅତ୍ୟଧିକ ଛୋଟ' ଭାବରେ ଅଣଦେଖା କରାଯାଉଥିଲା, ସେମାନେ ଏବେ ସେମାନଙ୍କ ଅଧିକାର ପାଇଁ ଠିଆ ହେଉଛନ୍ତି । ଏହି ପରିବର୍ତ୍ତନ କେବଳ ଶିକ୍ଷା ପର୍ଯ୍ୟନ୍ତ ସୀମିତ ନୁହେଁ । ଜେନ୍-ଆଲ୍ଫା ପରିବେଶ ସୁରକ୍ଷା, ଲିଙ୍ଗ ସମାନତା ଏବଂ ସାମାଜିକ ନ୍ୟାୟ ଭଳି ପ୍ରସଙ୍ଗରେ ମଧ ସକ୍ରିୟ ହେଉଛନ୍ତି । ସାମାଜିକ ଗଣମାଧମ ଏବଂ ଡିଜିଟାଲ୍ ପ୍ଲାଟଫର୍ମ ସେମାନଙ୍କ ପାଇଁ ନୂତନ ଉପକରଣ ପାଲଟିଛି, ଯାହା ସେମାନଙ୍କୁ ସମଗ୍ର ଦେଶରେ ପହଞ୍ଚିବାରେ ସାହାଯ୍ୟ କରୁଛି ।ଗଣତାନ୍ତ୍ରିକ ଆଲୋଚନାର ଏହି ପ୍ରସାରଣ ଆଗାମୀ ବର୍ଷଗୁଡ଼ିକରେ ଭାରତୀୟ ରାଜନୀତି ଏବଂ ସମାଜକୁ ଗଭୀର ଭାବରେ ପ୍ରଭାବିତ କରିବ । ଯେତେବେଳେ ସବୁଠାରୁ ଛୋଟ ନାଗରିକମାନେ ମଧ ସେମାନଙ୍କ ଅଧିକାର ପାଇଁ ଲଢ଼ିବାକୁ ଶିଖନ୍ତି, ସେତେବେଳେ ଗଣତନ୍ତ୍ରର ମୂଳ ଦୃଢ଼ ହୁଏ । ଏହି ପିଢ଼ି କ୍ଷମତାକୁ ଚ୍ୟାଲେଞ୍ଜ କରିବାକୁ ଭୟ କରେ ନାହିଁ, ବରଂ ଏହାକୁ ସଂସ୍କାର କରିବାର ଦାୟିତ୍ୱ ଗ୍ରହଣ କରେ ।

ଭବିଷ୍ୟତର ଦିଗ ସ୍ପଷ୍ଟ - ଭାରତରେ ଗଣତନ୍ତ୍ର ଆଉ ନିର୍ବାଚନ ପ୍ରକ୍ରିୟା ପର୍ଯ୍ୟନ୍ତ ସୀମିତ ରହିବ ନାହିଁ । ଏହା ନିରନ୍ତର ଆଲୋଚନା, ପ୍ରତିରୋଧ ଏବଂ ସଂସ୍କାରର ଏକ ସଂସ୍କୃତିରେ ପରିଣତ ହେବ । ଜେନ୍-ଆଲ୍ଫାଙ୍କ ସକ୍ରିୟତା ସୂଚାଇ ଦିଏ ଯେ ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତୀୟ ଗଣତନ୍ତ୍ର ଆହୁରି ଅଧିକ ସ୍ପନ୍ଦନଶୀଳ ହେବ, କାରଣ ଏହାର ମୂଳଦୁଆ ପିଲା ଏବଂ ଯୁବକମାନଙ୍କ ସଚେତନତା ଉପରେ ନିର୍ଭର କରେ । ଏହା ହେଉଛି କକ୍ରୋଚ୍ ଜନତା ପାର୍ଟି ସୃଷ୍ଟି କରିଥିବା ପରିବେଶ - ଏକ ପରିବେଶ ଯେଉଁଠାରେ ନିଜ ଅଧିକାର ପାଇଁ ଲଢ଼ିବା ଭୁଲ ନୁହେଁ, ବରଂ ଆବଶ୍ୟକ ।

ତେଣୁ, ଗଣତାନ୍ତ୍ରିକ ଚେତନାର ଏହି ନୂତନ ଅଧ୍ୟାୟ ଭାରତକୁ ଏପରି ଏକ ସମାଜ ଆଡ଼କୁ ନେଇଯାଉଛି ଯେଉଁଠାରେ ପ୍ରତ୍ୟେକ ନାଗରିକ, ଯେତେ ଛୋଟ ହେଉନା କାହିଁକି, ନିଜ ସ୍ୱରକୁ ମୂଲ୍ୟ ଦିଏ ଏବଂ ଏହାକୁ ପ୍ରକାଶ କରିବାକୁ ପଛଘୁଞ୍ଚା ଦିଏ ନାହିଁ । ଏହା ହେଉଛି ଗଣତନ୍ତ୍ରର ପ୍ରକୃତ ଆତ୍ମା । ଜେନ୍-ଜେଡ୍ ଆନ୍ଦୋଳନ କେବଳ ଏକ ପରୀକ୍ଷା ଘୋଟାଲା ବିରୋଧରେ ନଥିଲା, ବରଂ ଗଣତନ୍ତ୍ରର ପୁନରୁଦ୍ଧାରର ପ୍ରତୀକ ଥିଲା । ଏହା ଜେନ୍-ଆଲ୍ଫାଙ୍କୁ ଆତ୍ମବିଶ୍ୱାସ ଦେଇଥିଲା ଯେ ସେମାନଙ୍କ ସ୍ୱର ମଧ ଗୁରୁତ୍ୱପୂର୍ଣ୍ଣ । ଝାଡ଼ଖଣ୍ଡର ପିଲାମାନଙ୍କ ଆନ୍ଦୋଳନ ଏହାର ଏକ ଜୀବନ୍ତ ଉଦାହରଣ ।

ତେଣୁ, ଭାରତରେ ଏକ ନୂତନ ଗଣତାନ୍ତ୍ରିକ ସଂସ୍କୃତି ଉଭା ହେଉଛି - ଯେଉଁଠାରେ କ୍ଷୁଦ୍ରତମ ନାଗରିକମାନେ ମଧ ସେମାନଙ୍କ ଅଧିକାର ପାଇଁ ଠିଆ ହେଉଛନ୍ତି । ଏହି ସଂସ୍କୃତି ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତୀୟ ଗଣତନ୍ତ୍ରକୁ ଆହୁରି ଗଭୀର କରିବ ।

ଜେନ୍-ଆଲଫାଙ୍କ ସକ୍ରିୟତା ସୂଚାଇ ଦିଏ ଯେ ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତୀୟ ଗଣତନ୍ତ୍ର ଆହୁରି ସ୍ପନ୍ଦନଶୀଳ ହେବ । କକ୍ରୋଚ୍ ଜନତା ପାର୍ଟି ଦ୍ୱାରା ସୃଷ୍ଟି ହୋଇଥିବା ପରିବେଶ ଏହି ବିଶ୍ୱାସ ଉପରେ ଆଧାରିତ ଯେ ନିଜ ଅଧିକାର ପାଇଁ ଲଢ଼ିବା ଭୁଲ ନୁହେଁ, ବରଂ ଆବଶ୍ୟକ । ଏହା ହେଉଛି ଗଣତନ୍ତ୍ରର ପ୍ରକୃତ ଆତ୍ମା ।

ସୁଜନପୁର, ଯାଜପୁର
୯୪୩୭୨୮୮୦୨୮

# ବିଶ୍ୱାସ ଭାଙ୍ଗିବା ସବୁଠାରୁ ବଡ଼ ଅପରାଧ

ଦୀପ୍ତିମୟୀ ନାୟକ

ମଣିଷର ଜୀବନ ଯାତ୍ରା କେବଳ କିଛି ବର୍ଷର ସମୟ ସୀମା ଭିତରେ ସୀମାବର୍ତ୍ତୀ ନୁହେଁ ବରଂ ଏହା ଅନୁଭୂତି, ଆଶା, ନିରାଶା, ବିଶ୍ୱାସ ଏବଂ ପ୍ରତାରଣାର ଏକ ଜଟିଳ ସମାହାର । ସଂସାରର ଏହି ବିରାଟ ରଙ୍ଗମଞ୍ଚରେ ପ୍ରତ୍ୟେକ ମଣିଷ ନିଜର ଭାଗ୍ୟ ଏବଂ କର୍ମ ଅନୁସାରେ ଭୂମିକା ନିର୍ବାହ କରିଥାଏ । କିନ୍ତୁ ଏହାରି ଭିତରେ କିଛି ଏପରି ବ୍ୟକ୍ତି ଥାଆନ୍ତି ଯେଉଁମାନଙ୍କ ହୃଦୟରେ କୌଣସି ଜଟିଳତା, ଛଳନା କିମ୍ବା କପଟ ନଥାଏ । ସେମାନେ ଜଗତକୁ ନିଜର ନିର୍ମଳ ଆଖିରେ ଦେଖନ୍ତି ଏବଂ ସମସ୍ତଙ୍କୁ ନିଜପରି ସଚ୍ଚୋଟ ବୋଲି ଭାବିନିଅନ୍ତି । ସେଥିପାଇଁ କୁହାଯାଇଛି ସରଳ ମଣିଷ ସବୁବେଳେ ଆଖି ବୁଜି ବିଶ୍ୱାସ କରେ । ତେଣୁ ସେ ଚତୁରମାନଙ୍କ ମିଛକୁ ସତ ବୋଲି ଭାବିଥାଏ । ଯାହା ନିରୀହ ହୃଦୟକୁ ଭିତରୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥାଏ । ଏହି ଚିରନ୍ତନ ସତ୍ୟକୁ ଆହୁରି ଗଭୀର ଭାବରେ ଅନୁଧ୍ୟାନ କଲେ ଜୀବନର ଅନେକ ଅଲିଖିତ ପୃଷ୍ଠା ସାମ୍ନାକୁ ଆସିଥାଏ । ତେବେ ସରଳତା ଏକ ଏପରି ଗୁଣ ଯାହା ସମସ୍ତଙ୍କ ଭାଗ୍ୟରେ ନଥାଏ । ଯେଉଁମାନଙ୍କ ଜୀବନରେ ସରଳତା ଥାଏ ସେମାନେ କାହାରି ଅନିଷ୍ଟ ଚିନ୍ତା କରି ଜାଣନ୍ତି ନାହିଁ । ସେମାନଙ୍କର ପ୍ରତ୍ୟେକଟି କଥା ଏବଂ କାର୍ଯ୍ୟରେ ଏକ ପ୍ରକାରର ଆନ୍ତରିକତା ଓ ସ୍ୱଚ୍ଛତା ଥାଏ । ସେମାନେ ଭାବନ୍ତି ଯେ ସଂସାରର ସବୁ ଲୋକ ସେମାନଙ୍କ ପରି ଭଲ ଆଉ ସଚ୍ଚୋଟ । କିନ୍ତୁ ଏହି ଭ୍ରମ ହିଁ ସେମାନଙ୍କ ପାଇଁ ସବୁଠାରୁ ବଡ଼ ବିପଦ ସୃଷ୍ଟି କରିଥାଏ । ଚତୁର ଏବଂ ଚାଲାକ ବ୍ୟକ୍ତିମାନେ ଏହି ସରଳତାର ସୁଯୋଗ ନେଇ ସେମାନଙ୍କୁ ନିଜର ସ୍ୱାର୍ଥ ହାସଲ ପାଇଁ ବ୍ୟବହାର କରିଥାଆନ୍ତି । ଯେମିତିକି ଗ୍ରାମାଞ୍ଚଳ କିମ୍ବା ସହରରେ ଅନେକ ସମୟରେ ଦେଖିବାକୁ ମିଳେ ଜଣେ ସରଳ ବ୍ୟକ୍ତି ନିଜର ଜଣେ ବନ୍ଧୁଙ୍କୁ ବିଶ୍ୱାସ କରି ବ୍ୟାଙ୍କରୁ ଟଙ୍କା ଧାର ଆଣିବାରେ ସାହାଯ୍ୟ କରେ କିମ୍ବା ଜାମିନଦାର ହୁଏ । ସେ ଭାବେ ଯେ ବନ୍ଧୁଟି ନିଶ୍ଚିତ ଭାବରେ ଟଙ୍କା ପରିଶୋଧ କରିଦେବ କିନ୍ତୁ ପରବର୍ତ୍ତୀ ସମୟରେ ସେହି ବନ୍ଧୁଜଣକ ଫେରାର ହୋଇଯାଏ କିମ୍ବା ଦାୟିତ୍ୱରୁ ଓହରିଯାଏ ଏବଂ ବ୍ୟାଙ୍କର ସମସ୍ତ ଚାପ ସେହି ସରଳ ମଣିଷ ଉପରେ ପଡ଼େ । ସେତେବେଳେ ତା'ର ସରଳତା ହିଁ ତା' ପାଇଁ ଅଭିଶାପ ପାଲଟିଯାଏ ।

ତେବେ ମଣିଷ ଜୀବନର ସବୁଠାରୁ ସମ୍ବେଦନଶୀଳ ଅଧ୍ୟାୟ ହେଉଛି ପ୍ରେମ । ପ୍ରେମ ହେଉଛି ଆତ୍ମାର ସମ୍ପର୍କ ଯାହା ବିଶ୍ୱାସ ଏବଂ ସମର୍ପଣ ଉପରେ ପ୍ରତିଷ୍ଠିତ । କିନ୍ତୁ ଯେତେବେଳେ ଜଣେ ସରଳ ହୃଦୟର ବ୍ୟକ୍ତି ପ୍ରେମ ସମ୍ପର୍କରେ ଆବଦ୍ଧ ହୁଏ ସେ ସେହି ସମ୍ପର୍କକୁ ନିଜର ସର୍ବସ୍ୱ ବୋଲି ମାନିନିଏ । ସେ ସାମ୍ନା ମଣିଷର ପ୍ରତ୍ୟେକଟି ମିଠା କଥାକୁ ଖାଣ୍ଟି ସତ ବୋଲି ଭାବି ନିଜର ଭାବନା ଏବଂ ସମ୍ମାନକୁ ସମ୍ପୂର୍ଣ୍ଣ ଭାବରେ ସେହି ବ୍ୟକ୍ତିଙ୍କ ପାଖରେ ବାନ୍ଧିଦିଏ । ସରଳ ଯୁବକ କିମ୍ବା ଯୁବତୀମାନେ ପ୍ରେମରେ ପଡ଼ିଗଲେ ସାମ୍ନାରେ ଥିବା ବ୍ୟକ୍ତିର କୌଣସି ଦୋଷ ଦେଖିପାରନ୍ତି ନାହିଁ । ସେମାନେ ଭାବନ୍ତି ଯେ ସେମାନଙ୍କର ପ୍ରେମିକ କିମ୍ବା ପ୍ରେମିକା କେବେବି ସେମାନଙ୍କୁ ଠକିବେ ନାହିଁ । ଯେତେବେଳେ ସେହି ସାମ୍ନାର ବ୍ୟକ୍ତିଜଣକ କେବଳ ସ୍ୱାର୍ଥ କିମ୍ବା ଅସ୍ଥାୟୀ ଆକର୍ଷଣ ପାଇଁ ସମ୍ପର୍କରେ ଥାଏ ଏବଂ ସମୟ ଆସିଲେ ମୁହଁ ଫେରାଇ ନିଏ । ସେତେବେଳେ ସେହି ସରଳ ପ୍ରେମୀର ମନ ଭିତରୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିପଡ଼େ । ଏହି ଆଘାତ ଏତେ ଗଭୀର ହୁଏ ଯେ ବ୍ୟକ୍ତିଜଣକ ଆଉ କାହାକୁ ଭଲ ପାଇବା କିମ୍ବା ବିଶ୍ୱାସ କରିବାକୁ ସାହସ କରିପାରେ ନାହିଁ । ସରଳ ମଣିଷମାନେ କେବଳ ବାହାର ଦୁନିଆରେ ନୁହେଁ ବରଂ ନିଜର ପରିବାର ଏବଂ କର୍ମକ୍ଷେତ୍ରରେ ମଧ୍ୟ ପ୍ରତାରଣାର ଶିକାର ହୋଇଥାଆନ୍ତି । ପରିବାର ଭିତରେ ସମ୍ପତ୍ତି ବାଣ୍ଟିବା ସମୟରେ କିମ୍ବା ଦାୟିତ୍ୱ ନେବା ସମୟରେ ନିଜର ଲୋକମାନେ ମିଛ ପ୍ରତିଶ୍ରୁତି ଦେଇ ସରଳ ବ୍ୟକ୍ତିଙ୍କ ଅଧିକାରକୁ ଛଡେଇ ନିଅନ୍ତି । ସରଳ ମଣିଷଟି ରକ୍ତ ସମ୍ପର୍କକୁ ଭ୍ରମରେ ରଖି ଚୁପ୍ ରହେ କିନ୍ତୁ ଭିତରୁ ସେ ମାନସିକ ଭାବରେ ଭାଙ୍ଗିଯାଏ । ଅଫିସ ବା କାର୍ଯ୍ୟାଳୟରେ ଜଣେ ସରଳ କର୍ମଚାରୀ କେବଳ ନିଜ କାମ ପ୍ରତି ସଚ୍ଚୋଟ ରୁହେ କିନ୍ତୁ ତା'ର ସହକର୍ମୀମାନେ ଚତୁରତା ଏବଂ ମିଛ କହି ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରଶଂସା ସାଉଁଟନ୍ତି ଏବଂ ସରଳ କର୍ମଚାରୀକୁ ତଳକୁ ଟାଣିବା ପାଇଁ ଷଡ଼ଯନ୍ତ୍ର କରନ୍ତି ।ସରଳତା କୌଣସି ଦୁର୍ବଳତା ନୁହେଁ ବରଂ ଏହା ମନୁଷ୍ୟର ସବୁଠାରୁ ବଡ଼ ମହାନତା ଏବଂ ପବିତ୍ରତା । ଚତୁରମାନେ ନିଜର ମିଛ ଓ କୂଟନୀତି ଦ୍ୱାରା ଅସ୍ଥାୟୀ ଭାବରେ ବିଜୟୀ ହୋଇପାରନ୍ତି କିନ୍ତୁ ସେମାନଙ୍କର ଅସଲ ଚେହେରା ଦିନେ ନା ଦିନେ ସାମ୍ନାକୁ ଆସିଥାଏ ।

ଅନ୍ଧାରୁଆ, ଭୁବନେଶ୍ୱର , ମୋ-୯୦୯୦୬୬୧୫୮୬

# ଏ ସଂକଟରେ ସମାଧାନ କେଉଁଠି ?

ଶ୍ରୀମୟ କର

**ଏହି ବ୍ୟାବସାୟିକ ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବେସରକାରୀ ଏବଂ ସେମାନଙ୍କ ପରିଚାଳନାରେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନାହିଁ । ଯଦି ଜୋରଜବରଦସ୍ତ କରି ସେମାନଙ୍କ ଉପରେ ସରକାର ଚାପ ପ୍ରୟୋଗ କରନ୍ତି ଆନ୍ଦୋଳନକାରୀଙ୍କ ଦାବି ପୂରଣ ପାଇଁ ଏବଂ ସେମାନେ, ସେମାନଙ୍କ ଓଡ଼ିଶାରେ ସେମାନଙ୍କ ବ୍ୟବସ୍ଥା ପ୍ରତ୍ୟାହାର କରି ନେବେ ତେବେ କ୍ଷତି କାହାର ହେବ ? ଓଡ଼ିଶାରେ ସେମାନେ ବେପାର ବନ୍ଦ କରିଦେଲେ ତାଙ୍କର କିଛି କ୍ଷତି ହେବନି ବରଂ ଜନସାଧାରଣ ଓ ଲକ୍ଷ ଲକ୍ଷ ଚାଳକ ବହୁ ଅସୁବିଧାର ସମ୍ମୁଖୀନ ହେବେ ।**

ଆନ୍ଦୋଳନ ନାଁରେ ହିଂସାତ୍ମକ ପନ୍ଥା ଅବଲମ୍ବନ କରି ଜନ ସାଧାରଣଙ୍କୁ ଅସୁବିଧାରେ ପକାଇବା ଆମ ଦେଶରେ ଏକ ବ୍ୟାଧି ହୋଇଗଲାଣି । ଗଣତନ୍ତ୍ରରେ ପ୍ରତିବାଦ ବା ଆନ୍ଦୋଳନ କରିବାରେ କୌଣସି କ୍ଷତି ନାହିଁ । କିନ୍ତୁ ଆତଙ୍କବାଦକୁ ଆପଣେଇ ଧନଜୀବନକୁ କ୍ଷତି ପହଞ୍ଚାଇବା ଏକ ଅକ୍ଷମଣୀୟ ଅପରାଧ ବୋଲି କୁହାଯାଇପାରେ । ଦୁଇ ଦିନ ତଳେ ଓ କାର୍ ଓ ବସ୍‌କୁ ଭଙ୍ଗାରୁଜା କରିବା ସହିତ ପୋଲିସକୁ ବାଡ଼େଇଲେ ତାହା ଅତ୍ୟନ୍ତ କ୍ଷୋଭର ବିଷୟ । ପ୍ରତିବାଦର ସ୍ୱର ଏବଂ ଜିଦ୍ ଏତେ ଯେ ତୀବ୍ର, ନିଜର ପରିବହନ ବା ଯାତାୟାତ ସୁବିଧା ନ ଥିବା ଜନସାଧାରଣ ଗଲା ପାଞ୍ଚଦିନ ହେଲାଣି ଅକଥନୀୟ ଯନ୍ତ୍ରଣାର ଶିକାର ହେବାକୁ ବାଧ୍ୟ ହେଉଛନ୍ତି । ଏହାର ପଛରେ ଯେ ରାଜନୈତିକ ଅଭିସନ୍ଧି ବା ପ୍ରୋତ୍ସାହନ ନାହିଁ ତାହା କହିହେବନାହିଁ । ଅନେକଙ୍କ ମତରେ ଏହା ପଛରେ ବିରୋଧୀ ଦଳଙ୍କ ହାତ ଅଛି ।

ଏହାର ପୃଷ୍ଠଭୂମିଟି କ'ଣ ? ଆନ୍ଦୋଳନକାରୀଙ୍କ ଅଭିଯୋଗ ହେଲା ଓଲା, ଉବେର ବା ରାପିଡ଼ୋ ଭଳି ସଂସ୍ଥା ଗୁଡ଼ିକରେ ପଞ୍ଜୀକୃତ ଡ୍ରାଇଭର ବା ଗାଡି ଯେଉଁମାନେ ଅନ୍‌ଲାଇନ ଜରିଆରେ ସହଜରେ ଭଡ଼ା ଯାଆନ୍ତି, ସେମାନଙ୍କୁ ଏହି କମ୍ପାନୀଗୁଡ଼ିକ ଶୋଷଣ କରୁଛନ୍ତି । ଆବଶ୍ୟକତା ଠାରୁ ଅଧିକ କମିଶନ ହାତଉଛନ୍ତି ଏବଂ ଭଡ଼ା ବଢେଇବାକୁ ରାଜି ହେଉ ନାହାନ୍ତି । ଯାହା ଫଳରେ ଏହି ଶ୍ରେଣୀର ଡ୍ରାଇଭର, ଅଟୋ ବା ବାଇକ୍ ଚାଳକମାନେ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି । ଏଣୁ, ସେମାନେ ଚାହାନ୍ତି ଯେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ସେମାନଙ୍କ ଅସୁବିଧା ଦୂର କରନ୍ତୁ ।

ଉପରୋକ୍ତ କମ୍ପାନୀଗୁଡ଼ିକ କେବଳ ଭାରତ ବର୍ଷରେ ଧନ୍ଦା କରୁନାହାନ୍ତି । ବିଶ୍ୱବ୍ୟାପୀ ଏହି ପଦ୍ଧତିରେ ତାଙ୍କର ବ୍ୟବସାୟ ଚାଲିଛି । ଅନ୍‌ଲାଇନ ଚାଳକମାନଙ୍କ ପାଇଁ ତାଙ୍କ ନୀତି ସବୁଆଡ଼େ ସମାନ । ଅବଶ୍ୟ ଧାର୍ଯ୍ୟ ଭଡ଼ା ସହରଠୁ ସହର ନେଇ ଊଣାଅଧିକେ କମ୍ ବା ବେଶି । ଭଡ଼ା ଧାର୍ଯ୍ୟ ହୋଇଥାଏ ମୁଖ୍ୟତଃ ଟ୍ରାଫିକ୍ ଜାମ୍‌କୁ ନଜରରେ ରଖି । ବେହାଲ ବର୍ଷା କିମ୍ବା ଅତି ଡ଼େରିରେ ରାତ୍ରିକାଳୀନ ଯାତ୍ରାକୁ ମଧ୍ୟ ଦୃଷ୍ଟିରେ ରଖି ଦର ଧାର୍ଯ୍ୟ କରାଯାଇଥାଏ । ଯଦି ଜଣେ ଭୋର୍‌ରୁ ଭୁବନେଶ୍ୱର ରେଳ ଷ୍ଟେସନରୁ ଚନ୍ଦ୍ରଶେଖରପୁର ଯାଏ ତା' ରେଟ୍ ସନ୍ଧ୍ୟାବେଳ ରେଟ୍‌ଠୁ ନିଶ୍ଚିତ ଭାବେ କମ୍ । ସେ ଯାହା ହେଉନା କାହିଁକି ଅନଲାଇନ ଟାକ୍ସି,ଅଟୋ ଓ ବାଇକ ବୁକିଂରେ ସ୍ୱଚ୍ଛତା ଅଛି । ତଥାପି, କେତେକ ଅମାନିଆ ଡ୍ରାଇଭର ଅଧିକ ଭଡ଼ା ଦାବିରେ ଆପଣଙ୍କୁ ହଇରାଣ ହରକତ କରିବାର ମଧ୍ୟ ଅନେକ ନଜିର ରହିଛି ।

ଗମନାଗମନ ହେଉ ଅବା ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ସବୁ ଜିନିଷ ଘରେ ବସି ଅନାୟାସରେ ମଗାଇ ପାରିବାର ଯେଉଁ ସୁବିଧା ଆମେ ଉପଲବ୍ଧ କରୁଛୁ, ତାହା ସମ୍ଭବ କେବଳ ଅନ୍‌ଲାଇନ ଯୋଗୁଁ । ଓଲା, ଉବେର୍ ଓ ରାପିଡ଼ୋ ଠାରୁ ଆରମ୍ଭ କରି ଜମାଟୋ, ସ୍ୱିଗି ବା ଫ୍ଲିପ୍‌କାର୍ଟ ଅନଲାଇନ ଜରିଆରେ ଲକ୍ଷ ଲକ୍ଷ ବେକାର ଯୁବକଙ୍କ ପାଇଁ ରୋଜଗାର ପନ୍ଥା ଖୋଲି ଦେଇଛନ୍ତି । ଯେଉଁଠି ସରକାର ବେକାରି ସମସ୍ୟା ଦୂର କରିପାରୁନାହାନ୍ତି, ଏହି ସଂସ୍ଥାଗୁଡ଼ିକରୁ ଦୂରଦୃଷ୍ଟିକୁ ଅଣଦେଖା କରାଯାଇପାରିବନାହିଁ । ଯଦି ଆଗାମୀ ଦିନ ମାନଙ୍କରେ ଏହିସବୁ ବ୍ୟବସ୍ଥା ପ୍ରତିବାଦ ଯୋଗୁଁ ଭୁଶୁଡ଼ି ପଡ଼ିବ ତେବେ ଭାବନ୍ତୁ କେତେ ଲୋକ ଓ ସେମାନଙ୍କର ପରିବାର ଦାରିଦ୍ର୍ୟ ଓ ଅନଟନରେ ଆଉଟୁପାଉଟୁ ହେବେ । ଏସବୁ ଚାଳକ ସ୍ୱଇଚ୍ଛାରେ ଓଲା, ଉବେର ଓ ରାପିଡୋରେ ନିଜକୁ ପଂଜୀକୃତ କରିଥିଲେ । ସେମାନଙ୍କୁ କେହି ବାଧ କରିନଥିଲା । ଆନ୍ଦୋଳନରତ ଗାଡ଼ି ଚାଳକମାନେ ଚାହୁଁଛନ୍ତି



ସେମାନଙ୍କର ସମସ୍ୟା ଦୂର କରିବା ପାଇଁ ସରକାର ହସ୍ତକ୍ଷେପ କରନ୍ତୁ । ଏହି ବ୍ୟାବସାୟିକ ସଂସ୍ଥାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ବେସରକାରୀ ଏବଂ ସେମାନଙ୍କ ପରିଚାଳନାରେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନାହିଁ । ଯଦି ଜୋରଜବରଦସ୍ତ କରି ସେମାନଙ୍କ ଉପରେ ସରକାର ଚାପ ପ୍ରୟୋଗ କରନ୍ତି ଆନ୍ଦୋଳନକାରୀଙ୍କ ଦାବି ପୂରଣ ପାଇଁ ଏବଂ ସେମାନେ, ସେମାନଙ୍କ ଓଡ଼ିଶାରେ ସେମାନଙ୍କ ବ୍ୟବସ୍ଥା ପ୍ରତ୍ୟାହାର କରି ନେବେ ତେବେ କ୍ଷତି କାହାର ହେବ ? ଓଡ଼ିଶାରେ ସେମାନେ ବେପାର ବନ୍ଦ କରିଦେଲେ ତାଙ୍କର କିଛି କ୍ଷତି ହେବନି ବରଂ ଜନସାଧାରଣ ଓ ଲକ୍ଷ ଲକ୍ଷ ଚାଳକ ବହୁ ଅସୁବିଧାର ସମ୍ମୁଖୀନ ହେବେ ।

ତେଣୁ ନାରାବାଜି ବା ନେତା ହେବାର ନିଶାରେ ଯେଉଁ ମୁଷ୍ଟିମେୟ ବ୍ୟକ୍ତିବିଶେଷ ଏଭଳି ଆନ୍ଦୋଳନକୁ ହିଂସାତ୍ମକ ରୂପ ଦେବାକୁ ଦ୍ୱିଧା କରୁନାହାନ୍ତି ସେମାନେ କ'ଣ ରୋଜଗାର ପନ୍ଥା ହରାଉଥିବା ଲୋକମାନଙ୍କ ପିଠିରେ ପଡ଼ିବେ । ତାଙ୍କ ପାଇଁ ଅନ୍ନସଂସ୍ଥାନର ବ୍ୟବସ୍ଥା କରିବେ ? ଅତୀତରେ ବହୁତ ନଜିର ଅଛି ଯେଉଁଠି ଏଭଳି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତି ଲୋକମାନଙ୍କୁ ଭଣ୍ଡେଇ ନିଜେ ନେତା ବନିବାର ପଥ ପରିଷ୍କାର କରନ୍ତି ଏବଂ ପରିଶେଷରେ ବିଭିନ୍ନ ପ୍ରକାରର ଚାପର ଶିକାର ହୋଇ ନିଜର ସତ୍ତା ହରେଇ ବସନ୍ତି । ଦୁଃଖ ଲାଗେ କିଛି ଲୋକ ନ ଭାବି ନବୁଝି ଏଭଳି ନେତା ମାନଙ୍କର ଓଜସ୍ୱିନୀ ଭାଷଣରେ ଉଦ୍‌ବୁଦ୍ଧ ହୋଇ ନିଜର ଭବିଷ୍ୟତକୁ ସୁଅ ମୁହଁରେ ଜଳାଞ୍ଜଳି ଦେଇ ସର୍ବସ୍ୱ ହରାନ୍ତି । ଆନ୍ଦୋଳନକାରୀଙ୍କୁ ଉସୁକାଉଥିବା ତଥାକଥିତ ନେତା ବର୍ତ୍ତମାନ ପୋଲିସ ଚଢ଼ଉକୁ ଡରି ଆତ୍ମଗୋପନ କରିଛନ୍ତି ।

ରାଜଧାନୀର ରାଜରାସ୍ତାରେ ବେପରୁଆ ଗାଡ଼ିଚାଳନା, ଅନେକ ସମୟରେ ନିଶାସକ୍ତ ଅବସ୍ଥାରେ, ନିୟମ କାନୁନକୁ ନ ମାନିବା, ରାସ୍ତା ଅବରୋଧ କରି ଅଟୋଷ୍ଟାଣ୍ଡ କରି ଦୌରାତ୍ମ୍ୟ ଚଳାଇବା ଓ ଅନେକ କିଛି ବିଷୟ ଉପରେ ଖବରକାଗଜ ବା ଟିଭି ଚାନେଲମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛନ୍ତି । କିନ୍ତୁ ଏସବୁ ଥିଲା ନିଷ୍ଫଳ ପ୍ରୟାସ । ଖବର କାଗଜରେ କ'ଣ ବାହାରିଲା ସେଥିପ୍ରତି କାହାର ଦୃଷ୍ଟି ନିବଦ୍ଧ ନ ଥିଲା । ରାଜରାସ୍ତା ଅବରୋଧ କଲେ ଓ ପୋଲିସ ମାଡ଼ ଖାଇବା ପରେ ସମସ୍ତଙ୍କ ଚେତନା ଉଦୟ ହେଲା । ପରିଣତି ସ୍ୱରୂପ ଅଟୋ ସିଜ୍ କରି ପରମିଟ୍, ଲାଇସେନ୍ସ ଓ ଅନ୍ୟାନ୍ୟ ବିଷୟବସ୍ତୁ ଉପରେ ଉଭୟ ପରିବହନ ବିଭାଗ ଓ ପୋଲିସର ଘମାଘୋଟ ତଦନ୍ତ ଆରମ୍ଭ । ଅଟୋ ରିକ୍ସା ଜବତ କରିବା ବଡ଼ କଥା ନୁହେଁ । ସେମାନେ ଯଦି ବିନା ଲାଇସେନ୍ସ, ପରମିଟ୍, ଫିଟ୍‌ନେସ୍ ବା ବୀମା ନ ଥାଇ ଭୁବନେଶ୍ୱରରେ ଦିନ ଦିପହରରେ ଅବାଧରେ ଗାଡ଼ି ଚଳଉଥିଲେ ତେବେ କର୍ତ୍ତୃପକ୍ଷ ଥିଲେ କେଉଁଠି ?

ସମସ୍ତଙ୍କର ମନେ ଥିବ ସୁଧାଂଶୁ ଷଡ଼ଙ୍ଗୀ ଯେତେବେଳେ କଟକ-ଭୁବନେଶ୍ୱର ଦ୍ୱୈତ ନଗରୀର ପୋଲିସ କମିଶନର ଥିଲେ, ସେ ଆରମ୍ଭ କରିଥିଲେ ବେପରୁଆ ଗାଡ଼ିଚାଳକ, କାର୍, ଅଟୋ ବା ବାଇକ୍ ସମସ୍ତଙ୍କ ଉପରେ ଚଢଉ । ସପ୍ତାହେ ଭିତରେ ଶତକଡ଼ା ୬୦ ଭାଗ ଅଟୋ ରାସ୍ତାରୁ ଓହରିଯାଇ ଗାଡ଼ି ଲୁଚାଇ ରଖିଲେ । ଲେନ୍ ଡ୍ରାଇଭିଂ ସୁରଖୁରରେ ଚାଲିଲା ଏବଂ ସମସ୍ତେ ଆଶ୍ୱସ୍ତି ଅନୁଭବ କଲେ । ପରେ ଏହା କାହିଁକି ବନ୍ଦ ହେଲା ସେ ନେଇ ପ୍ରଶ୍ନ ଉଠେ ।

ଯଦି ସରକାର ଏସବୁ ବିଷୟରେ ସବୁବେଳେ ସଚେତନ ଥାନ୍ତେ ତେବେ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇନଥାନ୍ତା । ଗୋଟିଏ ସଂକଟ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିନଥାନ୍ତା । ଘୋଷଣା ଅନୁଯାୟୀ ସରକାର ଏଭଳି ଆଇନ ଅମାନ୍ୟ କରୁଥିବା ଲୋକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଧେୟ । ଯଦି କର୍ତ୍ତୃପକ୍ଷ ଚିରାଚରିତ ଢଙ୍ଗରେ କିଛିଦିନ ପରେ ଏସବୁକୁ ଅଣଦେଖା କରି ଶୋଇ ପଡ଼ିବେ ତେବେ ଅବସ୍ଥାରେ କୌଣସି ପରିବର୍ତ୍ତନ ଆସିବ ନାହିଁ ।ସୁତରାଂ ସରକାର ଓ ପୋଲିସ ପ୍ରଶାସନ ନେଉଥିବା ଆଭିମୁଖ୍ୟ ଜନହିତ ପାଇଁ କାର୍ଯ୍ୟକାରୀ ହେଉ ।

**ଭୁବନେଶ୍ୱର**

CMYK

22. 08.2026.pmd 1 8/21/2026, 6:32 AM

# ନାକଟିଦେଉଳରେ ଟଙ୍କା ଓ ରାଜନୀତି ବଦଳରେ ବଣ୍ଟା ହେଉଛି ଆବାସ ଘର

ରେଢ଼ାଖୋଲ,୨୧।୮ (ନିପ୍ର); ସରକାରଙ୍କ ଗୋଟିଏ ବୋଲି ନାରା 'ସମସ୍ତଙ୍କ ମୁଣ୍ଡ ଉପରେ ରହିବ ପକ୍କା ଛାତ।' ହେଲେ ପ୍ରଶାସନିକ ଅବହେଳା ଓ ଜନପ୍ରତିନିଧିଙ୍କ ଅମାନବିକତା ଯୋଗୁଁ ଏହି ଯୋଜନା ଏବେ ଦୁର୍ନୀତିର ଆଡ୍ଡାସ୍ଥଳୀ ପାଲଟିଛି। ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଜାମୁଁଯୋରୀ ପଞ୍ଚାୟତରୁ ଆସିଛି ଏପରି ଏକ ଆଶ୍ଚର୍ଯ୍ୟଜନକ ଓ ସମ୍ବେଦନଶୀଳ ଅଭିଯୋଗ, ଯାହା ଗ୍ରାମୀଣ ବିକାଶର ପ୍ରକୃତ ଚିତ୍ରକୁ ପଦାରେ ପକାଇ ଦେଇଥିବା କୁହାଯାଇଛି। ଗ୍ରାଉଣ୍ଡ ଜିରୋରୁ ମିଳିଥିବା ଖବର ଅନୁଯାୟୀ, ଜାମୁଁଯୋରୀ ପଞ୍ଚାୟତରେ ଗରିବ, ଅସହାୟ ଓ ଭଙ୍ଗା କୁଡ଼ିଆରେ ଦିନ କାଟୁଥିବା ପ୍ରକୃତ ଯୋଗ୍ୟ ହିତାଧିକାରୀମାନଙ୍କୁ ଆବାସ ଯୋଜନାରୁ ବଞ୍ଚିତ କରାଯାଇଛି। ଅପରପକ୍ଷରେ, ଯେଉଁମାନଙ୍କର ପୂର୍ବରୁ ଆଲିଶାନ ପକ୍କା ଘର ରହିଛି ଏବଂ ଆର୍ଥିକ ସ୍ୱଚ୍ଛଳତା ଅଛି, ସେମାନଙ୍କୁ ବାଛି ବାଛି ଘର ଯୋଗାଇ ଦିଆଯାଉଛି ବୋଲି ଏଠାକାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ ସିଧାସଳଖ ଅଭିଯୋଗ ଯେ, ସ୍ଥାନୀୟ ସରପଞ୍ଚ ଟଙ୍କା ନେଇ ଅଯୋଗ୍ୟ



ଲୋକଙ୍କୁ ଘର ବାଣ୍ଟୁଛନ୍ତି। ଲାଞ୍ଚ ନଦେଇ ପାରିବାରୁ ଅନେକ ଗରିବ ପରିବାର ଆଜି ବି ଖୋଲା ଆକାଶ ତଳେ କାଳାତିପାତ କରୁଛନ୍ତି। ଦୁର୍ନୀତି ସାଙ୍ଗକୁ ରାଜନୈତିକ ଆକ୍ରୋଶ ଏବେ ଚରମ ସୀମାରେ ପହଞ୍ଚିଛି। ଯେତେବେଳେ କିଛି ଯୋଗ୍ୟ ହିତାଧିକାରୀ ନିଜର ହକ୍ ମାଗିବା ପାଇଁ ସରପଞ୍ଚଙ୍କ ପାଖକୁ ଯାଇଥିଲେ, ସେତେବେଳେ ମିଳିଥିଲା ନିରାଶାଜନକ ଓ ଅପମାନଜନକ ଉତ୍ତର। ସରପଞ୍ଚ ଖୋଲାଖୋଲି କହୁଛନ୍ତି 'ତୁମେ ମୋତେ ନିର୍ବାଚନରେ ଭୋଟ ଦେଇନ, ତେଣୁ ମୁଁ ତୁମକୁ ଘର ଦେବିନାହିଁ।' ବୋଲି ଲୋକେ କହିଛନ୍ତି ? ଜଣେ ଜନପ୍ରତିନିଧିଙ୍କ ମୁହଁରୁ ଏଭଳି ସ୍ୱାର୍ଥପର ଓ ଗଣତନ୍ତ୍ର-ବିରୋଧୀ ବକ୍ତବ୍ୟ ଶୁଣିବା ପରେ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଛନ୍ତି। ସମସ୍ତ ଗ୍ରାମବାସୀଙ୍କ ମୁହଁରୁ ଏହି ଗୋଟିଏ ପଦ । ଭୋଟ୍ ଦେଇନାହାନ୍ତି ବୋଲି ସରକାରୀ ଯୋଜନାରୁ ବଞ୍ଚିତ କରିବା କେଉଁ ପ୍ରକାରର ନ୍ୟାୟ ଏହି ଶୋଷଣ ଓ ଭ୍ରଷ୍ଟାଚାର ବିରୋଧରେ ଏବେ ଗାଁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନାକଟିଦେଉଳ ବ୍ଲକ୍ ପ୍ରଶାସନ ଓ ଜିଲ୍ଲାପାଳ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସଠିକ୍ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘରଟିଏ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ନିରୀହ ଗରିବଙ୍କୁ ସେମାନଙ୍କ ହକ୍ ଦେଉଛି ନା ଦୁର୍ନୀତିର ଏହି ଆଖିବୁଜା ଖେଳ ଚାଲୁରହୁଛି । ଏନେଇ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ଏହା ସଂପୂର୍ଣ୍ଣ ମିଛ । ଦୁର୍ନୀତି ହୋଇନାହିଁ ଯାହା ହୋଇଛି ସବୁ ଉପରୁ ଆସିଛି। ହେଲେ କିଛି ଅଯୋଗ୍ୟ ହିତାଧୀକାରୀ ଘର ପାଇଥିବା ବେଳେ ଯୋଗ୍ୟ ହିତାଧିକାରୀ ଏଥିରୁ ବାଦ ପଡ଼ିଥିବାରୁ ଏହାକୁ ପୁନଃ ଉପର ସ୍ତରରୁ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇଦେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହାକୁ ନେଇ ସୁକାନ୍ତି ମାଟିଆରି, ରତନି ମାଟିଆରି, ପଦ୍ମିନୀ ମାଟିଆରି,ଜାଇ ବେହେରା, ମନ୍ଦ ସାହୁ, ଜାହ୍ନବୀ ସାହୁ,ଲିଲି ଦେହୁରୀ, ରଜନୀ ଦେହୁରୀ,ସୁବାସିନୀ ବେହେରା, ପଦ୍ମାବତୀ ବେହେରା,ନବାତି ବେହେରା, ରୁକୁଣୀ ବେହେରା, ଚଞ୍ଚଳା ମାଟିଆରି, ବାଳବତି ପୃଷ୍ଟି ଆଦି ଗାଁର ସମସ୍ତ ଯୋଗ୍ୟ ହିତାଧିକାରୀ ଅଭିଯୋଗ କରିଛନ୍ତି।

# ଅସହାୟ ହୋଇପଡ଼ିଲା ୫ ପ୍ରାଣୀ କୁଟୁମ୍ବ

ରେଢ଼ାଖୋଲ,୨୧।୮ (ନିପ୍ର); ଜନ୍ମରୁ ଶାରୀରିକ ଭିନ୍ନକ୍ଷମ, ତା' ସାଙ୍ଗକୁ ଗତ ୩ ବର୍ଷ ଧରି ମାରାତ୍ମକ କିଡ୍‌ନୀ ରୋଗ। ଦୈନନ୍ଦିନ ଅଭାବ, ଅନଟନ ଓ ଦୁଃଖ କଷ୍ଟ ସହ ଲଢୁ ଲଢୁ ଶେଷରେ ପ୍ରାଣବାୟୁ ଉଡ଼ିଯାଇଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବଡ଼ମାଳ ରେଙ୍ଗାଲି ପଞ୍ଚାୟତ ରେଙ୍ଗାଲି ଗ୍ରାମର ୪୫ ବର୍ଷୀୟ ମନୋଜ କୁମାର ସାହୁଙ୍କ ଏହି ଦୁଃଖଦ ଅନ୍ତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି । ମନୋଜ ଏକ ଛୋଟ ସାଇକେଲ ମରାମତି ଦୋକାନ କରି ଦିନକୁ ମାତ୍ର ୨୦ରୁ ୩୦ ଟଙ୍କା ରୋଜଗାର କରୁଥିଲେ। ଏହି ନଗଣ୍ୟ ଆୟରେ ଅସୁସ୍ଥ ବୃଦ୍ଧା ମା', ସ୍ତ୍ରୀ, ଦୁଇ ଝିଅ ଓ ସାନ ପୁଅଙ୍କୁ ନେଇ ଚଳିବା ସହ ନିଜର ଚିକିତ୍ସା ଖର୍ଚ୍ଚ ତୁଲାଇବା ତାଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା। ପ୍ରତିମାସରେ ତାଙ୍କୁ ୩ ପ୍ୟାକେଟ୍ 'ବି ପଜିଟିଭ୍' ରକ୍ତ ଆବଶ୍ୟକ ହେଉଥିବାରୁ, ପରିବାର ଲୋକଙ୍କୁ ପ୍ରତି ମାସ ନୂଆ ରକ୍ତଦାତା ଖୋଜିବାକୁ ପଡୁଥିଲା। ରକ୍ତ ଓ ଔଷଧ ଖର୍ଚ୍ଚ ସାଙ୍ଗକୁ ପିଲାମାନଙ୍କ ପାଠପଢ଼ା ଚିନ୍ତା ମନୋଜଙ୍କୁ ଭିତରୁ ଭାଙ୍ଗି ଦେଇଥିଲା। ପରିବାରର ଦୁର୍ଦ୍ଦଶା ନେଇ ମନୋଜ ପୂର୍ବରୁ ରେଢ଼ାଖୋଲ ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଗୁହାରି କରିଥିଲେ। ପରବର୍ତ୍ତୀ ସମୟରେ ଏହି ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ, ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତ ମନୋଜଙ୍କୁ ଡାକି ସମସ୍ୟା ବୁଝିଥିଲେ। ରେଡ୍‌କ୍ରସ୍ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇବା ସହ ତାଙ୍କ ଝିଅଙ୍କ ଯୁକ୍ତ ଦୁଇ (+୨) ପାଠପଢ଼ାର ସମ୍ପୂର୍ଣ୍ଣ ଦାୟିତ୍ୱ ନେବାକୁ ପଦକ୍ଷେପ ନିଆଯାଇଥିଲା। ଏହା ତାଙ୍କ ଦୁଃଖକୁ କିଛି ପରିମାଣରେ ଆଶ୍ୱସ୍ତି ପ୍ରଦାନ ସହ ସହାୟତାର କିରଣ ଦେଖାଯାଉଥିବା ବେଳେ ନିୟତିର ବିଚାର ଥିଲା କିଛି ଅଲଗା। ରେଢ଼ାଖୋଲ ଡାକ୍ତରଖାନାରେ ରକ୍ତ ଭଣ୍ଡାର ଅଛି ହେଲେ ଚାଲୁନଥିବା ତଥା ମାସ ମାସ ଧରି ବନ୍ଦ ପଡ଼ିଥିବା ହେତୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ଯିବାକୁ ବାଧ ପଡ଼ିଥିଲା । ଶରୀରରେ ରକ୍ତର ଅଭାବ ହେଲେ ବୁର୍ଲା ଡ଼ାକ୍ତରଖାନାରେ ଭର୍ତି ହେବାକୁ ପଡୁଥିଲା ଖାଲି ସେତିକି ନୁହେଁ ସେଠାରେ ପୁଣି ୩ ପ୍ୟାକେଟ୍ ରକ୍ତ ଦେବାକୁ ପଡୁଥିଲା । ରେଢ଼ାଖୋଲ ମୁଖ୍ୟ ଚିକିତ୍ସାଳୟରେ ନିଜ ଲୋକଙ୍କ ପରିଚିତ ହେତୁ ସହଜରେ ରକ୍ତ ଯୋଗାଡ଼ କରି ଏଠାରେ ଦେଉଥିଲେ। ହେଲେ ସେଠାରେ ରକ୍ତ ପାଇଁ ଲୋକ ଖୋଜିବାକୁ ପଡୁଥିଲା ତାହା ଥିଲା ତାଙ୍କପାଇଁ କଷ୍ଟକର । ଅଚିହ୍ନା ଜାଗାରେ କିଏବା ଶୁଣିବ ତାଙ୍କ କଥା ତଥାପି ଯୋଗାଡ଼ କରି ରକ୍ତ ଦେବାକୁ ପଡୁଥିଲା। ଏହା ଭିତରେ ମନୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଦ୍ରୁତ ଗତିରେ ବିଗିଡ଼ି ଯାଇଥିଲା। ବୁର୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ବେଳେ ସ୍ଥିତି ଅତ୍ୟନ୍ତ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଆସିଥିଲେ। ଶେଷରେ ଘରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ମନୋଜଙ୍କ ଅକାଳ ବିୟୋଗରେ ତାଙ୍କ ବୃଦ୍ଧା ମା', ଅସହାୟ ସ୍ତ୍ରୀ ଓ ତିନୋଟି ନିଷ୍ପାପ ନାବାଳକ ଶିଶୁ ସମ୍ପୂର୍ଣ୍ଣ ନିରାଶ୍ରୟ ହୋଇପଡ଼ିଛନ୍ତି। ବାପାଙ୍କୁ ହରାଇ ଛୁଆଙ୍କ ଆଖିରୁ ଲୁହ ଶୁଖୁନଥିବା ବେଳେ ଏହି ନିଷ୍ଠୁର ନିୟତିର ଖେଳ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଗଭୀର ଭାବେ ବ୍ୟଥିତ କରିଛି ।

# ଅପହରଣ ମାମଲା, ଅଭିଯୁକ୍ତ ବାପ-ପୁଅ ଗିରଫ

ପିପିଲି,୨୧।୮ (ନିପ୍ର); ବଳଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଅପହରଣ ମାମଲାରେ ବଳଙ୍ଗା ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ମହାବଳ ଗ୍ରାମର ଜୟନ୍ତ କୁମାର ବିଶ୍ୱାଳ ଓ ପୁଅ ଦୀପ୍ତିମନ୍ତ ବିଶ୍ୱାଳ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ମୁତାବକ ଗତ ମେ ମାସ ୯ ତାରିଖରେ ନାବାଳିକା ଜଣଙ୍କ ଘରୁ ନିକଟସ୍ଥ ବଜାରକୁ ଡ୍ରେସ ସିଲେଇ କରିବାକୁ ଯାଇଥିବା ବେଳେ ଅଭିଯୁକ୍ତ ଦୀପ୍ତି ତାକୁ ମିଥ୍ୟା ପ୍ରଲୋଭନ ଅପହରଣ



କରିନେଇଥିଲା। କିଛି ଦିନପରେ ନାବାଳିକା ଜଣଙ୍କ ସେ ବାଲେଶ୍ୱର ଜିଲ୍ଲାର କୌଣସି ଏକ ସ୍ଥାନରେ ରହୁଥିଲା ବେଳେ ତାକୁ ଉଦ୍ଧାର କରିବାକୁ ସେ ତାର ମାକୁ ଫୋନ କରି କହିଥିଲା। ନାବଳିକାର ମା ଏନେଇ ଥାନାରେ ଅଭିଯୋଗ କରିବା ପରେ ଥାନାରେ ଏକ ଅପହରଣ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ବଳଙ୍ଗା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତ ଘରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଥିଲା। ତେବେ ପୋଲିସ ଟିମ୍ ନାବାଳିକାକୁ ଉଦ୍ଧାର କରିପାରି ନଥିଲା ବେଳେ ଖୁବ୍ ଶୀଘ୍ର ତାକୁ ଉଦ୍ଧାର କରାଯିବ ବୋଲି ତଦନ୍ତକାରୀ ଅଧିକାରଣୀ କହିଛନ୍ତି।

# ଜବରଦଖଲକାରୀଙ୍କ ତୀବ୍ର ବିରୋଧ ଯୋଗୁଁ ଉଚ୍ଛେଦ ପ୍ରକ୍ରିୟା ସ୍ଥଗିତ

ପାରଳାଖେମୁଣ୍ଡି,୨୧।୮ (ନିପ୍ର): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଲାବଣ୍ୟଗଡ ପଞ୍ଚାୟତ ଅନ୍ତର୍ଗତ ରାଉତପୁର ଗ୍ରାମ ଛକରେ ରହିଥିବା ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ନିମନ୍ତେ ଆଜି ସମସ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେବେ ଜବରଦଖଲକାରୀଙ୍କ ପ୍ରବଳ ବିରୋଧ ଯୋଗୁଁ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ଭାବେ ସ୍ଥଗିତ କରିଛି ପ୍ରଶାସନ । ସୂଚନା ପ୍ରକାରେ ରାଉତପୁର ଛକ ଠାରେ ଥିବା ଜିମେଟୁ ମୌଜାର ପ୍ଲଟ ନମ୍ବର ୪୬୫ ରେ ଥିବା ୩୦ ସେଣ୍ଟ ପରିମିତ ସରକାରୀ ଜାଗାରହିଛି। ଏହି ପ୍ଲଟରେ ରାଉତପୁର ଗ୍ରାମର କିଛି ଆଦିବାସୀ ସମ୍ପ୍ରଦାୟର ୨୫ ପରିବାର ଲୋକେ ୨୫ ଗୋଟି ଝାଟିମାଟି ଘର ନିର୍ମାଣ କରି ରହିଆସୁଥିଲେ । ତେବେ ଆଜି ପ୍ରଶାସନ ପକ୍ଷରୁ ଏମାନଙ୍କୁ ଉଚ୍ଛେଦ ନିମନ୍ତେ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ହେଲେ ଆଦିବାସୀ ମହିଳା ଓ ପୁରୁଷ ମାନେ ଏକତ୍ର ହୋଇ ଏହାକୁ ତୀବ୍ର ବିରୋଧ କରିଥିଲେ । ଉଚ୍ଛେଦ ତଥା ବାସଗୃହ ଗୁଡିକୁ ଭାଙ୍ଗିବା ପାଇଁ ନିୟୋଜିତ କରାଯାଇଥିବା ଜେସିବି ଆଗରେ ବସିଯାଇଥିଲେ ମହିଳାମାନେ । ଆମ୍ଭଙ୍କୁ ଯେ କୌଣସି ଦଣ୍ଡ ଦେଲେ ସହିଯିବୁ ପଛେ ଇଞ୍ଚେ ଜାଗା ଛାଡିବୁନାହିଁ ବୋଲି ଅଡିବସିଥିଲେ । ଉପସ୍ଥିତ ପାରଳାଖେମୁଣ୍ଡି ଅଧିକାରୀ ଓ ପୋଲିସ ଉଚ୍ଚ୍ୟାକ୍ତମାନଙ୍କୁ ବହୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ନିଜ ନିଜ ଯିଦରେ ଅଟଳ



ତହସିଲଦାର ନାରାୟଣ ବେହେରା, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକା, ଅତିରିକ୍ତ ତହସିଲଦାର ବି.ଆଲିୟାରେଡ୍ଡୀ ପ୍ରମୁଖ ପ୍ରଶାସନିକ ରହିଥିଲେ । ଆଇନଶୃଙ୍ଖଳା ବିଗିଡିବା ପରିସ୍ଥି ଉପୁଜିବା ଭଳି ପରିସ୍ଥିତିକୁ ଲକ୍ଷ୍ୟ କରି ଶେଷରେ ପ୍ରଶାସନ ଓ ପୋଲିସ ସାମୟିକ ଭାବେ ଉଚ୍ଛେଦ ପକ୍ରିୟାକୁ ସ୍ଥଗିତ କରି ସଦଳବଳେ ଫେରିଯାଇଥିବାର ଦେଖିବାକୁ ମିଳିଥିଲା।

# କଳାପଥରରେ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନ ଅନୁଧ୍ୟାନ କଲେ ଉପଜିଲ୍ଲାପାଳ

ବାଙ୍କୀ,୨୧।୮ (ନିପ୍ର); କଟକ, ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାର ସଙ୍ଗମସ୍ଥଳ କଳାପଥରରେ ଦୀର୍ଘଦିନ ଧରି ଏକ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଦାବି ହୋଇଆସୁଛି। ବାରମ୍ବାର ଦାବି ସତ୍ତ୍ୱେ ବସଷ୍ଟାଣ୍ଡ ନିର୍ମାଣ ହୋଇପାରିନଥିବା ବେଳେ ଏବେ ଏହି ଦାବି ନେଇ ପ୍ରଶାସନିକ ତତ୍ପରତା ଦେଖାଦେଇଛି। କିଛିଦିନ ତଳେ କଳାପଥର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଏକ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିବା ବେଳେ ସ୍ଥାନୀୟ ଲୋକେ କଳାପଥରରେ ଏକ ଭଲ ବସଷ୍ଟାଣ୍ଡ ନଥିବା ନେଇ ଅଭିଯୋଗ କରିଥିଲେ। ଏହାପରେ ମନ୍ତ୍ରୀ ତୁରନ୍ତ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିବାକୁ ବାଙ୍କୀ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବାଙ୍କୀ ଉପଜିଲ୍ଲାପାଳ ମୋନସ୍ୱିନୀ ଦାସ କଳାପଥରରେ ପହଞ୍ଚି ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ ଓ ଅନୁଧ୍ୟାନ କରିଥିଲେ। ଯାତ୍ରୀଙ୍କ



ଯାତାୟାତ ସୁବିଧା, ବସ୍‌ଗୁଡ଼ିକର ଅବାଧ ଚଳାଚଳ ଓ ସ୍ଥାନୀୟ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି କେଉଁ ସ୍ଥାନରେ ବସଷ୍ଟାଣ୍ଡ ନିର୍ମାଣ କରାଗଲେ ଅଧିକ ଉପଯୋଗୀ ହେବ, ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ବାଙ୍କୀର ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ, ବାଙ୍କୀ ବ୍ଲକ କଂଗ୍ରେସ ସଭାପତି ନରେଶ କୁମାର ସାହୁ ଏବଂ କଳାପଥର ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଖୋର୍ଦ୍ଧା ଦେଇ କଣ୍ଟିଲୋ, ଦଶପଲ୍ଲା ଓ ବଲାଙ୍ଗୀର ଅଭିମୁଖେ ଅନେକ ବସ୍ କଳାପଥର ଦେଇ ଯାତାୟାତ କରୁଛି। ଏହାସହ ବଡ଼ମ୍ବା, ନରସିଂହପୁର, ଢେଙ୍କାନାଳ ଓ ସମ୍ବଲପୁର ଅଭିମୁଖେ ମଧ୍ୟ ବସ୍ ଚଳାଚଳ କରୁଛି। କଳାପଥରରେ ବସଷ୍ଟାଣ୍ଡ ନଥିବାରୁ ଯାତ୍ରୀମାନେ ବାଧ ହୋଇ ଦୋକାନ ବାରଣ୍ଡା ଏବଂ ବରଗଛ ମୂଳରେ ଥିବା ମଣ୍ଡପରେ ବସ୍‌କୁ ଅପେକ୍ଷା କରୁଛନ୍ତି। ଫଳରେ ବର୍ଷା, ଖରା ଓ ଅନ୍ୟାନ୍ୟ ପାଣିପାଗ ସମୟରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ କଳାପଥରରେ ଶୀଘ୍ର ଏକ ସୁସଜ୍ଜିତ ଓ ସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ଜୋର ଧରିଛି।

# ଆସିକା ଠାରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସାଧାରଣ ବୈଠକ

ଆସିକା,୨୧।୮ (ନିପ୍ର); ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଜୋନ୍-୪ର ସାଧାରଣ ବୈଠକ ଆସିକା କଲେଜ ଛକସ୍ଥିତ ମାତୃଶକ୍ତି କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜୋନ ୪ର ସଭାପତି ଅକ୍ଷୟ କୁମାର ପଟ୍ଟନାୟକ ସମ୍ପାଦକ ବିପ୍ରଚରଣ ବାରିକ,ଗଞ୍ଜାମ ଘରୋଇ ବସ ମାଲିକ ସଙ୍ଘ ସାଧାରଣ ସମ୍ପାଦକ ବସନ୍ତ କୁମାର ବିଷୋୟୀ,ଆସିକା ବସ ୟୁନିୟନ ସଭାପତି ସୂର୍ଯ୍ୟକାନ୍ତ ପରିଡା ପ୍ରମୁଖ ମଂଚାସୀନ ରହି ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ।

ଏହି ବୈଠକରେ ଗଞ୍ଜାମ, ଆସିକା, ଘୁମୁସର, ସୋରଡ଼ା, ଟିକାବାଲି, ବାଲିଗୁଡ଼ା, ପୋଲସରା, ହିମତଳି ଓ ଭଞ୍ଜନଗର ଆଦି ଅଞ୍ଚଳର ବସ୍ ଆସୋସିଏସନ୍‌ର ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଓ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିଥିଲେ। ବୈଠକରେ ବସ୍ ପରିଚାଳନା, ଯାତ୍ରୀ ସୁରକ୍ଷା, ଭଡ଼ା ସମନ୍ୱୟ, ନୂତନ ରୁଟ୍ ଅନୁମୋଦନ ଏବଂ ସରକାରଙ୍କ ପକ୍ଷରୁ ଲାଗୁ ହେଉଥିବା ନୂତନ ନିୟମ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବସ୍ ମାଲିକମାନଙ୍କ ସମସ୍ୟାର ସମାଧାନ ସହ ଯାତ୍ରୀମାନଙ୍କୁ ଉନ୍ନତ ଓ ନିରାପଦ ବସ୍ ସେବା ପ୍ରଦାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସଂଘର ନେତୃବୃନ୍ଦ କହିଥିଲେ ଯେ, ଯାତ୍ରୀମାନଙ୍କୁ ଉନ୍ନତ, ସୁବିଧାଜନକ ଓ ନିରାପଦ ବସ୍ ସେବା ଯୋଗାଇଦେବା ସଂଘର ପ୍ରମୁଖ ଲକ୍ଷ୍ୟ।

# ସମାଜ ସହ ରହିବି, ସମାଜ ପାଇଁ କାମ କରିବି

## ୧୫ ବର୍ଷ ପରେ ଘରକୁ ଫେରିଲେ ଆଜାଦ 'ମୋ ପ୍ରତି ଅନ୍ୟାୟ ପାଇଁ ମୂଲ୍ୟବାନ ସମୟ ଜେଲ୍‌ରେ କଟିଲା'

ପାରଳାଖେମୁଣ୍ଡି,୨୧।୮ (ନିପ୍ର); ମାଓନେତା ଡୋନା କେଶବ ରାଓ ଓରଫ ଆଜାଦ ସମସ୍ତ ମାମଲାରୁ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ପରେ ଗତକାଲି ଜେଲ୍‌ରୁ ମୁକୁଳିଛନ୍ତି। ଦୀର୍ଘ ୧୫ ବର୍ଷର ସଂଘର୍ଷ ପରେ ଆନ୍ଧ୍ରସ୍ଥିତ ନିଜ ଘରକୁ ଫେରିଥିବା ଆଜାଦ ଏବେ ପରିବାର ସହ ସମୟ ବିତାଇ ଖୁସି ଅନୁଭବ କରୁଥିବା ବେଳେ 'ସମାଜ ସହ ରହିବି ଓ ସମାନ ପାଇଁ କାମ କରିବି' ବୋଲି କହିଛନ୍ତି। ତେବେ, ତାଙ୍କ ପ୍ରତି ପୁଲିସ ଅନ୍ୟାୟ କରିଥିବାରୁ ଜୀବନର ବହୁ ମୂଲ୍ୟବାନ୍ ସମୟ କାରାଗାରରେ କଟାଇବାକୁ ପଡ଼ିଲା ବୋଲି ଆଜାଦ ଅଭିଯୋଗ ଆନ୍ଧ୍ର ପୁଲିସ ନିକଟରେ ଆତ୍ମସମର୍ପଣ କରିବାର ଦୁଇ ଦିନ ପରେ ଓଡ଼ିଶା ପୁଲିସ ତାଙ୍କୁ ନେଇଯାଇଥିଲା। କେନ୍ଦୁଝରସ୍ଥିତ ଓଏମ୍‌ସି ଗେଷ୍ଟ୍ ହାଉସ୍‌ରେ ଓଡ଼ିଶା ପୁଲିସର ବରିଷ୍ଠ ଅଧିକାରୀ, କ୍ରାଇମବ୍ରାଞ୍ଚ ଓ ଏଆଇଟିର ସଦସ୍ୟମାନେ ତାଙ୍କୁ ପଚରାଉଚରା କରିଥିଲେ। ଦୁଇଦିନ ପରେ ଛାଡ଼ିଦେବାକୁ କୁହାଯାଇଥିଲେ ମଧ ପରେ ତାଙ୍କୁ ଗିରଫ କରାଯାଇଥିଲା । କ୍ରାଇମବ୍ରାଞ୍ଚ ପକ୍ଷରୁ ଝାଇପଡ଼ା ଅଞ୍ଚଳରେ ବୁଲୁଥିବା ଜଣେ ସନ୍ଦିଗ୍ଧ 'ଆଜାଦ୍' ନାମକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଦର୍ଶାଇ ତାଙ୍କୁ କୋର୍ଟ ପଠାଯାଇଥିଲା। ପରବର୍ତ୍ତୀ ସମୟରେ ନୟାଗଡ଼ ସମେତ ଅନ୍ୟାନ୍ୟ ମାମଲା ତାଙ୍କ ନାମରେ ଯୋଡ଼ି ଦିଆଯାଇଥିଲା। ଆତ୍ମସମର୍ପଣ ପରେ ମଧ ବିଭିନ୍ନ ମାମଲା ତାଙ୍କ ନାମରେ ଲଦି ଦିଆଯିବା ଯୋଗୁଁ ଜୀବନର ମୂଲ୍ୟବାନ ୧୫ ବର୍ଷ ଜେଲ୍‌ରେ କାଟିବାକୁ ପଡ଼ିଥିବା ସେ କହିଛନ୍ତି ତଥାପି ଜେଲ୍‌ରେ ରହି ପାଠପଢ଼ା ଜାରି ରଖି ଡିଗ୍ରୀ ହାସଲ କଲେ । ଏବଂ ଅବଶିଷ୍ଟ ସମୟ ଅନ୍ୟ ବିଦ୍ୟାର୍ଥୀଙ୍କୁ ପାଠପଢ଼ାରେ ସହଯୋଗ କରି ବିନିଯୋଗ କରୁଥିଲେ ବୋଲି ଆଜାଦ ପ୍ରକାଶ କରିଛନ୍ତି। ଦୀର୍ଘ ସମୟ ଜେଲ୍‌ରେ ରହିବା ପରେ ବାହାର ଦୁନିଆ ତାଙ୍କୁ ନୂଆ ନୂଆ ଲାଗୁଥିବା ପ୍ରକାଶ କରି 'ଶୋଇଲେ, ବସିଲେ, ଖାଇଲେ ଖାଲି ପୁଲିସ ପୁଲିସ ଲାଗୁଥିଲା' ବୋଲି ସେ ଜେଲ୍ ଜୀବନର ଅନୁଭୂତି ବର୍ଣ୍ଣନା ବେଳେ କହିଛନ୍ତି ।ତେବେ, ତଦନ୍ତ ପ୍ରକ୍ରିୟାକୁ ନେଇ ଆଇନଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି । ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ଲାଗି ଟିଆଇ ପରେଡ୍ କରାଯାଇ ନଥିବା,



ଅଭିଯୁକ୍ତ ଓ ସାକ୍ଷୀମାନଙ୍କ ସମ୍ପର୍କିତ ଆବଶ୍ୟକ ରେକର୍ଡ ଠିକ୍ ଭାବେ କରା ଯାଇନଥିବା ଏବଂ ମାମଲାରେ ଦୃଢ଼ ସାକ୍ଷ୍ୟ ପ୍ରମାଣ ଉପସ୍ଥାପନ ନ ହେବା ଭଳି ତଦନ୍ତ ପ୍ରକ୍ରିୟାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଥ୍ୟା ମାମଲା ରୁଜୁ କରି ନକ୍ସଲଙ୍କ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଦର୍ଶାଇ ପୁଲିସ ବାହାବା ନେଉଥିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏଣୁ, ତଦନ୍ତର ଆଧାର, ସାକ୍ଷୀ ସଂଗ୍ରହ ଓ ମାମଲା ପରିଚାଳନାରେ ବ୍ୟତିକ୍ରମ ଯୋଗୁଁ ତାଙ୍କୁ ଏତେ ବର୍ଷ ଧରି ଜେଲ୍‌ରେ ରହିବାକୁ ପଡ଼ିଥିବାରୁ କ୍ଷତିପୂରଣ ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଆଜାଦଙ୍କ ଆଇନଜୀବୀ ସ୍ୱରୂପ କୁମାର ପାଳ ପ୍ରକାଶ କରିଛନ୍ତି।

# ଆଦିବାସୀଙ୍କ ଥଇଥାନ ପାଇଁ ସରକାରଙ୍କ ସହ ଆଲୋଚନା କରିବେ ବିଧାୟକ

ପାରଳାଖେମୁଣ୍ଡି,୨୧।୮(ନିପ୍ର):ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଏସ ରାଉତପୁର ଗସ୍ତ କରି ସେଠାରେ ରହୁଥିବା ଆଦିବାସୀ ପରିବାରଙ୍କ ପାରଳା ବିଧାୟକ ସାକ୍ଷାତ କରି ସେମାନଙ୍କ ସୁବିଧା ଅସୁବିଧା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷକରି ବାସଗୃହ ନଥିବା ପରିବାରମାନଙ୍କ ଥଇଥାନ ଓ ଆବଶ୍ୟକ ସରକାରୀ ସୁବିଧା ଯୋଗାଇଦେବା ନେଇ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଲୋକଙ୍କ ସମସ୍ତ ସମସ୍ୟାକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରି ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିବେଦନ କରିବେ ବୋଲି କହିଥିଲେ। ଦୀର୍ଘଦିନ ଧରି ଏଠାରେ ରହୁଥିବା ଆଦିବାସୀ ପରିବାରଙ୍କ ଥଇଥାନ ପାଇଁ ସରକାରୀ ସ୍ତରରେ ଆଲୋଚନା କରାଯିବ ବୋଲି ବିଧାୟକ ଆଶ୍ୱାସନା ଦେଇଥିଲେ। ଏହି ଗସ୍ତ ସମୟରେ ବିଧାୟକଙ୍କ ସହ ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

# ଦାଦନ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ରମ୍ଭା,୨୧।୮ (ନିପ୍ର):ଗଞ୍ଜାମ ଜିଲ୍ଲାର ସମୁଦ୍ର ଉପକୂଳବର୍ତ୍ତୀ ଇଲାକାର ବିଭିନ୍ନ ଗ୍ରାମରୁ ପ୍ରାୟ ୮୫ ପ୍ରତିଶତ ସାମୁଦ୍ରିକ ସମ୍ପ୍ରଦାୟର ମତ୍ସ୍ୟଜୀବୀ ଦାଦନ ଖଟିବା ପାଇଁ ବିଭିନ୍ନ ରାଜ୍ୟକୁ ଚାଲିଯାଉଥିବା ଲକ୍ଷ୍ୟ କରାଯାଉଛି । ବିଭିନ୍ନ ସମୟରେ ସେମାନେ ସେଠାରେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୁଏ। ଯାହାକୁ ନେଇ ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ନେଇ ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ନ୍ୟୁ ପୋଡ଼ାମପେଟା ସିଦ୍ଧାନ୍ତ ନଗର ସାମୁଦ୍ରିକ ମତ୍ସ୍ୟଜୀବୀ ଗ୍ରାମରେ ଦାଦନ ଶ୍ରମିକ ସମସ୍ୟା ସମ୍ପର୍କିତ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସମୁଦ୍ରମ ଲ୍ୟାବ ପକ୍ଷରୁ କମ୍ୟୁନିଟି ସହଯୋଗରେ ତୃତୀୟ ମହଲା ସଭା ବିୟୁଷ ଅନୁଷ୍ଠାନର କୋଡିନେଟର ଜେ. ଟିଟୁ ଓ ଟ୍ରେନର ସିଏଚ ପଦ୍ମିନୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ 'ପ୍ରବାସ ଏହା କଣ ସୁରକ୍ଷିତ ଭଲ ଭବିଷତ ପାଇଁ ସୁଯୋଗ ନା ଶୋଷଣର ପଥ' ବିଷୟବସ୍ତୁ କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ଯୁବକ ଯୁବତୀ ମାନେ କ୍ଷୁଦ୍ର ନାଟକ ମାଧ୍ୟମରେ ପ୍ରବାସୀମାନେ ଭୋଗୁଥିବା ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଜନ ସଚେତନତା ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ଯୋଗଦେଇ ଉକ୍ତ ସମସ୍ୟାର ସମାଧାନ, ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ସେମାନଙ୍କ ପଞ୍ଜିକରଣ ଓ ସେମାନଙ୍କ ସନ୍ତାନମାନଙ୍କୁ ଉପଯୁକ୍ତ ଶିକ୍ଷା ସହ ବିଭିନ୍ନ କ୍ଷେତ୍ରରେ ଦକ୍ଷତାର ବିକାଶ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ବଳଙ୍ଗା ପୋଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ

ପିପିଲି,୨୧।୮ (ନିପ୍ର): ବଳଙ୍ଗା ଥାନା ପୋଲିସ ପକ୍ଷରୁ ହରିପୁର ଆଦର୍ଶ ଉଚ୍ଚ ବିଦ୍ୟାଳୟ ଓ ପିଏମଶ୍ରୀ ବଳଙ୍ଗା ଉଚ୍ଚ ବିଦ୍ୟାଳୟ ପରିସରରେ ନିଶାମୁକ୍ତ ଓଡ଼ିଶା ଅଭିଯାନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଅତିଥି ଭାବେ ଯୋଗଦେଇ ନିଶା ସେବନରେ ଭୟା ବହତା, ଅପକାରିତା, ମନୁଷ୍ୟ ସ୍ୱାସ୍ଥ୍ୟ ଉପରେ ଏହାରକୁ ପ୍ରଭାବ, କଷ୍ଟ ଅର୍ଜିତ ରୋଜଗାରରୁ କ୍ଷାନ୍ତ ପାଇବା ଓ ସମାଜ ଉପରେ ପଡୁଥିବା କୁପ୍ରଭାବ ଉପରେ ସଚେତନ କରାଇଥିଲେ। ସେହିଭଳି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନିଶାମୁକ୍ତ ଭାରତ ଗଠନ ଅଭିଯାନ ଉପରେ ଏକ ମିଳିତ ଶପଥ ପାଠ କରାଯାଇଥିଲା।

# ବନ୍ୟା କ୍ଷୟକ୍ଷତି ଆକଳନ ପାଇଁ ବିଧାନସଭା ଷ୍ଟାଣ୍ଡିଂ କମିଟିର ଭାପୁର ଗସ୍ତ

ଭାପୁର,୨୧।୮ (ନିପ୍ର): ଭାପୁର ବ୍ଲକର ମହାନଦୀ କୁଳିଆ କରବର ପଞ୍ଚାୟତର କରବର,ନଣ୍ଡାବର, ଗୁଡୁପଡା ଓ ମାଣିତ୍ରି ଗ୍ରାମ ଚାଷୀ ମାନଙ୍କର ଫସଲ ଗତ ବନ୍ୟାରେ ବିଶେଷ ଭାବରେ ଅର୍ଥାତ ୩୨୬ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିବା ନେଇ ସରକାରୀ ଭାବରେ ଜଣାପଡିଛି। ଏହି ରିପୋର୍ଟ ରାଜ୍ୟ ସରକାରଙ୍କ ପାଖରେ ପହଂଚିବା ପରେ ବୁଧବାର ବିଧାନସଭାର ଏକ ଷ୍ଟାଣ୍ଡିଂ କମିଟି ବିଧାୟକ ଲକ୍ଷ୍ମଣ ବାଗଙ୍କ ଅଧ୍ୟକ୍ଷତାରେ ବନ୍ୟା ପ୍ରଭାବିତ କ୍ଷତିଗ୍ରସ୍ତ ଅଞ୍ଚଳ ପରିଭ୍ରମଣ କରି ଫେରିଛନ୍ତି। ଏହି କମିଟିରେ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ବିଧାୟକ ଭାସ୍କର ମାଢେଇ,ବିଧାୟକ ଦଶରଥୀ ଗମାଙ୍ଗ, ଦୁର୍ଗାଚରଣ ତନ୍ତୀ,ଶତ୍ରୁଘ୍ନ ଜେନା ଏବଂ ବିଭୁତି ଭୂଷଣ ପ୍ରଧାନ ବନ୍ୟା ପ୍ରଭାବିତ କରବର ପଞ୍ଚାୟତ ଭ୍ରମଣ କରି ଫେରିଛନ୍ତି।

# କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା ଉପରେ ଗୁରୁତ୍ୱ

ଯାଜପୁର,୨୧।୮(ନିପ୍ର); ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ 'ବେଟି ବଚାଓ ବେଟି ପଢ଼ାଓ' ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଅଭିଭାଷଣ ରଖି କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ଶିକ୍ଷାକୁ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରି ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ ବୈଠକରେ କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ସଶକ୍ତିକରଣ ଏବଂ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। କନ୍ୟା ସନ୍ତାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ଓ ପ୍ରଭାବଶାଳୀ କାର୍ଯ୍ୟପନ୍ଥା ଅବଲମ୍ବନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇଥିଲେ।

# ବିଦ୍ୟାପୀଠ ପରିସରରେ ଚାରା ରୋପଣ

କୃଷ୍ଣପ୍ରସାଦ,୨୧।୮ (ନିପ୍ର): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ତିତିପ ପଞ୍ଚାୟତର ଜୟ ଦୁର୍ଗା ସଂସ୍କୃତ ବିଦ୍ୟାପୀଠ ପରିସରରେ ଗ୍ରୀନ ପାରିକୁଦ ସଂଗଠନ ପକ୍ଷରୁ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଦାଶଙ୍କ ପୌରୋହିତ୍ୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ସଭା ସହିତ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିସରରେ ଗ୍ରୀନ ପାରିକୁଦ ସଂଗଠନ ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ କଦମ୍ବ, ଛତିଆନ, ଗଙ୍ଗଶିଉଳି, ଗୁଆ ଆଦି ୫୦ରୁ ଅଧିକ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋଲଖ ପାହାଣ, ସହକାରୀ ଶିକ୍ଷକ ପ୍ରଦୀପ କୁମାର ଦାଶ, ନରେନ୍ଦ୍ର ତରେଇ, ତୃପ୍ତିମୟୀ କର, ଅକ୍ଷୟ କୁମାର ପଲେଇ, ସଂଗଠନର ମୀନାରାଣୀ ସାହୁ, ଦୟାନିଧି ତରେଇ ସମେତ ବିଦ୍ୟାଳୟ ଇକୋ କ୍ଲବର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ସିବିଏସ୍ଇର ଅନସ୍କ୍ରିନ୍ ମାର୍କିଂରେ ସ୍ଥାୟୀ ସମାଧାନ ଚାହିଁଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୧।୮: ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ଅନସ୍କ୍ରିନ୍ ମାର୍କିଂ (ଓଏସ୍ଏମ୍) ବ୍ୟବସ୍ଥାରେ ଦେଖାଦେଇଥିବା ପ୍ରଯୁକ୍ତିଗତ ତ୍ରୁଟିର ସ୍ଥାୟୀ ସମାଧାନ କରିବାକୁ କେନ୍ଦ୍ର ସରକାର ଓ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ)ଙ୍କୁ କହିଛନ୍ତି ସୁପ୍ରିମକୋର୍ଟ। ଶୁକ୍ରବାର ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କୁ ନେଇ ଗଠିତ ପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୫ ଅଗଷ୍ଟରେ ହେବ। ଓଏସ୍ଏମ୍ ମାଧ୍ୟମରେ ଖାତା ଡିଜିଟାଲ୍ ଭାବେ ମୂଲ୍ୟାୟନ କରାଯାଉଥିବା ବେଳେ ଚଳିତ ବର୍ଷ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଏହାକୁ ନେଇ ଅନେକ ଅଭିଯୋଗ ଆସିଥିଲା। ମୂଲ୍ୟାୟନରେ ତ୍ରୁଟି ଯୋଗୁଁ କିଛି ଛାତ୍ରଛାତ୍ରୀଙ୍କ ଫଳାଫଳ ଖରାପ ହୋଇଥିବା ଏବଂ ଏହା ସେମାନଙ୍କ ଉଚ୍ଚଶିକ୍ଷାରେ ନାମଲେଖାକୁ ପ୍ରଭାବିତ କରିଥିବା ଅଭିଯୋଗ କରି ଆବେଦନ ହୋଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଅଦାଲତରେ ଉପସ୍ଥିତ ଥିଲେ। ସରକାର ଏହି ପ୍ରସଙ୍ଗରେ ଏକ ନୋଟ୍ ପ୍ରସ୍ତୁତ କରିଥିବା ସେ କହିଥିଲେ। ତେବେ ଏହାକୁ ଅଦାଲତରେ ଦାଖଲ କରିବା ପୂର୍ବରୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଆବଶ୍ୟକ ବୋଲି ସେ କହିଥିଲେ। ଏହାପରେ ସୋମବାର ସୁଦ୍ଧା ସରକାରଙ୍କ ପକ୍ଷ ଜଣାଇବାକୁ ପୀଠ କହିଥିଲେ। ସରକାରଙ୍କ ଅନୁସାରେ, ମୂଲ୍ୟାୟନକୁ ନେଇ ଅଭିଯୋଗ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ସପ୍ତାହର ପୁନଃମୂଲ୍ୟାୟନ ସୁଯୋଗ ଦିଆଯାଇଥିଲା ଏବଂ ପ୍ରାୟ ୧.୬୮ ଲକ୍ଷ ଛାତ୍ରଛାତ୍ରୀ ଏଥିରୁ ଲାଭ ପାଇଛନ୍ତି। କିନ୍ତୁ ଆବେଦନକାରୀଙ୍କ ପକ୍ଷର ଓକିଲ ରାକେଶ ଖିଶୋଲା କହିଥିଲେ, ଏହି ସଂଖ୍ୟା ପର୍ଯ୍ୟାପ୍ତ ନୁହେଁ। ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ କମ୍ପାର୍ଟମେଣ୍ଟ ପରୀକ୍ଷା ଦେଉଥିବାରୁ ଏବଂ ଅନେକ ଛାତ୍ରଛାତ୍ରୀ ସମୟସୀମା ବିଷୟରେ ଜାଣି ନ ଥିବାରୁ ପୁନଃମୂଲ୍ୟାୟନ ପାଇଁ ଆଉ ଏକ ସପ୍ତାହ ସୁଯୋଗ ଦେବାକୁ ସେ ଦାବି କରିଥିଲେ। ଯେଉଁ ଛାତ୍ରଛାତ୍ରୀ ଆବଶ୍ୟକ ଦସ୍ତାବିଜ ଦେଇପାରି ନ ଥିଲେ କିମ୍ବା ପ୍ରଯୁକ୍ତିଗତ ସମସ୍ୟା ଯୋଗୁଁ ଆବେଦନ କରିପାରି ନ ଥିଲେ, ସେମାନଙ୍କ ତଥ୍ୟ ଦେବାକୁ ମଧ୍ୟ ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ଏଥି ସହ ଓଏସ୍ଏମ୍ ସମସ୍ୟାର ସ୍ଥାୟୀ ସମାଧାନ ଦରକାର ବୋଲି କୋର୍ଟ କହିଛନ୍ତି।

## ଆଲାସ୍କାରେ ଚାର୍ଟର ବିମାନ ଦୁର୍ଘଟଣାଗ୍ରସ୍ତ: ୮ ମୃତ



ୱାସିଂଟନ, ୨୧।୮: ଆମେରିକାର ଆଲାସ୍କାରେ ଗୁରୁବାର ଏକ ଚାର୍ଟର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ବିମାନରେ ଥିବା ସମସ୍ତ ୮ ଜଣଙ୍କ ମୃତ୍ୟୁ ହୋଇଛି। ପଶ୍ଚିମ ଆଲାସ୍କାର ଦୁର୍ଗମ କେପ୍ ନ୍ୟୁଏନହାମ୍ ଅଞ୍ଚଳ ନିକଟରେ ଏହି ଦୁର୍ଘଟଣା ଘଟିଛି। ଆମେରିକୀୟ ସାମରିକ କର୍ତ୍ତୃପକ୍ଷ ଓ ଅନ୍ୟ ଅଧିକାରୀମାନେ ଏହି ଘଟଣାର ସୂଚନା ଦେଇଛନ୍ତି। ରିପୋର୍ଟ ଅନୁସାରେ, ସିକ୍ୟୁରିଟି ଏଭିଏସନ୍ ପକ୍ଷରୁ ପରିଚାଳିତ ଦୁଇ ଇଞ୍ଜିନ୍ ବିଶିଷ୍ଟ ସେସ୍ନା ୪୪୧ ବିମାନଟି ଆଲାସ୍କାର ଆଙ୍କୋରେଜରୁ କେପ୍ ନ୍ୟୁଏନହାମ୍ ଅଭିମୁଖେ ଉଡ଼ାଣ ଭରିଥିଲା। ବିମାନରେ ୨ ଜଣ ପାଇଲଟ୍ ଓ ୬ ଜଣ ଯାତ୍ରୀ ଥିଲେ। କେପ୍ ନ୍ୟୁଏନହାମରେ ପହଞ୍ଚିବା ପୂର୍ବରୁ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨ଟା ୧୫ରେ କେପ୍ ନ୍ୟୁଏନହାମ୍ ବିମାନବନ୍ଦର ନିକଟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ବିମାନବନ୍ଦର ଏକ ଦୁର୍ଗମ ଆମେରିକୀୟ ବାୟୁସେନା ଅଞ୍ଚଳରେ ରହିଛି। ଅଞ୍ଚଳଟି ଅତ୍ୟନ୍ତ ଦୁର୍ଗମ ହୋଇଥିବାରୁ ଦୁର୍ଘଟଣା ପରେ ଉଦ୍ଧାର କାର୍ଯ୍ୟ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ଘଟଣାର ସୂଚନା ମିଳିବା ପରେ ଆଲାସ୍କା ରେସ୍କ୍ୟୁ କୋଅର୍ଡିନେସନ୍ ସେଣ୍ଟର ପକ୍ଷରୁ ଉଦ୍ଧାର ଅଭିଯାନ ଆରମ୍ଭ କରାଯାଇଥିଲା। ପରେ ଉଦ୍ଧାରକାରୀ ଦଳ ବିମାନରେ କେହି ବଞ୍ଚି ନ ଥିବା ନିଶ୍ଚିତ କରିଥିଲେ। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଆମେରିକାର ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ (ଏଫ୍ଏଏ) ଓ ନ୍ୟାସନାଲ୍ ଟ୍ରାନ୍ସପୋର୍ଟେସନ୍ ସେଫ୍ଟି ବୋର୍ଡ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## ଦିଲ୍ଲୀରେ ଦିନକରେ ୧୧୪ ଏଚ୧ଏନ୍୧ ମାମଲା ସମୀକ୍ଷା ବୈଠକ ଡାକିଲେ ଜେପି ନଡ୍ଡା

ନୂଆଦିଲ୍ଲୀ, ୨୧।୮: ଦିଲ୍ଲୀରେ ଏଚ୧ଏନ୍୧ (ସ୍ୱାଇନ୍ ଫ୍ଲୁ) ମାମଲା ଲଗାତାର ବୃଦ୍ଧି ପାଇବା ଚିନ୍ତା ବଢାଇ ଦେଇଛି। ଦିଲ୍ଲୀରେ ଗୋଟିଏ ଦିନରେ ୧୧୪ଟି ନୂଆ ଏଚ୍୧ଏନ୍୧ ମାମଲା ଚିହ୍ନଟ ପରେ ୨୦୨୬ରେ ମୋଟ ମାମଲା ସଂଖ୍ୟା ୧,୭୭୭ରେ ପହଞ୍ଚିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଏହି ପ୍ରସଙ୍ଗରେ ଅପରାହ୍ଣରେ ଏକ ଜରୁରୀକାଳୀନ ବୈଠକ କରିଛନ୍ତି। ନଡ୍ଡା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ବୈଠକ କରିଛନ୍ତି। ଏହି ବୈଠକରେ ରାଜଧାନୀରେ ବର୍ତ୍ତମାନର ଏଚ୧ଏନ୍୧ ପରିସ୍ଥିତି ଓ ଏହାର ମୁକାବିଲା ପାଇଁ ପ୍ରସ୍ତୁତି ସମୀକ୍ଷା କରାଯାଇଛି। ଦିଲ୍ଲୀରେ ଗତକାଲି ୧୫୯ ଇନଫ୍ଲୁଏଞ୍ଜା ମାମଲା ଚିହ୍ନଟ ହୋଇଥିବାବେଳେ ସେଥିରେ ୧୧୪ଟି ଏଚ୧ଏନ୍୧ ମାମଲା ରହିଛି। ରାଜଧାନୀରେ ଅସ୍ଥିର ଆର୍ଦ୍ରତା ଓ ତାପମାତ୍ରା ସ୍ୱାଇନ୍ ଫ୍ଲୁ ମାମଲା ସମ୍ପର୍କରେ ଚିନ୍ତା ବଢାଇ ଦେଇଛି।

## ନାଇଜେରିଆରେ ଡଙ୍ଗା ବୁଡ଼ି ୫୦ରୁ ଅଧିକ ମୃତ



ଆବୁଜା, ୨୧।୮: ନାଇଜେରିଆର ଉତ୍ତର-ପଶ୍ଚିମ ସୋକୋଟୋ ରାଜ୍ୟରେ ଡଙ୍ଗା ବୁଡ଼ି ଅତି କମରେ ୫୦ ଜଣଙ୍କ ମୃତ୍ୟୁ ହୋଇଛି। ଗୋରାଉ ଅଞ୍ଚଳ ନିକଟ ଗୋରୋନ୍ୟୋ ପାଖ ନଦୀରେ ଗୁରୁବାର ଏହି ଦୁର୍ଘଟଣା ଘଟିଥିବା ଅଧିକାରୀମାନେ କହିଛନ୍ତି। ମୃତକଙ୍କ ମଧ୍ୟରେ ପ୍ରାୟ ୪୦ ଜଣ ଶିଶୁ ଥିବା ଜଣାପଡ଼ିଛି। ତେବେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ଜାତୀୟ ଅନ୍ତର୍ଦେଶୀୟ ଜଳପଥ ପ୍ରାଧିକରଣର ଆଞ୍ଚଳିକ ଅଧିକାରୀ ଅବଦୁଲକାଦିର ୟୁସୁଫ୍ କହିଛନ୍ତି ଯେ, ଡଙ୍ଗାଟିରେ ୮୦ରୁ ଅଧିକ ଲୋକ ଥିଲେ। ସେମାନେ ଚାଷ କାମ ପାଇଁ ଗୋରାଉ ଅଞ୍ଚଳର ଚାଷଜମି ଆଡ଼କୁ ଯାଉଥିଲେ। ଧାନ ଅମଳ ପାଇଁ ଯାଉଥିବା ଚାଷୀ ଓ ଶ୍ରମିକମାନେ ଡଙ୍ଗାରେ ଥିଲେ। ଅତ୍ୟଧିକ ଲୋକ ଥିବାରୁ ଡଙ୍ଗାଟି ଭାରସାମ୍ୟ ହରାଇ ବୁଡ଼ିଯାଇଥିବା ପ୍ରାଥମିକ ଭାବେ କୁହାଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହ ଜରୁରିକାଳୀନ ଉଦ୍ଧାରକାରୀ ଦଳ ନଦୀରେ ଖୋଜାଖୋଜି ଆରମ୍ଭ କରିଥିଲେ। ସୋକୋଟୋ ପୁଲିସ କମାଣ୍ଡର ଓ ଉଦ୍ଧାରକାରୀ ସଂସ୍ଥାଗୁଡ଼ିକର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ଝାଡ଼ଖଣ୍ଡରେ ନିଯୁକ୍ତି ପରୀକ୍ଷା ବାତିଲକୁ ବିରୋଧ

ରାଞ୍ଚି, ୨୧।୮: ଝାଡ଼ଖଣ୍ଡ ସରକାର ବିଭିନ୍ନ ନିଯୁକ୍ତି ପରୀକ୍ଷା ବାତିଲ କରିବା ନିଷ୍ପତ୍ତିକୁ ବିରୋଧ କରି ଶୁକ୍ରବାର ସଚିବାଳୟ ସମ୍ମୁଖରେ ସଫଳ ପରୀକ୍ଷାର୍ଥୀମାନେ ବିକ୍ଷୋଭ କରିଛନ୍ତି। ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ (ଜେଏସ୍ଏସସି)ର କମ୍ବାଇନ୍ଡ ଗ୍ରାଜୁଏଟ୍ ଲେବଲ୍ (ସିଜିଏଲ) ପରୀକ୍ଷାରେ ଚୟନ ହୋଇଥିବା ପ୍ରାର୍ଥୀଙ୍କ ସମେତ ପ୍ରାୟ ୨,୭୦୦ ଜଣ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେମାନେ ବାତିଲ ଆଦେଶ ପ୍ରତ୍ୟାହାର କରିବା ସହ ନ୍ୟାୟ ଦାବି କରିଛନ୍ତି। ବିକ୍ଷୋଭକାରୀମାନେ ଆଦିବାସୀ ନେତା ବିର୍ସା ମୁଣ୍ଡା ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରତିଷ୍ଠାତା ଶିବୁ ସୋରେନଙ୍କ ଫଟୋ ସହ ପ୍ଲାକାର୍ଡ ଧରିଥିଲେ। ସେମାନେ 'ନ୍ୟାୟ ଦିଅ ନଚେତ୍ ଫାଶୀ ଦିଅ' ଓ 'ଲଜ୍ଜା କର' ଭଳି ସ୍ଲୋଗାନ ଦେଇଥିଲେ। ଦେଓଘରର ବାସିନ୍ଦା ତଥା ୱେଲଫେୟାର ଅଫିସର ପଦ ପାଇଁ ଚୟନ ହୋଇଥିବା ରମେଶ ମଣ୍ଡଳ କହିଛନ୍ତି ଯେ, ସେ ଅଗଷ୍ଟ ୧୯ରୁ ଆନ୍ଦୋଳନରେ ଅଛନ୍ତି ଏବଂ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ। ଚନ୍ଦା କୁମାରୀ ନାମକ ଅନ୍ୟ ଜଣେ ପରୀକ୍ଷାର୍ଥୀ ସରକାରଙ୍କୁ ଜେଏସ୍ଏସ୍ସି-ସିଜିଏଲ୍ ପରୀକ୍ଷା ବାତିଲ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଆହ୍ୱାନ ଦେଇଛନ୍ତି।

## ପେରୁରେ ଭୂକମ୍ପ ଝଟ୍କା

ନୂଆଦିଲ୍ଲୀ, ୨୧।୮: ପେରୁର ଦକ୍ଷିଣ ଆଣ୍ଡିଜ୍ ଅଞ୍ଚଳରେ ୬.୭ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପର ଝଟକା। ଅନେକ ସହରରେ ଭୂକମ୍ପର ଝଟକା ଅନୁଭୂତ ହୋଇଥିବା ବେଳେ ଲୋକେ ଭୟରେ ଘର ଛାଡ଼ି ରାସ୍ତାକୁ ଦୌଡ଼ି ଆସିଥିଲେ। ତେବେ ବଡ଼ କଥା ହେଉଛି, ଏତେ ଶକ୍ତିଶାଳୀ ଭୂକମ୍ପ ସତ୍ତ୍ୱେ କୌଣସି ଜନହାନି କିମ୍ବା ସୁନାମି ବିପଦର ଖବର ମିଳିନାହିଁ।

## ମହାକାଶ ଷ୍ଟାର୍ଟଅପ୍ ସିଇଓଙ୍କ ସହ ମୋଦିଙ୍କ ଆଲୋଚନା



ନୂଆଦିଲ୍ଲୀ, ୨୧।୮ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସେବା ତୀର୍ଥଠାରେ ୨୦ଟି ମହାକାଶ ଷ୍ଟାର୍ଟଅପର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଏବଂ ପ୍ରତିଷ୍ଠାତାମାନଙ୍କ ସହ ଆଲୋଚନା କରିଛନ୍ତି। ରକେଟ୍ ଏବଂ ପୁନଃବ୍ୟବହାରକ୍ଷମ ସେମି-କ୍ରାୟୋଜେନିକ୍ ଲଞ୍ଚ ଭେଇକିଲ୍ସ, ଆଭିଓନିକ୍ସ, ସାଟେଲାଇଟ୍ସ (ଉପଗ୍ରହ), ଉନ୍ନତ ପ୍ରପଲସନ ସିଷ୍ଟମ୍, ମହାକାଶ ଓ ପ୍ରତିରକ୍ଷା ଗୋଇନ୍ଦା, ମହାକାଶ ଆବର୍ଜନା ହଟାଇବା, ଏବଂ ଏଆଇ-ଚାଳିତ ହାଇପରଲୋକାଲ୍ ପାଣିପାଗ ଓ ଜଳବାୟୁ ସମ୍ବନ୍ଧୀୟ ସୂଚନା ଭଳି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହାକାଶ କ୍ଷେତ୍ରର ପ୍ରମୁଖ କମ୍ପାନୀଗୁଡ଼ିକର ସିଇଓମାନେ ଏହି ମତବିନିମୟରେ ଅଂଶଗ୍ରହଣ କରିଥିଲେ। ସେମାନେ ଭାରତର ବେସରକାରୀ ମହାକାଶ ଉଦ୍ୟୋଗ ଦ୍ୱାରା ହେଉଥିବା ଦ୍ରୁତ ପ୍ରଗତିକୁ ରେଖାଙ୍କିତ କରିବା ସହ ଏହି କ୍ଷେତ୍ରର ଭବିଷ୍ୟତ ପାଇଁ ସେମାନଙ୍କର ଦୂରଦୃଷ୍ଟି ସେୟାର କରିଥିଲେ। ମହାକାଶ କ୍ଷେତ୍ରକୁ ଘରୋଇ ଭାଗିଦାରୀ ପାଇଁ ଖୋଲିବା ଦ୍ୱାରା ବିପୁଳ ଉତ୍ସାହ ସୃଷ୍ଟି ହୋଇଛି ଏବଂ ଶିଳ୍ପ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି ବୋଲି ସେମାନେ ପ୍ରକାଶ କରିଥିଲେ। ଏହାସହ, ଭାରତର ଉଦୀୟମାନ ବେସରକାରୀ ମହାକାଶ ଶିଳ୍ପ ଦ୍ୱାରା ବିକଶିତ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ ଏବଂ ବ୍ୟବହାର କରିବା ପାଇଁ ଅନେକ କମ୍ପାନୀ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ସେମାନେ କହିଥିଲେ। ସାହସ ଏବଂ ନେତୃତ୍ୱ ସହିତ ଏହି ନୂତନ କ୍ଷେତ୍ରରେ ଆଗକୁ ବଢୁଥିବାରୁ ପ୍ରଧାନମନ୍ତ୍ରୀ ମହାକାଶ କ୍ଷେତ୍ର ସହିତ ଜଡିତ ଶିଳ୍ପ ନେତାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି ଆଲୋଚନାରେ ସ୍କାଇରୁଟ୍ ଏରୋସ୍ପେସ୍, ଅଗ୍ନିକୁଲ କସମୋସ୍, ପିକ୍ସେଲ, ଧ୍ରୁବ ସ୍ପେସ୍, ଗାଲାକ୍ସଆଇ, ପିୟରସାଇଟ୍, ବେଲାଟ୍ରିକ୍ସ ଏରୋସ୍ପେସ୍, ଦିଗନ୍ତରା, ସୁହୋରା ଟେକ୍ନୋଲୋଜିସ୍, ମନସ୍ତୁ ସ୍ପେସ୍, ଆଷ୍ଟ୍ରୋବେସ୍, ଟେକମିଟୁସ୍ପେସ୍, ବ୍ୟୋମଆଇସି, କସମୋସର୍ଭ ସ୍ପେସ୍, ଅର୍ବିଟଏଡ୍ ଏରୋସ୍ପେସ୍, ସ୍କାଇସର୍ଭ, ସେରେଣ୍ଡିପିଟି ସ୍ପେସ୍, ଭାସର୍ ଲ୍ୟାବ୍ସ ଏବଂ ମିଷ୍ଟଇଓ ସମେତ ମହାକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୨୦ଟି ଷ୍ଟାର୍ଟଅପର ସିଇଓ ଏବଂ ପ୍ରତିଷ୍ଠାତାମାନେ ଅଂଶଗ୍ରହଣ କରିଥିଲେ।

## ୧୬ କୋଟିରେ ବିକ୍ରି ହେଲା ଗାନ୍ଧିଜୀଙ୍କ ଚିଠି

ନୂଆଦିଲ୍ଲୀ, ୨୧।୮: ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ କେତେକ ହାତଲେଖା ଚିଠି, ତାଙ୍କ ବ୍ୟବହୃତ ଚରଖା, ଭଗବତ୍ ଗୀତା ଓ ଅନ୍ୟାନ୍ୟ କେତେକ ସରଞ୍ଜାମ ଶୁକ୍ରବାର ପ୍ରାୟ ୧୬ କୋଟି ୧୭ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି । ଅକ୍ସନ ହାଉସ୍ ସାଫ୍ରୋନାର୍ଟ ପକ୍ଷରୁ ଏହି ନିଲାମ କରାଯାଇଥିଲା। ଏହି ଚିଠିଗୁଡିକ ଗାନ୍ଧିଜୀ ସ୍ୱାଧୀନତା ସଂଗ୍ରାମୀ ଅନନ୍ଦ ଟି ହିଙ୍ଗୋରାନୀଙ୍କୁ ୧୯୪୪ରୁ ୧୯୪୬ ମଧ୍ୟରେ ଲେଖିଥିଲେ । ହିଙ୍ଗୋରାନୀଙ୍କ ପତ୍ନୀଙ୍କ ଦେହାନ୍ତ ପରେ ବିଚାଳିତ ଥିବାରୁ ତାଙ୍କୁ ସାନ୍ତ୍ୱନା ପୂର୍ବକ ଗାନ୍ଧିଜୀ କିଛି ଚିଠି ଲେଖିଥିଲେ । ଏଥିରେ ସେହି ଚିଠିଗୁଡିକ ସାମିଲ ଅଛି । ଏଥି ସହ ସତ୍ୟ, ଅହିଂସା, ସତ୍ମାର୍ଗ, ସତ୍ୟାଗ୍ରହ ଉପରେ ମଧ୍ୟ କିଛି ମରାମର୍ଶ ଏହି ଚିଠିରେ ରହିଛି । ଏହି ଚିଠିଗୁଡିକର ଏକ ସଂକଳନ, 'ଏ ଥଟ୍ ଫର୍ ଦ ଡେ' ଶୀର୍ଷକରେ ଏକ ପୁସ୍ତକ ରୂପରେ ମଧ୍ୟ ପ୍ରକାଶ ପାଇ ସାରିଛି। ଗାନ୍ଧିଜୀଙ୍କ ଏହି ଚିଠି ଯେତିକି ଟଙ୍କାରେ ନିଲାମ ହୋଇଛି, ତାହା ଏକ ରେକର୍ଡ । ପୂର୍ବରୁ କୌଣସି ଐତିହାସିକ ସାମଗ୍ରୀ ଭାରତରେ ଏତେ ଟଙ୍କାରେ ନିଲାମ ହୋଇନାହିଁ ବୋଲି ନିଲାମକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି । ତେବେ କେଉଁମାନେ ଏହି ମୂଲ୍ୟବାନ ସାମଗ୍ରୀର କ୍ରେତା ସେ ସମ୍ପର୍କରେ କୌଣସି ତଥ୍ୟ ଦିଆଯାଇନାହିଁ ।

## ବୌଦ୍ଧ ମଠରେ ବିମାନ ଆକ୍ରମଣ: ୧୪ ମୃତ

ବ୍ୟାଙ୍କକ୍, ୨୧।୮: ମ୍ୟାମାରର କେନ୍ଦ୍ରୀୟ ସାଗାଇଂ ଅଞ୍ଚଳରେ ଏକ ବୌଦ୍ଧ ମଠ ଉପରେ ଶୁକ୍ରବାର ସକାଳେ ହୋଇଥିବା ବିମାନ ଆକ୍ରମଣରେ ଧ୍ୟାନ ଶିବିରରେ ଯୋଗ ଦେଇଥିବା ୧୪ ଜଣଙ୍କ ମୃତ୍ୟୁ ହୋଇଛି। ଆଉ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ମ୍ୟାମାରର ସାଗାଇଂ ଅଞ୍ଚଳ ମ୍ୟାଁଗ୍ ଟାଉନ୍ସିପ୍ର ସ୍ୱେଲ୍ ଲେ ଓହ ଗାଁରେ ଏହି ଘଟଣା ଘଟିଛି। ଏହି ଗାଁ ମାଣ୍ଡାଲେଠାରୁ ପ୍ରାୟ ୭୫ କିଲୋମିଟର ପଶ୍ଚିମରେ ଅବସ୍ଥିତ। ଶୁକ୍ରବାର ସକାଳ ପ୍ରାୟ ୯ଟାରେ ଏହି ଆକ୍ରମଣ ହୋଇଥିବା ସ୍ଥାନୀୟ ଅଧିକାରୀ ଓ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡ଼ିଛି। ମ୍ୟାଁଗ୍ ଟାଉନ୍ସିପ୍ର ସିଭିଲ୍ ଡିଫେନ୍ସ ଆଣ୍ଡ ସିକ୍ୟୁରିଟି ଅର୍ଗାନାଇଜେସନ୍ (ସିଡିଏସ୍ଓଏମ୍)ର ମୁଖପାତ୍ର ନଓ୍ୱେ ଓ କହିଛନ୍ତି, ଏକ ଯୁଦ୍ଧବିମାନ ମଠ ପରିସରକୁ ବୋମା ମାଡ଼ କରିଥିଲା। ଏଥିରେ ୩ ଜଣ ମହିଳାଙ୍କ ସମେତ ୧୪ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୦ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ସୂତ୍ର ଅନୁସାରେ, ମଠରେ ଏକ ସପ୍ତାହବ୍ୟାପୀ ଧ୍ୟାନ ଶିବିର ଚାଲିଥିଲା। ଅନ୍ୟ ଏକ ସ୍ଥାନୀୟ ରିପୋର୍ଟ ଅନୁସାରେ, ଆକ୍ରମଣ ସମୟରେ ମଠରେ ପାଖାପାଖି ୭୦ ଜଣ ବନ୍ୟାପ୍ରଭାବିତ ଲୋକ ମଧ୍ୟ ଆଶ୍ରୟ ନେଇଥିଲେ। ଆକ୍ରମଣରେ ଯୁଦ୍ଧବିମାନ ଦୁଇଟି ବୋମା ପକାଇଥିବା ଜଣେ ସ୍ଥାନୀୟ ବାସିନ୍ଦା କହିଛନ୍ତି। ଦୁଇ ବୋମା ମଧ୍ୟରେ ପ୍ରାୟ ୧୫ ମିନିଟର ବ୍ୟବଧାନ ଥିଲା।

## ସଂସଦ ମାର୍ଗ ଥାନାରେ ରାହୁଲ ଗାନ୍ଧୀଙ୍କ ଧାରଣା



ନୂଆଦିଲ୍ଲୀ, ୨୧।୮ : ଦିଲ୍ଲୀ ସଂସଦ ମାର୍ଗ ଥାନାରେ ହାଇଭୋଲଟେଜ୍ ଡ୍ରାମା । ଛାତ୍ର ଆନ୍ଦୋଳନ ବେଳେ ପେଲେଟ୍ ମାଡ଼ ଘଟଣାରେ ଏଫଆଇଆର ରୁଜୁ ଦାବିରେ ସଂସଦ ମାର୍ଗ ଥାନାରେ ରାହୁଲ ଗାନ୍ଧୀ ଧାରଣା ଦେଇଛନ୍ତି । ଜୁଲାଇ ୨୦ରେ ଦିଲ୍ଲୀରେ ହୋଇଥିବା ଛାତ୍ର ଆନ୍ଦୋଳନ ବେଳେ ପେଲେଟ୍ ମାଡ଼ରେ ଛାତ୍ରଛାତ୍ରୀ ଆହତ ହୋଇଥିବା ଘଟଣାକୁ ନେଇ ପୁଣି ତେଜିଛି ବିବାଦ । ଘଟଣାରେ ଏଫଆଇଆର ପଞ୍ଜୀକରଣ ଦାବି କରି ପାର୍ଲାମେଣ୍ଟ ଷ୍ଟ୍ରିଟ୍ ପୋଲିସ ଷ୍ଟେସନରେ ଧାରଣାରେ ବସିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ପେଲେଟ୍ ଆଘାତର ଶିକାର ଛାତ୍ର ସାହିଲ ଲୋଚାବଙ୍କୁ ସାଙ୍ଗରେ ନେଇ ରାହୁଲ ଥାନାରେ ପହଞ୍ଚିବା ସହ ଘଟଣାରେ ମାମଲା ରୁଜୁ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିବାକୁ ଦାବି କରିଛନ୍ତି। ପ୍ରଥମେ ରାହୁଲ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରି ଏଫଆଇଆର ପଞ୍ଜୀକରଣ ପାଇଁ ଦାବି ରଖିଥିଲେ । କିନ୍ତୁ ତତ୍କାଳ ଏଫଆଇଆର ରୁଜୁ ହେବା ନେଇ କୌଣସି ସ୍ପଷ୍ଟ ଆଶ୍ୱାସନ ନମିଳିବାରୁ ସେ ଥାନା ଭିତରେ ଧାରଣାରେ ବସିଥିଲେ । ଫଳରେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ପୋଲିସ ଷ୍ଟେସନକୁ କେନ୍ଦ୍ର କରି ରାଜନୈତିକ ଉଷ୍ମତା ବଢ଼ିଛି। ଜୁଲାଇ ୨୦ରେ ଜନ୍ତରମନ୍ତର ଅଞ୍ଚଳରୁ ସଂସଦ ଅଭିମୁଖେ ଛାତ୍ରମାନଙ୍କ ପ୍ରତିବାଦ ମାର୍ଚ୍ଚ ବେଳେ ପୋଲିସ ଓ ସୁରକ୍ଷା ବାହିନୀ ସହ ପ୍ରତିବାଦକାରୀଙ୍କ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା । ଭିଡ଼କୁ ନିୟନ୍ତ୍ରଣ ବେଳେ ପେଲେଟ୍ ବ୍ୟବହାର କରାଯାଇଥିବା ଏବଂ ଏଥିରେ ଅନେକ ପ୍ରତିବାଦକାରୀ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ଘଟଣା ପରେ ପେଲେଟ୍ ବ୍ୟବହାର ଅଭିଯୋଗକୁ ନେଇ ଉଠିଥିଲା ପ୍ରଶ୍ନ। ପ୍ରଥମେ ଦିଲ୍ଲୀ ପୋଲିସ ପକ୍ଷରୁ ପେଲେଟ୍ ବ୍ୟବହାର ହୋଇନଥିବା କୁହାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଭିଡିଓ ସାମ୍ନାକୁ ଆସିଥିବା ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାର ଜେନେରାଲ ଡାଏରୀ ଏଣ୍ଟ୍ରିକୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଥିଲା।

## ବ୍ୟବସ୍ଥାର ବିଫଳତା ପାଇଁ ଜନ୍ତର-ମନ୍ତରରେ ହେଲା ଆନ୍ଦୋଳନ ତୁରନ୍ତ ସୁଧାର କରନ୍ତୁ ସରକାର: ଆର୍ଏସ୍ଏସ୍



ନୂଆଦିଲ୍ଲୀ, ୨୧।୮: ଜନ୍ତର ମନ୍ତରରେ ହୋଇଥିବା ଆନ୍ଦୋଳନ ବ୍ୟବସ୍ଥାର ବିଫଳତା କାରଣରୁ ହୋଇଥିଲା ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) କହିଛି। ବିଶାଖାପଟଣାରେ ଚାଲିଥିବା ଅଖିଳ ଭାରତୀୟ ସମନ୍ୱୟ ବୈଠକ ସମୟରେ ଏହି ମତ ପ୍ରକାଶ କରାଯାଇଛି। ବୈଠକ ସମ୍ପର୍କରେ ସୂଚନା ଦେଇ ସଂଘ କହିଛି ଯେ, ଜନ୍ତର ମନ୍ତର ଆନ୍ଦୋଳନକୁ ନେଇ ବୈଠକରେ ଆଲୋଚନା ହୋଇଛି। ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଆରଏସଏସ ପକ୍ଷରୁ ସରକାରଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏହାସହ ସମାଜକୁ ମଧ୍ୟ ନିଜ ସ୍ତରରେ ପ୍ରୟାସ କରିବା ଆବଶ୍ୟକ ବୋଲି ସଂଘ କହିଛି। ଆରଏସଏସ ନେତା ମୁକୁନ୍ଦ ସିଆର୍ ଜନ୍ତର ମନ୍ତର ଆନ୍ଦୋଳନ ସମ୍ପର୍କରେ କହିଛନ୍ତି ଯେ, ବିଧ୍ୱଂସ ଦ୍ୱାରା କୌଣସି ସମାଧାନ ହୋଇପାରିବ ନାହିଁ। ଏହାର ସମାଧାନ ସକାରାତ୍ମକ ଭାବରେ କରିବାକୁ ପଡ଼ିବ ।ସେ କହିଛନ୍ତି ଯେ, ସରକାରଙ୍କୁ ଯୁବପିଢ଼ିର ଚିନ୍ତା ଓ ସମସ୍ୟାକୁ ମଧ୍ୟ ଗୁରୁତ୍ୱ ଦେବା ଦରକାର। ଜାତୀୟ ଅନୁଷ୍ଠାନ ଏବଂ ରାଜ୍ୟ ସରକାରଙ୍କ ଅନୁଷ୍ଠାନର ବ୍ୟବସ୍ଥାରେ ରହିଥିବା ତ୍ରୁଟି ଯୋଗୁଁ ଯୁବପିଢ଼ି ମଧ୍ୟରେ ଅସନ୍ତୋଷ ବଢୁଛି। ସେମାନେ ନିଜ ଭବିଷ୍ୟତକୁ ନେଇ ଚିନ୍ତିତ ଅଛନ୍ତି। ତେଣୁ ଏହାର ସମାଧାନ କରିବା ଆବଶ୍ୟକ। ଏହାସହ ଆନ୍ଦୋଳନ ନାଁରେ କୌଣସି ପ୍ରକାରର ହିଂସା ନକରିବାକୁ ମଧ୍ୟ ସେ ଅପିଲ୍ କରିଛନ୍ତି। ସଂଘ ନେତା କହିଛନ୍ତି ଯେ, ଯେକୌଣସି ସମସ୍ୟାର ସମାଧାନ କେବଳ ସକାରାତ୍ମକ ପଦକ୍ଷେପ ମାଧ୍ୟମରେ ହିଁ ସମ୍ଭବ। ଏଥିପାଇଁ ସମାଜ ଓ ସରକାରଙ୍କୁ ଏକାଠି ହେବାକୁ ପଡ଼ିବ। ସଚେତନତା ବଢ଼ାଇବା ସହ ବ୍ୟବସ୍ଥାରେ ଥିବା ତ୍ରୁଟି ଦୂର କରିବା ପାଇଁ ପ୍ରୟାସ କରିବାକୁ ହେବ। ସଂଘ ନେତା କହିଛନ୍ତି ଯେ, ବୈଠକରେ ଜନସଂଖ୍ୟା ସନ୍ତୁଳନରେ ହେଉଥିବା ପରିବର୍ତ୍ତନକୁ ନେଇ ମଧ୍ୟ ଆଲୋଚନା ହୋଇଛି।

## ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ଆମେରିକା ଗସ୍ତକୁ ଅନୁମତି ଦେଲେନି କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୧।୮: ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀଙ୍କ ପ୍ରସ୍ତାବିତ ଆମେରିକା ଗସ୍ତକୁ କେନ୍ଦ୍ର ସରକାର ଅନୁମତି ଦେବାକୁ ମନା କରିଦେଇଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରାଜନୈତିକ କାରଣ ଦର୍ଶାଇ ଏହି ଅନୁମତି ପ୍ରତ୍ୟାଖ୍ୟାନ କରାଯାଇଥିବା ନେଇ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍ଓ) ପକ୍ଷରୁ ଜାରି ସମ୍ବାଦପତ୍ର ବିଜ୍ଞପ୍ତିରେ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଯିବାକୁ ଥିବା "ତେଲେଙ୍ଗାନା ରାଇଜିଂ"ର ସରକାରୀ ପ୍ରତିନିଧି ମଣ୍ଡଳୀକୁ ଏହି କାରଣରୁ ନିଜର ଗସ୍ତ କାର୍ଯ୍ୟକ୍ରମ ବାତିଲ କରିବାକୁ ପଡ଼ିଛି। ବର୍ତ୍ତମାନ ଲଣ୍ଡନ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଆମେରିକାର ବୋଷ୍ଟନ୍ ଯିବା ପରିବର୍ତ୍ତେ ସିଧାସଳଖ ହାଇଦ୍ରାବାଦ ଫେରିଆସିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରର ଏହି ନିଷ୍ପତ୍ତିରେ ଆଶ୍ଚର୍ଯ୍ୟ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ଅନୁଯାୟୀ ବିଶ୍ୱର ଶ୍ରେଷ୍ଠ ଆଇଭି ଲିଗ୍ ଏବଂ ଅଗ୍ରଣୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାରତ, ତେଲେଙ୍ଗାନା ତଥା ହାଇଦ୍ରାବାଦକୁ ଆଣିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ଜୟପୁରରେ ସିଜେପି-ଗ୍ରାମବାସୀ ମୁହାଁମୁହିଁ, ଗାଡ଼ି ଭଙ୍ଗାରୁଜା



ଜୟପୁର, ୨୧।୮: ଆକ୍ରମଣରେ ଶିକାର ହେଲେ ସିଜେପି କର୍ମୀ। ଏଭଳି ଅଭାବନୀୟ ଘଟଣା ଘଟିଛି,ରାଜସ୍ଥାନର ଜୟପୁର ଅଞ୍ଚଳର ରାମପୁରା କନଓ୍ୱରପୁରାରେ ।ଏକ ସରକାରୀ ସ୍କୁଲ ପରିଦର୍ଶନ ସମୟରେ ସିଜେପି କର୍ମୀଙ୍କୁ ଗ୍ରାମବାସୀଙ୍କ ଆକ୍ରମଣ ଅଭିଯୋଗ ହୋଇଛି। କର୍ମୀମାନଙ୍କୁ ଠେଲାପେଲା କରିବା ସହ ଗୋଡ଼ାଇ ଗୋଡ଼ାଇ ମାଡ଼ ମରାଯାଇଥିବା ଏବଂ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, 'ସ୍କୁଲ ଠିକ୍ କରୋ' ଅଭିଯାନ ଅଧୀନରେ ସିଜେପିର ଏକ ଦଳ ରାମପୁରା କନଓ୍ୱରପୁରାସ୍ଥିତ ସରକାରୀ ସ୍କୁଲର ଭିତ୍ତିଭୂମି ଯାଞ୍ଚ କରିବାକୁ ଯାଇଥିଲେ। ସ୍କୁଲର ମୁଖ୍ୟ କୋଠା ବିପଦପୂର୍ଣ୍ଣ ଥିବା ଏବଂ ଦୀର୍ଘଦିନ ଧରି ପିଲାମାନେ ବିକଳ୍ପ ସ୍ଥାନରେ ପାଠ ପଢୁଥିବା ଦଳ ପକ୍ଷରୁ ଦାବି କରାଯାଇଥିଲା। ତେବେ ସିଜେପି କର୍ମୀମାନେ ସ୍କୁଲରେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କ ସହ ବିବାଦ ଆରମ୍ଭ ହୋଇଥିଲା। ଗ୍ରାମବାସୀ ସେମାନଙ୍କୁ ସ୍କୁଲ ପରିସରରୁ ବାହାରି ଯିବାକୁ କହିବା ସହ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡିଥିଲା। ଆକ୍ରମଣକାରୀମାନେ ପଥର ମାଡ଼ କରିବା ସହ ସିଜେପି କର୍ମୀଙ୍କୁ ଗୋଡ଼ାଇଥିବା ଏବଂ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରିଥିବା ଦଳ ପକ୍ଷରୁ କୁହାଯାଇଛି। ସିଜେପିର ସହ-ସଂଯୋଜକ ଆଶୁତୋଷ ରାଙ୍କା ଅଭିଯୋଗ କରିଛନ୍ତି ଯେ, ଆକ୍ରମଣକାରୀମାନେ ସ୍ଥାନୀୟ ଗ୍ରାମବାସୀ ନୁହନ୍ତି,ବରଂ ସ୍କୁଲର ଅଡିଟ୍ ଓ ଭିଡିଓ ରେକର୍ଡିଂକୁ ରୋକିବା ପାଇଁ ପଠାଯାଇଥିବା ବିଜେପି-ଆରଏସଏସ ସମର୍ଥିତ ଲୋକ। ଏହି ସମୟରେ ରାଜସ୍ଥାନ ପୁଲିସ ନିଷ୍କ୍ରିୟ ଦର୍ଶକ ସାଜିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ,ଗ୍ରାମବାସୀମାନେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେମାନେ ନିଜକୁ କୌଣସି ରାଜନୈତିକ ଦଳର ଗୁଣ୍ଡା ନୁହେଁ ବୋଲି କହିବା ସହ ଗାଁ ସ୍କୁଲକୁ ନେଇ ରାଜନୀତି ନକରିବା ପାଇଁ ସିଜେପି କର୍ମୀଙ୍କୁ ସେଠାରୁ ଘଉଡ଼ାଇ ଦେଇଥିବା କହିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ,ସ୍କୁଲର ମୁଖ୍ୟ କୋଠା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସତ୍ତ୍ୱେ ପିଲାମାନଙ୍କ ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୁଇଟି ବିକଳ୍ପ କୋଠରୀ ଯୋଗାଇ ଦିଆଯାଇଛି ।ସେଠାରେ ପ୍ରାୟ ୨୦ରୁ ୩୦ ଜଣ ପିଲା ସୁରକ୍ଷିତ ଭାବେ ପାଠ ପଢୁଥିବା ସେମାନେ କହିଛନ୍ତି।

## କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ଚଢ଼ାଉ
# ୧୨୭ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

କଟକ(ନିପ୍ର) : କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ୨ ନମ୍ବର ୟୁନିଟ ପକ୍ଷରୁ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଟିଣପିଟା ସାହିରେ ଚଢ଼ାଉ କରାଯାଇ ୧୨୭ ଗ୍ରାମ ବ୍ରାଉନ ସୁଗାର ଜବତ କରାଯିବା ସହ ଜଣକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଟିଣପିଟା ସାହିର ସେକ ଇସମାଇଲ (୨୮) । ଅବକାରୀ ଉପାଧ୍ୟକ୍ଷ ବିକାଶ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏସଆଇ ଶ୍ରୀଧର ସିଂହଙ୍କ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଏଏସଆଇ ଆଶୁତୋଷ ଜେନାଙ୍କ ସମେତ ଅନ୍ୟ ୪ ଜଣ ସାମିଲ ଥିଲେ । ଜବତ ବ୍ରାଉନ ସୁଗାରର ମୂଲ୍ୟ ୧୨ ଲକ୍ଷ ୭୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଚୌକି ଚୋରି ଅଭିଯୋଗରେ ୩ ଗିରଫ



ହିଞ୍ଜିଳିକାଟୁ, (ନିପ୍ର) : ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ସିନେମାହଲ ଛକ ନିକଟରେ ଥିବା ଏକ ଫର୍ଣ୍ଣିଚର ଦୋକାନ ତାଲା ଭାଙ୍ଗି ମୂଲ୍ୟବାନ ୪ଟି ଚୌକି ଚୋରୀ ଅଭିଯୋଗରେ ହିଞ୍ଜିଳି ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ଲୁଟେରା ବଡଗଡ ଥାନା ମାଣିକପୁର ଗ୍ରାମର ନବ ଅଲବ ଭୂୟାଁ (୩୦), ଅଟୋ ଚାଳକ ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ରଜାତୋଟା ସାହିର ସିମାଞ୍ଚଳ ବେହେରା (୪୨) ଓ ଚୋରୀ ସାମଗ୍ରୀ କିଣିଥିବା ଯୁବକ ଜଣଙ୍କ ହେଲେ ହିଞ୍ଜିଳି ଥାନା ଖରିଡା ଗ୍ରାମର ନିଳାଞ୍ଚଳ ମହାରଣା (୪୦) । ଗିରଫ ନିଳାଞ୍ଚଳଙ୍କ ଠାରୁ ଚୋରୀ ୪ଟି ଚୌକିକୁ ଜବତ କରାଯାଇଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ -୫୬୮/୨୬ ରେ ଏକ ମାମଲା ରୁଜୁ କରି ଗିରଫ ୩ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ । ପ୍ରକାଶ ଯେ, ବଡଗଡ ଥାନା କୁମାରପାଣି ଗ୍ରାମର ମହେନ୍ଦ୍ର ମହାରଣା ହିଞ୍ଜିଳିକାଟୁ ପୌରାଞ୍ଚଳ ସିନମାହଲ ଛକ ନିକଟରେ ଏକ ଫର୍ଣ୍ଣିଚର ଦୋକାନ କରିଛନ୍ତି । ମଙ୍ଗଳବାର ବିଳମ୍ବିତ ରାତିରେ ଲୁଟେରା ଜଣଙ୍କ ସଂପୃକ୍ତ ଫର୍ଣ୍ଣିଚର ଦୋକାନ ତାଲା ଭାଙ୍ଗି ଦୋକାନରୁ ୪ଟି ମୂଲ୍ୟବାନ ଚୌକି ଚୋରୀ କରି ନେଇଯାଇଥିଲେ । ଗୁରୁବାର ସକାଳେ ଦୋକାନୀ ମାଲିକ ମହେନ୍ଦ୍ର ଦୋକାନ ଖୋଲିବାକୁ ଆସିବା ବେଳେ ଦୋକାନ କବାଟ ତାଲା ଭଙ୍ଗା ଯାଇଥିବା ଏବଂ ଦୋକାନରୁ ୪ଟି ମୂଲ୍ୟବାନ ଚୌକି ଚୋରୀ ହୋଇଥିବା ଜାଣିବାକୁ ପାଇଥିଲେ । ଘଟଣା ନେଇ ଦୋକାନୀ ମାଲିକ ଗୁରୁବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ - ୫୬୮/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତକାରୀ ଅଧିକାରୀ ତଥା ଥାନା ଏସଆଇ ରଶ୍ମିରଞ୍ଜନ ସାମଲ ଘଟଣାର ତଦନ୍ତ ଚଳାଇଥିଲେ । ଗୁରୁବାର ବିଳମ୍ବିତ ରାତିରେ ଲୁଟେରା ଲବଙ୍କୁ କାବୁ କରି ଥାନାକୁ ଆଣି ପଚରାଉଚରା କରିଥିଲେ । ଜେରା ସମୟରେ ଲବ ଦୋକାନରୁ ଚୋରି କରିଥିବା ସ୍ୱୀକାର କରିଥିଲେ । ଚୋରୀ ସାମଗ୍ରୀକୁ ଏକ ଅଟୋ ଯୋଗେ ନେଇ ହିଞ୍ଜିଳି ଥାନା ଖରିଡା ଗ୍ରାମର ନିଳାଞ୍ଚଳ ମହାରଣାଙ୍କୁ ବିକ୍ରି କରିଥିଲେ । ପୁଲିସ, ଲୁଟେରା ଲବଙ୍କ ସମେତ ଅଟୋ ଚାଳକ ସିମାଞ୍ଚଳ ଓ ଚୋରୀ ସାମଗ୍ରୀ କିଣିଥିବା ଅଭିଯୋଗରେ ନିଳାଞ୍ଚଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଚୋରୀ ସାମଗ୍ରୀ ଉଦ୍ଧାର ପରେ ଦୋକାନୀ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ ।

# ବାଇ ବିଲୁଆ ଆକ୍ରମଣ: ୩ ଗୁରୁତର

ଆସିକା (ନିପ୍ର): ଆସିକା ବ୍ଲକ ବାଲିଛାଇ ପଞ୍ଚାୟତ ଅଧୀନ ରିଷିପୁର ଗ୍ରାମରେ ଆଜି ସକାଳେ ବିଲରେ ଚାଷ କାମ କରୁଥିବା ବେଳେ ବାଇ ବିଲୁଆ ଆକ୍ରମଣରେ ତିନି ଜଣ ଗୁରୁତର ହୋଇଛନ୍ତି । ଗୁରୁତରମାନଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ପ୍ରକାଶ ଥାଉକି ଆଜି ସକାଳେ ବାଲିଛାଇ ପଞ୍ଚାୟତ ରିଷିପୁର ଗ୍ରାମର କିଛି ମହିଳା ବିଲରେ ଧାନ ରୋଉଥିଲା ବେଳେ ହଠାତ ଏକ ବାଇ ବିଲୁଆ ବିଲ ମଧ୍ୟରେ ପଶି ସମସ୍ତଙ୍କୁ କାମୁଡ଼ିବାକୁ ଗୋଡ଼ାଇଥିଲା ଏଥିରେ ସମସ୍ତେ ବ୍ୟତିବସ୍ତ ହୋଇ ଏଣେ ତେଣେ ଦୌଡ଼ିଥିଲେ । ଏହି ସମୟରେ ବାଇ ବିଲୁଆଟି କସ୍ତୁରୀ ବେହେରା (୫୦),ବଙ୍ଗାଳି ସେଠି(୬୦),ତୁଳସୀ ସ୍ୱାଇଁ (୫୦)କୁ କାମୁଡି ଦେଇଥିଲା ଉପସ୍ଥିତ ଅନ୍ୟ ଚାଷୀ ସମସ୍ତ ଗୁରୁତରଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।ଗୁରୁତର ମହିଳା ମାନଙ୍କ ଅବସ୍ଥା ସ୍ଥିର ରହିଛି ।

# ଭାରସାମ୍ୟ ହରାଇ ଓଲଟିଲା ଶ୍ରମିକ ବୋଝେଇ ପିକ୍‌ଅପ୍: ୧୦ ଗୁରୁତର ୮ ଆହତ




ଗୁଣୁପୁର, (ନିପ୍ର): ରାୟଗଡା ଜିଲ୍ଲା ପୁଟାସିଂ ଥାନା ଆନ୍ତର୍ଗତ ଟଲଣା ଘାଟିରେ ଭାରସାମ୍ୟ ହରାଇ ଓଲଟିଲା ଶ୍ରମିକ ବୋଝେଇ ମେକ୍ସପିକଅପ । ଘଟଣାସ୍ଥଳରୁ ୧୦ ଗୁରୁତର ୮ ଆହତ । ସମସ୍ତ ଆହତ ଗୁରୁତର ଶ୍ରମିକ ମିଶି ୧୮ ରହିଛି । ୧୦ ଜଣକୁ ଉଚ୍ଚ ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି । ସମସ୍ତ ଆହତ ଗୁରୁତରମାନେ ହେଲେ ରୁଜାନ ଗମାଙ୍ଗ ( ୪୨ ),ସାମନି ଗମାଙ୍ଗ ( ୩୫ ),ଗୌତମ ଗମାଙ୍ଗ ( ୩୦ ),ଅମ୍ବିକା ଗମାଙ୍ଗ ( ୪୬ ), ରିଞ୍ଜାନ ଶବର ( ୪୫ ), ଜୟମନି ଗମାଙ୍ଗ ( ୪୫ ), ସୁନିତା ଦଳବେହେରା ( ୪୦ ), ଆଲିଶା ଗମାଙ୍ଗ ( ୩୫ ), ଇଶ୍ରାଏଲ ଗମାଙ୍ଗ ( ୫୫), କୁମାରି ଗମାଙ୍ଗ ( ୩୦ ), ରାମେଡି ଗମାଙ୍ଗ ( ୩୫ ) ସୁଷନି ଗମାଙ୍ଗ ( ୩୦ ), ଶାନ୍ତି ଗମାଙ୍ଗ ( ୪୦ ) ମନିତା ଶବର ( ୨୪), ସୁନିଲ ଦଳବେହେରା ( ୨୭ ), ବିଜମତୀ ଭୁଆଁ ( ୪୦ ) ଶରିତା ଗମାଙ୍ଗ ( ୨୮ ) ସମସ୍ତ ଶ୍ରମିକ ଶଗଡା ଗ୍ରାମର ରହିଥିବା ବେଳେ ଜମିରେ ଧାନ ରୁଆ ପାଇଁ ପଦ୍ମପୁର ବ୍ଲକର ଡକାଶିକୁଲା ଗ୍ରାମର ଅଭିମୁଖେ ଯାଉଥିଲେ ବୋଲି ଜଣାପଡିଛି । ପାଖାପାଖି ୨୫ ରୁ ଉର୍ଦ୍ଧ୍ୱ ଶ୍ରମିକ ମେକ୍ସପିକଅପରେ ଥିବା ଜଣାପଡିଛି । ଦମକଳ ବାହିନୀ ପୋଲିସ୍ ଗାଡିରେ ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରିୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଛି । ଘଟଣାସ୍ଥଳରେ ପୁଟାସିଂ ପୋଲିସ୍ ଗାଡିକୁ ଜବତ କରିବା ସହ ତଦନ୍ତ ଜାରି ରଖିଥିବା କହିଛନ୍ତି ଥାନା ଅଧିକାରି ବିଦ୍ୟୁଲତା ନାୟକ । ମେଡିକାଲ ସୁପରିଟେଣ୍ଡେଣ୍ଟ ଶ୍ରୀକାନ୍ତ ଜୋନାଙ୍କ ସମେତ ପାଞ୍ଚ ଜଣ ଡାକ୍ତର ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି ।

## ବିଦ୍ୟୁତ ତାର ଚୋରି ରାକେଟର ପର୍ଦ୍ଦାଫାସ
# ୧୨ ଗିରଫ, ମିନି ଟ୍ରକ୍ ସହ ୧.୫ ଲକ୍ଷ ଟଙ୍କାର ତାର ଜବତ

ରେଢ଼ାଖୋଲ,(ନିପ୍ର): ରେଢ଼ାଖୋଲ ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଅଞ୍ଚଳରେ ସକ୍ରିୟ ଥିବା ଏକ ବିଦ୍ୟୁତ ତାର ଚୋରି ରାକେଟର ପର୍ଦ୍ଦାଫାସ କରି ପୋଲିସ ୧୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରିଛି । ସୂଚନାଯୋଗ୍ୟ ଯେ ରେଢ଼ାଖୋଲ ବ୍ଲକ ତ୍ରିବଣପୁର ୧୧ କେଭି ଫିଡର ଅନ୍ତର୍ଗତ ରେଙ୍ଗାଳୀ ମଠ ନିକଟରେ କିଛି ଦୁର୍ବୃତ୍ତ ବିଦ୍ୟୁତ ତାର ଚୋରି କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ପୋଲିସ କୁ ଖବର ମିଳିଥିଲା । ସୂଚନା ପାଇବା କ୍ଷଣି ରେଢ଼ାଖୋଲ ଆଇଆଇସି ସନୟ କୁମାର ଙ୍କ ନେତୃତ୍ୱରେ ଏକ ବିଶେଷ ପୋଲିସ ଟିମ୍ ଗଠନ କରାଯାଇ ଘଟଣାସ୍ଥଳରେ ଆକସ୍ମିକ ଚଢ଼ାଉ କରାଯାଇଥିଲା । ?ପୋଲିସକୁ ଦେଖି ଚୋରମାନେ କେବୁଲ କଟର ସହ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଖସି ପଳାଇବାକୁ ଚେଷ୍ଟା କରିଥିଲେ ହେଁ, ପୋଲିସ ଟିମ୍ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ସମସ୍ତ ୧୨ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା । ଏହା ସହିତ ସେମାନଙ୍କ ଠାରୁ ??୩୦ ବଣ୍ଡଲ ବିଦ୍ୟୁତ୍ ତାର (ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ଟଙ୍କା) ,୧ଟି ମିନି ଟ୍ରକ୍?, ୨ଟି କେବୁଲ କଟର ସହ ଅଭିଯୁକ୍ତ ମାନଙ୍କ ଠାରୁ ବ୍ୟବହୃତ ମୋବାଇଲ ଫୋନ ଜବତ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ କିସିଣ୍ଡା ଥାନା ଅନ୍ତର୍ଗତ କଞ୍ଚନପୁର ଗ୍ରାମର ବୋଲି




ଜଣାପଡ଼ିଛି । ଏହି ପୂରା ରାକେଟର ମାଷ୍ଟରମାଇଣ୍ଡ ସୁନାପାଲି ଅଞ୍ଚଳର ଏମ୍?ଡି ସିରାଜ ବୋଲି ପୋଲିସ ସୂଚନା ଦେଇଛି । ?ଏହି ଘଟଣାରେ ରେଢ଼ାଖୋଲ ଥାନାରେ ବିଦ୍ୟୁତ ଆଇନ ଅନୁଯାୟୀ କେସ୍ ନଂ ୧୫୩/୨୦୨୬ ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି । ପୋଲିସର ଏହି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା କରାଯାଇଛି ।

# ୬ଲକ୍ଷ ୨୦ ହଜାର ଟଙ୍କାର ବ୍ରାଉନ ସୁଗାର ଜବତ : ଜଣେ ଗିରଫ

କଟକ(ନିପ୍ର) : ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ପକ୍ଷରୁ ଜଗତପୁର ଥାନା ଅନ୍ତର୍ଗତ ପିରବଜାର ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରାଯାଇ ୬୨ ଗ୍ରାମ ବ୍ରାଉନ ସୁଗାର ଜବତ କରାଯିବା ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ଚମ୍ପତି ଗ୍ରାମର ଜିତନ ସାମଲ (୫୫) । ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଇନିସ୍ପେକ୍ଟରର ଭକ୍ତ ବତ୍ସଳ ବର୍ମାଙ୍କ ନେତୃତ୍ୱରେ ଶୁକ୍ରବାର ଚଢ଼ାଉ କରାଯାଇଥିଲା । ଜବତ ବ୍ରାଉନ ସୁଗାରର ମୂଲ୍ୟ ୬ ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।ଏହି ଚଢ଼ାଉ ଟିମରେ ଏସଆଇ ନିରୁପମା ସାହୁ, ଏଏସଆଇ ହରିହର ନାୟକ ପ୍ରମୁଖ ସାମିଲ ଥିଲେ । ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ସାଲେପୁର ହାଟରୁ ଡିକି ଖୋଲି ୧ଲକ୍ଷ ଲୁଟ୍ ଅଭିଯୋଗ

ସାଲେପୁର,(ନିପ୍ର): ଗତକାଲି ଦିନ ପ୍ରାୟ ୧୧ଟା ସମୟରେ ସାଲେପୁର ହାଟକୁ ସଉଦା କରିବାକୁ ଆସିଥିବା ଜନୈକ ବ୍ୟକ୍ତିଙ୍କ ମୋଟର ସାଇକେଲ୍ ଡିକି ଖୋଲି କେହି ଦୁର୍ବୃତ୍ତ ୧ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ସଂପୃକ୍ତ ବ୍ୟକ୍ତି ଜଣକ ସାଲେପୁର ଥାନାରେ ଆଜି ଅଭିଯୋଗ କରିଥିବା ଜଣାଯାଇଛି । ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନାରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ବ୍ଲକ୍ ଅନ୍ତର୍ଗତ କିଶନନଗର ଥାନା ଅଧିନ ଗୁଆଳି ଗ୍ରାମର ବିଜୟ କୁମାର ପରିଡ଼ା ଗତକାଲି ଦିନ ପ୍ରାୟ ୧୧ଟା ସମୟରେ ସାଲେପୁର ସାପ୍ତାହିକ ହାଟରୁ ପରିବା କିଣିବାକୁ ଆସିଥିଲେ । ମୋଟର ସାଇକେଲ ରଖି ପରିବା କିଣୁଥିବାବେଳେ ତାଙ୍କ ଗାଡ଼ି ଡିକିରେ ଥିବା ୧ଲକ୍ଷ ଟଙ୍କାକୁ କେହି ଦୁର୍ବୃତ୍ତ ଡିକି ଖୋଲି ନେଇଯାଇଥିବାର ସେ ଜାଣିବାକୁ ପାଇଥିଲେ । ଏନେଇ ଶ୍ରୀ ପରିଡ଼ା ଆଜି ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି କେସ୍ ନଂ-୫୦୬/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ସାଲେପୁର ଥାନା ଆଇ.ଆଇ.ସି. ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି ।

# ଲାଠିକଟା ତହସିଲଦାରଙ୍କୁ ଗିରଫ କଲା ଭିଜିଲାନ୍ସ
## ଘରୁ ମିଳିଲା ୧୦ ଲକ୍ଷରୁ ଅଧିକ ଟଙ୍କା

କଟକ(ନିପ୍ର) : ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ତହସିଲଦାର ତଥା ସବ୍ ରେଜିଷ୍ଟ୍ରାର ମୁରଲୀଧର ଉର୍ମାଲଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଛି ।ତାଙ୍କ ଘରୁ ଏପର୍ଯ୍ୟନ୍ତ ୧୦ ଲକ୍ଷରୁ ଅଧିକ ନଗଦ ଟଙ୍କା ଠାବ ହୋଇଛି । ପୂର୍ବରୁ ଭିଜିଲାନ୍ସ ୫ ଲକ୍ଷ ଟଙ୍କା ଜବତ କରିଥିବା ବେଳେ ପୁଣି ତଲାସି ବେଳେ ମିଳିଛି ୫ ଲକ୍ଷ ୭୪ ହଜାର ନଗଦ ଟଙ୍କା । ମୋଟ ୧୦ ଲକ୍ଷ ୭୪ ହଜାର ଟଙ୍କା ଜବତ ହୋଇଛି । ଏଥିସହ ସୁନ୍ଦରଗଡ଼ର କର୍ମଡିହିରେ ପ୍ରାୟ ୩ ହଜାର ୭ ଶହ ବର୍ଗଫୁଟର ଦୁଇ ମହଲା କୋଠା ଠାବ ହୋଇଛି । ସେହିପରି ସୁନ୍ଦରଗଡ଼ ଓ ରାଉରକେଲା ସହର ଉପକଣ୍ଠରେ ୬ଟି ଦାମୀ ପ୍ଲଟ୍ ଠାବ ହୋଇଛି । ୨୪୧ ଗ୍ରାମ ସୁନା ଅଳଙ୍କାର ଓ ୬୩୫ ଗ୍ରାମ ରୁପା ଅଳଙ୍କାର ମଧ୍ୟ ଜବତ ହୋଇଛି । ବ୍ୟାଙ୍କ, ଡାକଘର ଓ ବୀମା ଜମା ଆକାରରେ ପ୍ରାୟ ୬୬ ଲକ୍ଷ ୧୦ ହଜାର ଟଙ୍କା ଥିବାର ଦସ୍ତାବିଜ ଜବତ ହୋଇଛି । ଏକ ହୁଣ୍ଡାଇ ଗ୍ରାଣ୍ଡ ଆଇ-୧୦ ସ୍ପୋର୍ଟସ୍ କାର୍ ଓ ୩ଟି ଦୁଇଚକିଆ ଯାନ ମଧ୍ୟ ଠାବ ହୋଇଛି । ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କିତ ଅଭିଯୋଗରେ ଭିଜିଲାନ୍ସ ଯାଞ୍ଚ ଜାରି ରହିଛି । ତଲାସି ସରିବା ପରେ ମୁରଲୀଧରଙ୍କ ମୋଟ ସମ୍ପତ୍ତି ଓ ଏହାର ମୂଲ୍ୟ ସମ୍ପର୍କରେ ଆହୁରି ସ୍ପଷ୍ଟ ତଥ୍ୟ ସାମ୍ନାକୁ ଆସିପାରେ । ଗତକାଲି ଲାଠିକଟାର ରାଜାବସା ଛକ ନିକଟରେ ମୁରଲୀଧର ଉର୍ମାଲଙ୍କୁ ଅଟକାଇଥିଲା ଭିଜିଲାନ୍ସ ଟିମ୍ । ଲାଠିକଟା କାର୍ଯ୍ୟାଳୟରୁ ଭଡ଼ାରେ ନିଆଯାଇଥିବା ସ୍କର୍ପିଓ ଗାଡ଼ିରେ ରାଉରକେଲାସ୍ଥିତ ନିଜ ବାସଭବନକୁ ଯାଉଥିବା ବେଳେ ତାଙ୍କୁ ଅଟକାଯାଇଥିଲା । ଗାଡ଼ି ଯାଞ୍ଚ ବେଳେ ତାଙ୍କ ନିକଟରୁ ନଗଦ ୫ ଲକ୍ଷ ଟଙ୍କା ମିଳିଥିଲା ।

# ବୃଦ୍ଧଙ୍କ ଆତ୍ମହତ୍ୟା

ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳି ଥାନା ତହଁର ଗ୍ରାମର ଜଣେ ବୃଦ୍ଧ ଗୁରୁବାର ରାତିରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି । ମୃତ ବୃଦ୍ଧ ଜଣଙ୍କ ହେଲେ ହିଞ୍ଜିଳି ଥାନା ତହଁର ଗ୍ରାମ ନୂଆଁ ସାହିର ଗୋବିନ୍ଦ ଡାକୁଆ (୭୯) । ପ୍ରକାଶ ଯେ, ଗୁରୁବାର ରାତିରେ ବୃଦ୍ଧ ଜଣଙ୍କ ରାତ୍ରୀଭୋଜନ ସାରି ଘର ବାରଣ୍ଡାରେ ଶୋଇଥିଲେ । ସକାଳୁ ଉଠି ପରିବାର ଲୋକେ ଦେଖିବା ବେଳକୁ ବୃଦ୍ଧ ଜଣଙ୍କ ଘର ବାରଣ୍ଡା ଲୁହା ଗ୍ରୀଲରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ହିଞ୍ଜିଳି ପୁଲିସ ଡ଼ାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୧୯/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ସକାଶେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଇ ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଏସଆଇ ତଥା ତଦନ୍ତକାରୀ ଅଧିକାରୀ ସୁରେଶ କୁମାର ସାହୁଙ୍କ ସୂତ୍ରରୁ ପ୍ରକାଶ ।

# ନାବାଳିକାକୁ ଯୌନ ନିର୍ଯାତନା ମାମଲା : ଅଭିଯୁକ୍ତକୁ ଜେଲ

କଟକ(ନିପ୍ର) : ଜଣେ ୬ ବର୍ଷୀୟା ବାଳିକାକୁ ରାସ୍ତାରୁ ଟେକି ନେଇ ଯୌନ ନିର୍ଯାତନା ଦେବା ସହ ତଣ୍ଟି କାଟି ମାରିଦେବାକୁ ଧମକ ଦେଇଥିବା ମାମଲାର ବିଚାର କରି କଟକର ଆଡକ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ ଅଭିଯୁକ୍ତ ନରସିଂହପୁର ଥାନା ଅନ୍ତର୍ଗତ ଚେରମୁଳିଆ ଗ୍ରାମର ସୁବାଷ ଜାନି (୩୪)କୁ ଦୋଷୀ ସାବ୍ୟସ୍ତ କରି ଜେଲ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ମାମଲାର ବିବରଣୀ ଅନୁଯାୟୀ ଗତ ମାର୍ଚ୍ଚ ୯ ତାରିଖ ଅପରାହ୍ନ ୩ଟା ବେଳେ ପୀଡିତା ଗାଁ ରାସ୍ତାରେ ଖେଳୁଥିବା ବେଳେ ସୁବାଷ ତାକୁ ଘରକୁ ନେଇ ଯୌନ ନିର୍ଯାତନା ଦେବା ସହ କାହାକୁ ଜଣାଇଲେ ତଣ୍ଟି ଚିପି ମାରି ଦେବାକୁ ଧମକ ଦେଇଥିଲା । ପୀଡିତା ଏନେଇ ତା’ ମା’କୁ ଜଣାଇବା ପରେ ପୀଡ଼ିତାଙ୍କ ଜେଜେବାପା ୧୧ ତାରିଖରେ ନରସିଂହପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୁକ୍ତକୁ ଗିରଫ କରାଯାଇ ପୀଡିତା ଓ ତାଙ୍କର ଡାକ୍ତରୀ ମାଇନା କରାଯିବା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା । ଇନିସ୍ପେକ୍ଟର ତପନ କୁମାର ପତି ଘଟଣାର ତଦନ୍ତ କରି ୫୫ ଦିନରେ ଗତ ମେ ୫ ତାରିଖରେ ଚାର୍ଜସିଟ ଦାଖଲ କରିଥିଲେ । ସ୍ୱତନ୍ତ୍ର ପିପି କୃଷ୍ଣ ଚନ୍ଦ୍ର ମହାପାତ୍ର ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିବା ହେତୁ କୋର୍ଟ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ।

## ଡିମିରିପଲ୍ଲୀରେ ଜୁଆ ଆଡ୍ଡା ଉପରେ ପୁଲିସର ଚଢ଼ାଉ
# ୭ ଗିରଫ, ୫୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଓ ବାଇକ୍ ଜବତ



ବେଲଗୁଣ୍ଠା(ନିପ୍ର): ଗଞ୍ଜାମ ଜିଲ୍ଲା ଗଙ୍ଗାପୁର ଥାନା ଅନ୍ତର୍ଗତ ଡିମିରିପଲ୍ଲୀ ହରିଜନ ସାହି ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୭ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । ଗତ ୨୦ ତାରିଖ ସନ୍ଧ୍ୟାରେ ଗଙ୍ଗାପୁର ଥାନା ଏସ.ଆଇ. ବିନାୟକ ବିଧାରଙ୍କ ନେତୃତ୍ୱରେ ପୁଲିସ ଟିମ୍ ପ୍ୟାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏହି ଚଢ଼ାଉ କରିଥିଲା । ପୁଲିସକୁ ଦେଖି ଜୁଆଡ଼ିମାନେ ଗାଳିଗୁଲଜ ଓ ଧମକ ଦେଇ ଖସିପଳାଇବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ୭ ଜଣଙ୍କୁ ଘଟଣାସ୍ଥଳରୁ କାବୁ କରିଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଅନ୍ୟ ୪ ଜଣ ଫେରାର ହୋଇଯାଇଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଭେଜିପୁଟର ବୁଲୁ ସ୍ୱାଇଁ, ଲାଲସିଂର ନୀଳାଞ୍ଚଳ ଜେନା, ଲଣ୍ଡେଇ ସାହିର ବିଜୟ କୁମାର ଦାଶ, ବଡ଼ବୋରସିଂର ବଳରାମ ମହାପାତ୍ର ଓ ଜଗନ୍ନାଥ ସ୍ୱାଇଁ, କାଇଣ୍ଡିର ବବୁଲୁ ବିଷୋୟୀ ଏବଂ ତୁରୁମୁର ସୀମାଞ୍ଚଳ ପ୍ରଧାନ । ପୁଲିସ ସେମାନଙ୍କ ନିକଟରୁ ନଗଦ ୫୨,୩୦୦ ଟଙ୍କା, ୭ଟି ମୋବାଇଲ୍ ଫୋନ୍, ୧୦୧ଟି ତାସ ପତ୍ତା ଏବଂ ଗୋଟିଏ ହିରୋ ହୋଣ୍ଡା ସ୍ପ୍ଲେଣ୍ଡର ମୋଟରସାଇକେଲ ଓଡି- ୩୨ - ୨୮୭୭)ଜବତ କରିଛି । ଏହି ଜୁଆ ଆଡ୍ଡା ଚଳାଉଥିବା ମୁଖ୍ୟ ଆୟୋଜକ ଅଶୋକ ପ୍ରଧାନଙ୍କ ସମେତ ଫେରାର ଥିବା କାହ୍ନୁ ପ୍ରଧାନ, କେଶବ ସାହାଣୀ ଓ ଏମୁଙ୍କୁ ଧରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି । ଏ ନେଇ ଗଙ୍ଗାପୁର ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୨୯୬/୨୨୧/୩୫୧(୨) ଏବଂ ସେକ୍ସନ୍ ୩ ଓପିଜି ଅଧିନିୟମ ଅନୁସାରେ ୩୭୮/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନ ସୂଚନା ଦେଇଛନ୍ତି ।

## ଡିଜିପିଙ୍କ ଭିଡିଓ କନଫରେନ୍ସିଂରେ ସମୀକ୍ଷା
# ଥାନାକୁ ଆସୁଥିବା ନାଗରିକଙ୍କୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

କଟକ(ନିପ୍ର) : ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧକ୍ଷତାରେ ରାଜ୍ୟର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟର ସମସ୍ତ ରେଞ୍ଜର ଆଇଜି/ ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ବୈଠକରେ ଯୋଗଦେଇଥିଲେ । ବୈଠକରେ ରାଜ୍ୟର ବର୍ତ୍ତମାନର ଆଇନ-ଶୃଙ୍ଖଳା ପରିସ୍ଥିତି, ଅପରାଧ ଦମନ ଓ ନିୟନ୍ତ୍ରଣ, ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ, ଗୁରୁତ୍ୱପୂର୍ଣ୍ଣ ଅପରାଧର ସମୀକ୍ଷା, ଜନସାଧାରଣଙ୍କୁ ଉତ୍ତମ ପୋଲିସ ସେବା ପ୍ରଦାନ ଏବଂ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଥାନାକୁ ଅଭିଯୋଗ ନେଇ ଆସୁଥିବା ପ୍ରତ୍ୟେକ ନାଗରିକଙ୍କୁ ଧୈର୍ଯ୍ୟର ସହ ଶୁଣିବା, ସମ୍ମାନଜନକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର କରିବା ଏବଂ ଅଭିଯୋଗର ନିରପେକ୍ଷ ଓ ତ୍ୱରିତ ତଦନ୍ତ ନିଶ୍ଚିତ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ । ପୋଲିସ ଅଧିକାରୀ ଓ କର୍ମଚାରୀମାନେ ନିୟମିତ ଭାବେ ନିଜ କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାୟିତ୍ୱ ତୁଲାଇବା ସହ ଥାନାଗୁଡ଼ିକର କାର୍ଯ୍ୟପ୍ରଣାଳୀ ଓ ଜନସାଧାରଣଙ୍କୁ ମିଳୁଥିବା ପୋଲିସ ସେବାରେ ଅଧିକ ସୁଧାର ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏସ୍‌ଡିପିଓମାନେ ନିୟମିତ ଭାବେ ଅଧୀନସ୍ଥ ଥାନାଗୁଡ଼ିକ ପରିଦର୍ଶନ କରି କାର୍ଯ୍ୟର ତଦାରଖ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବର୍ତ୍ତମାନର ଆଇନ-ଶୃଙ୍ଖଳା ପରିସ୍ଥିତି, ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକର ଚିହ୍ନଟ, ଗୁରୁତ୍ୱପୂର୍ଣ୍ଣ ଅପରାଧର ସମୀକ୍ଷା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଡିଜିପି ବିସ୍ତୃତ ଆଲୋଚନା କରିଥିଲେ । ଚଳିତ ମାସରୁ ନଭେମ୍ବର ମଧ୍ୟରେ ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନ, ଜନ୍ମାଷ୍ଟମୀ, ଗଣେଶ ପୂଜା, ନୂଆଖାଇ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଦୀପାବଳି/ କାଳୀପୂଜା, ଅଁଳା ନବମୀ, ପଞ୍ଚୁକ ଓ ବାଲିଯାତ୍ରା ଭଳି ବିଭିନ୍ନ ପର୍ବପର୍ବାଣୀ ଅନୁଷ୍ଠିତ ହେବ । ଏହି ପର୍ବଗୁଡ଼ିକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ପାଳନ ପାଇଁ ଆଗୁଆ ସୁରକ୍ଷା ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ




ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଶାନ୍ତି କମିଟି ବୈଠକ ଏବଂ ସ୍ଥାନୀୟ ଲୋକପ୍ରତିନିଧି ଓ ବିଭିନ୍ନ ଗୋଷ୍ଠୀଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ, ଉତ୍ତେଜନାମୂଳକ, ଆପତ୍ତିଜନକ ଓ ବିଭ୍ରାନ୍ତିକର ତଥ୍ୟ ଉପରେ ନିୟମିତ ଓ କଡ଼ା ନଜର ରଖିବା ସହ ଏଭଳି ପ୍ରଚାର ବିରୋଧରେ ତ୍ୱରିତ ଓ ଆଇନସମ୍ମତ ପଦକ୍ଷେପ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । ଗୁଇନ୍ଦା ସୂଚନା ସଂଗ୍ରହକୁ ଆହୁରି ସୁଦୃଢ଼ କରିବା, ସମ୍ଭାବ୍ୟ ଅପରାଧ ଓ ଅପ୍ରୀତିକର ଘଟଣା ସମ୍ପର୍କରେ ଆଗୁଆ ସୂଚନା ହାସଲ କରିବା ଏବଂ ତଦନୁଯାୟୀ ପ୍ରତିଷେଧମୂଳକ ପଦକ୍ଷେପ ନେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାଇବର ଅପରାଧର ମୁକାବିଲା ପାଇଁ ସାଇବର ପୋଲିସ ଷ୍ଟେସନଗୁଡ଼ିକର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ସହ ସାଇବର ଅପରାଧ ସମ୍ପର୍କିତ ମାମଲାର ତଦନ୍ତ ଓ ପଦକ୍ଷେପକୁ ଅଧିକ ଫଳପ୍ରଦ କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଶାନ୍ତି କମିଟି ବୈଠକ ନିୟମିତ ଆୟୋଜନ, ସ୍ଥାନୀୟ ଅଂଚଳରେ ଲୋକ ସମ୍ପର୍କ ବୃଦ୍ଧି ଏବଂ ସମ୍ଭାବ୍ୟ ଅପ୍ରୀତିକର ଘଟଣାକୁ ଆଗୁଆ ରୋକିବା ପାଇଁ ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲା ଏସ୍‌ପିଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ । ପୋଲିସର କାର୍ଯ୍ୟଦକ୍ଷତା, ଜନକଲ୍ୟାଣ ସେବାକୁ ଆହୁରି ବୃଦ୍ଧି କରିବା ପାଇଁ ସମସ୍ତ ସ୍ତରରେ ଉତ୍ତମ ସମନ୍ୱୟ ଓ ଯୋଗାଯୋଗ ରଖି ଦାୟିତ୍ୱ ସମ୍ପାଦନ କରିବାକୁ ଡିଜିପି ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆରପିସି) ଯତୀନ୍ଦ୍ର କୋଏଲ, ଆଇଜିପି (ପର୍ସୋନେଲ) ଏସ୍. ପ୍ରବୀଣ କୁମାରଙ୍କ ସମେତ ରାଜ୍ୟର ସମସ୍ତ ରେଞ୍ଜ ଆଇଜି/ ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକରେ ଯୋଗଦେଇଥିଲେ ।

## ତୃଣମୂଳ ସ୍ତରରେ ପ୍ରଶାସନକୁ ନେଇ ବ୍ରହ୍ମପୁରରେ ତିନିଦିନିଆ ପ୍ରଦର୍ଶନୀ

# ୧୨ ବର୍ଷରେ ଭାରତର ପ୍ରଗତି ହେଲା ପ୍ରଦର୍ଶିତ



ଭୁବନେଶ୍ୱର,୨୧।୮(ପିଆଇବି): ବ୍ରହ୍ମପୁରଠାରେ ଶୁକ୍ରବାର '୧୨ ବର୍ଷର ରୂପାନ୍ତରଣକାରୀ ପ୍ରଶାସନ' ଏବଂ 'ହର ଘର ତିରଙ୍ଗା' ଅଭିଯାନକୁ ନେଇ ଏକ ତିନି ଦିନିଆ ସମନ୍ୱିତ ଲୋକ ସମ୍ପର୍କ କାର୍ଯ୍ୟକ୍ରମ ଏବଂ ମଲ୍ଟିମିଡିଆ ପ୍ରଦର୍ଶନୀ ଉଦଘାଟନ ହୋଇଛି । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) କ୍ଷେତ୍ର କାର୍ଯ୍ୟାଳୟ, ବ୍ରହ୍ମପୁର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ପିଆଇବି ଓ ସିବିସିର ପୂର୍ବ ପ୍ରାନ୍ତ ମହାନିର୍ଦ୍ଦେଶକ ଟି.ଭି.କେ ରେଡ୍ଡି ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏଥିରେ ବିଶିଷ୍ଟ ଅତିଥି ଭାବେ ଓଡ଼ିଆ କଳାକାର ଏବଂ ସଂସ୍କୃତିବିତ୍ ପଦ୍ମଶ୍ରୀ ସୀମାଞ୍ଚଳ ପାତ୍ରଙ୍କ ସମେତ ବହୁ ସମ୍ମାନିତ ବ୍ୟକ୍ତିବିଶେଷ, ସରକାରୀ ଅଧିକାରୀ ଏବଂ ଜନସାଧାରଣ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ରେଡ୍ଡୀ କହିଥିଲେ, ଏପରି କାର୍ଯ୍ୟକ୍ରମ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ଲାଭ ନେବା ଲାଗି ଜନସାଧାରଣଙ୍କୁ ସଚେତନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ। ସେ ଗୁରୁତ୍ୱାରୋପ କରି କହିଥିଲେ, ଏପରି କାର୍ଯ୍ୟକ୍ରମଗୁଡ଼ିକ କେବଳ ଭାଷଣ ଦେବାର ମଞ୍ଚ ନୁହେଁ, ବରଂ ଏହା ଲୋକମାନଙ୍କୁ ପ୍ରଶ୍ନ କରିବା ଏବଂ ସରକାରୀ ଯୋଜନା ବିଷୟରେ ସୂଚନା ପାଇବାର ସୁଯୋଗ ପ୍ରଦାନ କରେ। ସେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା, ପ୍ରଧାନମନ୍ତ୍ରୀ ଜନ-ଧନ ଯୋଜନା, ଆୟୁଷ୍ମାନ ଭାରତ ଏବଂ ପିଏମ ଶ୍ରୀ ସ୍କୁଲ ଭଳି ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଥିସହିତ ୨୦୪୭ ସୁଦ୍ଧା ଏକ ବିକାଶିତ ଭାରତ ଗଠନର ଦୃଷ୍ଟିକୋଣ ବିଷୟରେ କହିଥିଲେ। ଭାବିନିପୁର ସରପଞ୍ଚ ରଞ୍ଜିତ କୁମାର ସାହୁ ଗତ ୧୨ ବର୍ଷର ମୋଦୀ ସରକାରଙ୍କ ସଫଳତା ଉପରେ ଆଲୋକପାତ କରିଥିଲେ ଏବଂ ୨୦୪୭ ସୁଦ୍ଧା ନାଗରିକଙ୍କ ବିକଶିତ ଭାରତ ପ୍ରତି ଆକାଂକ୍ଷା ବିଷୟରେ ମତ ରଖିଥିଲେ। ଗଞ୍ଜାମର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ଶ୍ରୀ ହିମାଞ୍ଚଳ ସାହୁ ସୁଭଦ୍ରା ଯୋଜନା ଏବଂ ସରକାରୀ ଯୋଜନାର ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚାଇବାରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ବିଷୟରେ କହିଥିଲେ। ସେ ହିତାଧିକାରୀଙ୍କୁ ସଶକ୍ତ କରିବାରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ । ବ୍ରହ୍ମପୁରର ଡାକ ବିଭାଗର ଡାକ ନିରୀକ୍ଷକ କିରଣ କୁମାର ପାତ୍ର ବ୍ୟାଙ୍କିଂ ସୁବିଧା ସହଜରେ ଉପଲବ୍ଧ ନଥିବା ଅଞ୍ଚଳରେ ଆର୍ଥିକ ସେବା ବିସ୍ତାର କରିବାରେ ପୋଷ୍ଟ ଅଫିସଗୁଡ଼ିକର ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ସୁକନ୍ୟା ସମୃଦ୍ଧି ଯୋଜନା, ଆରଡି, ଅବଧି କାଳୀନ ଜମା ଏବଂ ସଞ୍ଚୟ ଖାତା ବିଷୟରେ କହିଥିଲେ। ଏହି ତିନି ଦନିଆ ପ୍ରଦର୍ଶନୀରେ ଭାରତର ବିକାଶ ଯାତ୍ରା ଏବଂ ରୂପାନ୍ତରକାରୀ ଶାସନ କାର୍ଯ୍ୟକ୍ରମକୁ ନେଇ ମଲ୍ଟିମିଡିଆ ପ୍ରଦର୍ଶନୀ, ସଚେତନତା କାର୍ଯ୍ୟକଳାପ ଏବଂ ଜନସାଧାରଣଙ୍କ ସହଭାଗିତା କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଛି ।

## ଚାନ୍ଦବାଲିରେ ଗର୍ଭବତୀ ମହିଳାଙ୍କୁ ଉଦ୍ଧାରକଲା ଓଡ୍ରାଫ୍ ଟିମ୍

ଭଦ୍ରକ,୨୧।୮(ନିପ୍ର): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ନନ୍ଦପୁର ଗ୍ରାମ ପଞ୍ଚାୟତର କୋଇଲେଖା ଗ୍ରାମର ଗର୍ଭବତୀ ମହିଳା ତୃପ୍ତିମୟୀ ନାୟକଙ୍କୁ ଓଡ୍ରାଫ ଟିମ୍ ସଫଳତାର ସହ ଉଦ୍ଧାର କରିଛି। ବନ୍ୟା ପରିସ୍ଥିତି ମଧ୍ୟରେ ତୃପ୍ତିମୟୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ଆରଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କୁ ଆବଶ୍ୟକ ଚିକିତ୍ସା ସେବା ପ୍ରଦାନ କରାଯାଉଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। କେହି ଯେପରି ବିପଦ ସମୟରେ ସହାୟତାରୁ ବଞ୍ଚିତ ନ ହୁଅନ୍ତି, ଏହି ନିର୍ଦ୍ଦେଶକୁ ଗୁରୁତ୍ୱ ଦେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଭାବିତ ଅଞ୍ଚଳ ଉପରେ ନଜର ରଖାଯାଇଛି। ବନ୍ୟା ପରିସ୍ଥିତିରେ ଜନସାଧାରଣଙ୍କ ସୁରକ୍ଷା ଓ ଆବଶ୍ୟକ ସହାୟତା ଯୋଗାଣ ପାଇଁ ଜିଲ୍ଲା ପ୍ରଶାସନ, ଓଡ୍ରାଫ ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳଙ୍କ ପକ୍ଷରୁ ନିରନ୍ତର କାର୍ଯ୍ୟ ଜାରି ରହିଛି।

## ଭୁବନେଶ୍ୱର ରେଳୱେ ଷ୍ଟେସନରେ ହାତଗୋଡ଼ ବାନ୍ଧି ଯୁବକଙ୍କୁ ନିସ୍ତୁକ ମାଡ଼

ଭୁବନେଶ୍ୱର,୨୧।୮: ବର୍ବରତାର ସୀମା ଟପିଲେ ଭୁବନେଶ୍ୱର ରେଳୱେ ଷ୍ଟେସନରେ ଥିବା ଦୋକାନୀ । ମାନସିକ ବିକୃତ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ । ୮-୧୦ ଜଣ ମିଶି ଯୁବକଙ୍କ ଗୋଡ଼ ହାତ ବାନ୍ଧି ମାଡ଼ ମାରି କଲେ ଲହୁ ଲୁହାଣ । ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ପରେ ସାମ୍ନାକୁ ଆସିଛି ଭୁବନେଶ୍ୱର ରେଳୱେ ଷ୍ଟେସନରେ ଥିବା ବ୍ୟବସାୟୀଙ୍କ ଗୁଣ୍ଡାଗର୍ଦ୍ଦିର ଦୃଶ୍ୟ । ଘଟଣାଟି ୧୧ ଅଗଷ୍ଟ ରାତିର ବୋଲି ଜଣାପଡ଼ିଛି । ଆକ୍ରମଣର ଶିକାର ହେଇଥିବା ଯୁବକ ଜଣଙ୍କ ହେଲେ ବୌଦ୍ଧ ତଳଗାଁର ଭରତ ବେହେରା । ଭରତ ଜଣେ ମାନସିକ ବିକୃତ ଯୁବକ ବୋଲି ପୁଲିସ ଜାଣିବା ପାଇଁ ପାଇଛି । ଘଟଣା ଦିନ ଭରତ ଭୁବନେଶ୍ୱର ରେଳୱେ ଷ୍ଟେସନ ଆସିଥିଲେ। ରାତିରେ ଦୋକାନ ବନ୍ଦ ଥିବାରୁ ଦୋକାନରୁ ଖାଇବା ଆଣିଥିଲେ । କିଛି ଦୋକାନୀ ବିରୋଧ କରିବାରୁ ଦୋକାନକୁ ଭଙ୍ଗାରୁଜା କରିଥିଲେ। ପରେ ଷ୍ଟେସନ ଥିବା କିଛି ବ୍ୟବସାୟୀ ରାଗିଯାଇ ତାଙ୍କ ହାତଗୋଡ଼ ବାନ୍ଧି ମାଡ଼ ମାରିଥିଲେ । ଆହତ ଯୁବକଙ୍କୁ ଜିଆରପି ଥାନାରେ ଦେବା ପରେ ଥାନାରେ ମାମଲାର ରଫାଦଫା ହେଇଥିଲା । କିନ୍ତୁ ଏବେ ଭିଡିଓଟି ସାମ୍ନାକୁ ଆସିବା ପରେ ଜିଆରପି ପୋଲିସ ନିଜ ଆଡୁ ମାମଲା ରୁଜୁ କରିଛି । ଷ୍ଟେସନରେ ଲାଗିଥିବା ସିସିଟିଭି, ସୋସିଆଲ ମିଡ଼ିଆରେ ଭାଇରାଲ ଭିଡିଓ, ଦୋକାନୀକୁ ତଦନ୍ତ ପରିସର ଭୁକ୍ତ କରିଛି ।

## ୧୦୦ କୋଟିର ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟିକା ଓ ସାଂସଦ



କୃଷ୍ଣପ୍ରସାଦ,୨୧।୮(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ଦ୍ୱାରା ଶହେ କୋଟି ବ୍ୟୟରେ ବିଭିନ୍ନ ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି। କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା ଚିଲିକା କୂଳରେ ୩୫କୋଟି ବ୍ୟୟରେ ଏକ ଜେଟିକୁ ଶିଳାନ୍ୟାସ କରିଛନ୍ତି। ସେହିଭଳି ଚିଲିକା ନୂଆପଡା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ, କୃଷ୍ଣପ୍ରସାଦ ବ୍ଲକ କାର୍ଯ୍ୟାଳୟର ନୂତନ ଗୃହକୁ ଉଦଘାଟନ କରିଥିଲେ। ଚାରିଛକରେ ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟକୁ ମଧ୍ୟ ଉଦଘାଟନ କରିଥିଲେ। ତିଛଣୀଠାରେ ନୂତନ ଜେଟିର ଭିତ୍ତିପ୍ରସ୍ତର ସହ କୃଷ୍ଣପ୍ରସାଦ ଚିଲିକା କୂଳରେ ଏକ ନୂତନ ଜେଟି ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ୱାଧୀନତା ପରଠାରୁ ଦୀର୍ଘ ଦିନର ଲୋକଙ୍କ ଦାବି ବାଲିପାଟପୁରଠାରୁ ପାଟନସୀ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଚିଲିକାର ବିଭିନ୍ନ ସ୍ଥାନରେ ଜେଟି ନିର୍ମାଣ ଦ୍ୱାରା ଚିଲିକା ଉପରେ ନିର୍ଭର କରି ଚଳୁଥିବା ଜନସାଧାରଣ ଏବଂ ଚିଲିକାରେ ଯାତାୟାତ କରୁଥିବା ଯାତ୍ରୀ ମାନଙ୍କ ପାଇଁ ସୁଗମ ହୋଇପାରିବ। ସମସ୍ତ ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କାର ଅଟକଳ ହୋଇଛି। କୃଷ୍ଣପ୍ରସାଦର ବିକାଶ ପାଇଁ ସାଂସଦ ଏବଂ ବିଧାୟିକା ଅଣ୍ଟା ଭିଡିଛନ୍ତି। କୃଷ୍ଣପ୍ରସାଦ ବିକାଶର ଯାତାୟତ ରେ ବାଧକ ସାଜୁଥିବା ସାତପଡ଼ା - ଜହ୍ନିକୁଦା ବ୍ରିଜ୍ ନିର୍ମାଣ ସମ୍ପର୍କରେ ବିଧାୟିକା ସାଂସଦଙ୍କୁ ପ୍ରଶ୍ନ କରିଥିଲେ। ଉତ୍ତରରେ ଏହାର ସମାଧାନ ଖୁବ ଶୀଘ୍ର ହେବ ବୋଲି କହିଥିଲେ।

## ପାଇଖାନାରେ ରାତି କାଟୁଛନ୍ତି ୭୦ ବର୍ଷୀୟ ସୁଦାମ, ଜରିପାଲ ତଳେ ୮ ଜୀବନ

କଟକ,୨୧।୮(ନିପ୍ର): ପାଇଖାନାରେ ଶୋଉଛନ୍ତି ସୁଦାମ। ଇଏ ଜୀବନ ତ ନୁହେଁ, ଇଏ ଅଭିଶାପ। ଭଙ୍ଗା ଦଦରା କୁଡ଼ିଆ ଘର। ଚାଲିବାକୁ ପାଦରେ ଶକ୍ତି ନାହିଁ। ଘୁଷୁରି ଘୁଷୁରି ଜୀବନ କାଟିବାକୁ ପଡୁଛି। ଯାହାକୁ ଦେଖୁଛନ୍ତି ବୃଦ୍ଧ ଜଣକ ହାତ ଯୋଡ଼ି ସାହାଯ୍ୟ ପାଇଁ ନିବେଦନ କରୁଛନ୍ତି। ଘରଟିଏ ନଥିବାରୁ ଏହି ପାଇଖାନା ଘରେ ମୁଣ୍ଡ ଗୁଞ୍ଜୁଛନ୍ତି। କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତର ସୁଦାମ ବେହେରା। ବୟସ ପ୍ରାୟ ୭୦ ହେଲାଣି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଟିଏ ମିଳିନାହିଁ। ଘର ନଥିବାରୁ ପୁରୁଣା ଲୁଗା ଓ ଜରିପାଲକୁ ଘୋଡ଼ାଇ ସରକାର ଦେଇଥିବା ପାଇଖାନାକୁ ଶୋଇବାଘର ରୂପେ ବ୍ୟବହାର କରୁଛନ୍ତି। ବୃଦ୍ଧ ସୁଦାମ ପାଇଖାନାରେ ରହୁଥିବା ବେଳେ ତାଙ୍କ ପୁଅ ପ୍ରତାପ ୬ଟି ଛୁଆ ଓ ସ୍ତ୍ରୀକୁ ଧରି ଏଇ ଜରିପାଲ ଘେରା ଘର ଭିତରେ ରହୁଛନ୍ତି। ଲାଇନ୍ ନ ଥିବାରୁ ଅନ୍ଧାରୁଆ ଘରେ ଅତି କଷ୍ଟରେ ୮ ଜଣଙ୍କ ଜୀବନ କଟୁଛି। ପ୍ରତାପ ଦିନ ମଜୁରିଆ ଭାବେ କାମ କରି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳିବା କଷ୍ଟ ହୁଏ। ସେଥିରେ ବାପା ସୁଦାମଙ୍କ ଚିକିତ୍ସା କରାଇବାକୁ ଅସମର୍ଥ। ତେଣୁ ଅତି ଦୟନୀୟ ଅବସ୍ଥାରେ ପରିବାରର ଦିନ କଟୁଛି। ସରକାରଙ୍କର ରହିଛି ଅନେକ ଯୋଜନା । ମାତ୍ର ସେସବୁ ଏମାନଙ୍କ ପାଇଁ ସାତ ସପନ । ସରକାରଙ୍କ ଜନହିତକର ଯୋଜନାରୁ ଏମାନେ ବଞ୍ଚିତ। ଘର ଖଣ୍ଡେ ନାହିଁ କି ମିଳୁନି କିଛି ସୁବିଧା। ତେବେ ଗଣମାଧ୍ୟମ ପ୍ରତିନିଧି ଏନେଇ ଟାଙ୍ଗୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସୁଦାମଙ୍କ ପରିବାରକୁ ସାହାଯ୍ୟ ପାଇଁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି। ବିଡିଓଙ୍କ ପ୍ରତିଶ୍ରୁତି ପରେ ଆଗକୁ ଏ ଦୁଃଖୀ ପରିବାରର ଦୁଃଖ ଘୁଞ୍ଚିବ ବୋଲି ଆଶା କରାଯାଉଛି। ତେବେ ଦେଖିବାକୁ ବାକି ରହିଲା କେବେ ମିଳୁଛି ସୁଦାମଙ୍କ ପରିବାକୁ ସରକାରୀ ସୁବିଧା।

## ଯୌତୁକ ଏକ ଭୟଙ୍କର ବ୍ୟାଧି: ସଚେତନତା ହିଁ ନିରାକରଣର ମାଧ୍ୟମ

ପୁରୀ,୨୧।୮(ନିପ୍ର): ଆଜିର ସମାଜରେ ଯୌତୁକ ଏକ ଭୟଙ୍କର ସାମାଜିକ ବ୍ୟାଧି। ଏହାର ନିରାକରଣ ପାଇଁ ଅନେକ ଆଇନ ରହିଛି। ତେବେ ବ୍ୟାପକ ସଚେତନତା ହିଁ ଏହାର ବିନାଶ କରିପାରିବ ବୋଲି କହିଛନ୍ତି ବକ୍ତାମାନେ। ଶୁକ୍ରବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଯୌତୁକ ନିରୋଧ ଆଇନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୌତୁକ ନିରୋଧ ପାଇଁ ଅନେକ ଆଇନ ରହିଥିଲେ ମଧ୍ୟ କେଉଁଠି ନା କେଉଁଠି ଏହାର ଉଲ୍ଲଘଂନ ହେଉଛି। ଯୌତୁକ ଲୋଭୀ ମାନେ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଉଛନ୍ତି। ଆମେ ଯଦିଓ ଜାଣିଛନ୍ତି ଯୌତୁକ ନେବା ଓ ଦେବା ଏକ ଅପରାଧ, ତଥାପି ଏହାକୁ ସମ୍ପୂର୍ଣ୍ଣ ରୋକା ଯାଇ ପାରୁନାହିଁ। ପ୍ରତ୍ୟେକ ସଚେତନ ହେଲେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିବ ବୋଲି ସେ କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଆଇନ ବିଶାରଦ ତଥା ପରାମର୍ଶ ଦାତା ମୋହନ ସୁନ୍ଦର ଜେନା,ଶିଶୁ ସୁରକ୍ଷା ର ଆଇନ ଅଧିକାରୀ ସନ୍ତୋଷ କୁମାର ସାହୁ ଯୌତୁକ ନିରୋଧ ଆଇନ ୧୯୬୧ ଓ ପରବର୍ତ୍ତୀ ସଂଶୋଧନ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଏହାର ଆଇନଗତ ବ୍ୟବସ୍ଥା, କାର୍ଯ୍ୟାନୁଷ୍ଠାନ, ଦଣ୍ଡ ବିଧି, ନିରାକରଣ ଓ ସାମାଜିକ ସଚେତନତା ଉପରେ ଆଲୋକପାତ କରିଥିଲେ।

### ହାଇଦ୍ରାବାଦ ହିଟ୍ ଆଣ୍ଡ ରନ୍

## ସାଂସଦଙ୍କ ପୁଅର କାର୍‌ଧକ୍କାରେ ଚାଲିଗଲା ଓଡ଼ିଆ ଝିଅଙ୍କ ଜୀବନ



ହାଇଦ୍ରାବାଦ,୨୧।୮: ଆନ୍ଧ୍ର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ଜନସେନା ପାର୍ଟିର ଧନୀ ରାଜ୍ୟସଭା ସାଂସଦ ଏଲ.ରମେଶଙ୍କ ପୁଅ ଏଲ.ସଂଜୁସଙ୍କ କାର୍ ଧକ୍କାରେ ପ୍ରାଣ ହରାଇଛନ୍ତି ଜଣେ ଗରିବ ଓଡ଼ିଆ ଝିଅ ଭାରତୀ ମୁଖି । ଭାରତୀଙ୍କ ଘର ଓଡ଼ିଶାର ମୟୂରଭଂଜ ଜିଲାରେ । ସେ ଗତ କିଛି ବର୍ଷ ହେବ ହାଇଦ୍ରାବାଦର ଏକ ମଲ୍‌ରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ଅପରାହ୍ନ ପ୍ରାୟ ୩ଟା ବେଳେ ସେ ନିଜ ସହକର୍ମୀ ପୂଜା ଅଶୋକଙ୍କ ସହ ନିକଟସ୍ଥ ହୋଟେଲରେ ମଧ୍ୟାହ୍ନ ଭୋଜନ ସାରି ମଲ୍ ସାମ୍ନାରେ ରାସ୍ତା ପାର ହେଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଦାମୀ ଆଷ୍ଟନ ମାର୍ଟିନ କାର୍ ଭାରସାମ୍ୟ ହରାଇ ତାଙ୍କ ଉପରେ ମାଡ଼ି ଯାଇଥିଲା । ସେତେବେଳେ ସାଂସଦଙ୍କ ପୁଅ ସଂଜୁସ ହିଁ ଗାଡ଼ି ଚଲାଉଥିଲେ । ତାଙ୍କୁ ତୁରନ୍ତ ନିକଟସ୍ଥ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୋଲିସ କାର୍ ଜବତ କରିବା ସହ ସଂଜୁସଙ୍କ ରକ୍ତ ନମୁନା ମଧ୍ୟ ସଂଗ୍ରହ କରିଥିଲା । ତେବେ ସଂଜୁସଙ୍କ ରକ୍ତ ନମୁନା ଆଲକହଲ୍ ନେଗେଟିଭ ଆସିଥିବା ପୋଲିସ ପକ୍ଷରୁ କୁହାଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, କାର୍ ଚାଳକ ଖୁବ୍ ବେପରୱା ଗାଡି ଚଳାଉଥିଲେ, ଯେଉଁଥିପାଇଁ ଏତେବଡ଼ ଦୁର୍ଘଟଣା ଘଟିଗଲା।

## ଛଅ ଲେନ୍ ରାସ୍ତାର ଭିତ୍ତିପ୍ରସ୍ତର

### ୫୫.୮୫ କୋଟି ଟଙ୍କା ବ୍ୟୟ ଅଟକଳ

ଭୁବନେଶ୍ୱର,୨୧।୮: ଓଡ଼ିଶା ଗୃହ ନିର୍ମାଣ ଏବଂ ନଗର ଉନ୍ନୟନମନ୍ତ୍ରୀ ଏବଂ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ (ବିଡିଏ)ର ଅଧ୍ୟକ୍ଷ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଗୁରୁ କେଲୁଚରଣ ପାର୍କକୁ ପଟିଆ ରେଳ ଷ୍ଟେସନ ସହିତ ସଂଯୋଗ କରୁଥିବା ଏକ ପ୍ରମୁଖ ଛଅ ଲେନ୍ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୫୫.୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ୪୫ ମିଟର ଚଉଡା ବ୍ୟାପକ ବିକାଶ ଯୋଜନା ରାସ୍ତା, ଭୁବନେଶ୍ୱରର ଦ୍ରୁତ ବିକାଶଶୀଳ ଉତ୍ତର ଅଂଶରେ ସଂଯୋଗକୁ ସୁଦୃଢ଼ କରିବା ଏବଂ ଟ୍ରାଫିକ୍ ଭିଡ଼କୁ କମ କରିବା ପାଇଁ ଉଦ୍ଦିଷ୍ଟ ।ପ୍ରସ୍ତାବିତ ରାସ୍ତାର ମୋଟ ଲମ୍ବ ୨.୩୮୭ କିଲୋମିଟର ହେବ ଏବଂ ଏହା ପଟିଆ, ଚନ୍ଦ୍ରଶେଖରପୁର ଏବଂ ଗଡାକଣା ମୌଜା ଦେଇ ଗତି କରିବ। ଏହା ଡାହାଣ ପାର୍ଶ୍ୱ ରୋଡ୍ ନେଟୱାର୍କ ଅନ୍ତର୍ଗତ ପଟିଆ ରେଳ ଷ୍ଟେସନକୁ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗୀକରଣ ସଂଯୋଗ ପ୍ରଦାନ କରିବ ଏବଂ ବ୍ୟସ୍ତବହୁଳ ଜୟଦେବ ବିହାର-ନନ୍ଦନକାନନ କରିଡର ଦେଇ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଏକ ବିକଳ୍ପ ମାର୍ଗ ପ୍ରଦାନ କରିବ।

## ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ: ୨ ଗିରଫ

ଭଦ୍ରକ,୨୧।୮(ନିପ୍ର): ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶ ଏବଂ ଅବକାରୀ ଉପ-ଅଧିକ୍ଷକ ସୁଚରିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଅବକାରୀ ଇନ୍‌ସପେକ୍ଟର ମମତା ଦାସଙ୍କ ନେତୃତ୍ୱରେ ଗଠିତ ଦୁଇଗୋଟି ସ୍ୱତନ୍ତ୍ର ଟିମ ତିହିଡି ବ୍ଲକର ସେରପୁର ଏବଂ ଦୋଳସାହି ବଜାର ଅଞ୍ଚଳରେ ଅତର୍କିତ ଭାବେ ଚଢ଼ାଉ କରି ୨୧୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜବତ ବ୍ରାଉନ ସୁଗାରର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଚଢ଼ାଉରେ ତିହିଡ଼ି ଭାରପ୍ରାପ୍ତ ଅଧିକାରିଣୀ ସୀମା କେରେଇ, ଭଦ୍ରକ ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ, ଜିଲ୍ଲା ଭ୍ରମ୍ୟମାଣ ଏସ୍.ଆଇ ନଟବର ମଲ୍ଲିକ, ଏ.ଏସ.ଆଇ କ୍ଷୀରୋଦ ପାତ୍ର, କନେଷ୍ଟବଳ ଅଜିତ କୁମାର ସିଙ୍କୁ, ସୁଦର୍ଶନ ପଲ୍ଲାଇ, ପ୍ରଭୃତି ସାମିଲ ଥିଲେ ।

## ଚାରି ବଜାର ପୂଜା କମିଟି ମଣ୍ଡପର ଶିଳ୍ୟାନାସ କଲେ ବିଧାୟକ

ଜଟଣୀ,୨୧।୮(ନି.ପ୍ର): ଜଟଣୀ ସହରରେ ୪ଟି ବଜାର ଓ ବ୍ୟବସାୟୀ ସଂଘର ଗଣେଶ ପୂଜା ମଣ୍ଡପ ନିର୍ମାଣ ନିମନ୍ତେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଶୁକ୍ରବାର ଶିଳାନ୍ୟାସ କରିଥିବା ଜଣାପଡ଼ିଛି। ୨୦୧୨-୧୩ରେ ନବକଳେବର ଏବଂ ଜଟଣୀ ଠାରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ଆରମ୍ଭ ପୂର୍ବରୁ ଜଟଣୀରେ ସୀତାରାମ ଛକ ବ୍ୟବସାୟୀ ସଂଘ ଓ ବଜାର ପୂଜା କମିଟି, ବଡ଼ବଜାର ପୂଜା କମିଟି, ମାଛ ଓ ପରିବା ମାର୍କେଟ ଏବଂ କୁଦିଆରୀ ବଜାର ବ୍ୟବସାୟୀ ସଂଘ ଓ ବଜାର ପୂଜା କମିଟିର ସ୍ଥାୟୀ ପୂଜା ମଣ୍ଡପକୁ ଜିଲା ପ୍ରଶାସନ ଭାଙ୍ଗି ଦେଇଥିଲା । ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ପରେ ପୂଜା କମିଟିକୁ ପୂଜା ମଣ୍ଡପ ନିର୍ମାଣ ଲାଗି ଜାଗା ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପ୍ରତିଶୃତି ଦେଇଥିଲା।

## ସୁନାଖଳା ଅଞ୍ଚଳରେ ଯୁଗ୍ମ ଏନ୍‌ଫୋର୍ସମେଣ୍ଟ ଟିମର ଚଢ଼ାଉ

ନୟାଗଡ଼,୨୧।୮(ନିପ୍ର): ନୟାଗଡ଼ ଜିଲ୍ଲାର ସୁନାଖଳା ଅଞ୍ଚଳର ବିଭିନ୍ନ ସ୍ଥାନରେ ଯୁଗ୍ମ ଏନ୍‌ଫୋର୍ସମେଣ୍ଟ ଟିମଙ୍କ ଦ୍ୱାରା ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ଖାଦ୍ୟ ସୁରକ୍ଷା ଅଧିକାରୀ, ନୟାଗଡ଼ ନବ କିଶୋର ସାହୁ, ଡ୍ରଗ୍ସ ଇନ୍‌ସପେକ୍ଟର, ସନ୍ତୋଷ କୁମାର ପ୍ରଧାନ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର, ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ, ନୟାଗଡ଼ଙ୍କ ନେତୃତ୍ୱରେ ରଣପୁର ସର୍କଲର ଏକ ଅବକାରୀ ଟିମ୍ ଏବଂ ସୁନାଖଳା ପୋଲିସ ଟିମଙ୍କ ସହଯୋଗରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ଚଢ଼ାଉ ସମୟରେ ମୋଟ ୨୦ଟି ଦୋକାନ/ ବ୍ୟବସାୟିକ ପ୍ରତିଷ୍ଠାନ ଯାଞ୍ଚ କରାଯାଇଥିଲା ।

## ଆଜି ଭଦ୍ରକ ଜିଲ୍ଲାର ୧୩୯ ସ୍କୁଲ ଛୁଟି

ଭଦ୍ରକ,୨୧।୮: ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାର ୧୩୯ଟି ସ୍କୁଲକୁ ଆସନ୍ତାକାଲି ପାଇଁ ଛୁଟି ଘୋଷଣା କରାଯାଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ପ୍ରଶାସନ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।ସୂଚନା ଅନୁଯାୟୀ, ଭଦ୍ରକ, ତିହିଡ଼ି, ଧାମନଗର ଓ ଚାନ୍ଦବାଲି ବ୍ଲକର ମୋଟ ୧୩୯ଟି ସ୍କୁଲ ଶନିବାର ବନ୍ଦ ରହିବ। ବନ୍ୟାଜଳ ଯୋଗୁଁ ଯାତାୟାତ ଓ ସ୍କୁଲ ଯିବାରେ ସମସ୍ୟା ଉପୁଜିବା ଆଶଙ୍କା ଥିବାରୁ ଏହି ପଦକ୍ଷେପ ନିଆଯାଇଛି ।ଏଥିସହିତ ଜିଲ୍ଲାର ୫ଟି ବ୍ଲକର ୨୨୫ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ମଧ୍ୟ ଆସନ୍ତାକାଲି ପାଇଁ ଛୁଟି ଘୋଷଣା କରାଯାଇଛି। ଏଥିରେ ବାସୁଦେବପୁର ସମେତ ବନ୍ୟା ପ୍ରଭାବିତ ଅନ୍ୟ ବ୍ଲକଗୁଡ଼ିକ ସାମିଲ ରହିଛି।


**ହୋମିଭାଭା ସେଣ୍ଟର ଫର୍ ସାଇନ୍ସ ଏଜୁକେଶନ**

ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ

**ନ୍ୟାସନାଲ ଅଲମ୍ପିଆଡ୍ ପ୍ରୋଗ୍ରାମ, ୨୦୨୬-୨୦୨୭**

**ଖଗୋଳ ବିଜ୍ଞାନ, ବାୟୋଲୋଜି, ରସାୟନ ଶାସ୍ତ୍ର, ପଦାର୍ଥ ବିଜ୍ଞାନ ଓ ଜୁନିୟର ବିଜ୍ଞାନରେ**

**ଭାରତୀୟ ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଘ (ଆଇଏପିଟି)** ଦ୍ୱାରା **ନଭେମ୍ବର ୨୧ ଓ ୨୨, ୨୦୨୬**ରେ ପରିଚାଳିତ ହେଉଥିବା **ନ୍ୟାସନାଲ ଷ୍ଟାଣ୍ଡାର୍ଡ ଏକ୍‌ଜାମିନେଶନ (ଏନଏସ୍‌ଇ)** (ବିଜ୍ଞାନ ବିଷୟବସ୍ତୁ ନିମିତ୍ତ)ର କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷାର୍ଥୀ ଯୋଗଦାନ କରିବା ଆଶା କରାଯାଉଛି। ଅନ୍ତର୍ଜାତୀୟ ଅଲମ୍ପିଆନ, ୨୦୨୭ରେ ଯୋଗଦାନ ନିମନ୍ତେ ଏନଏସ୍‌ଇରେ ଯୋଗ୍ୟତା ହାସଲ ପ୍ରଥମ ପଦକ୍ଷେପ ।

ନାମାଙ୍କନ ନିମିତ୍ତ:

ଏନଏସ୍‌ଇଏସ୍: https://www.iapt.org.in (ଅଗଷ୍ଟ,୨୧-ସେପ୍ଟେମ୍ବର-୧୪, ୨୦୨୬)

ସବିଶେଷ ଜାଣିବା ପାଇ: https://olympiads.hbcse.tifr.res.in

http://www.iapt.org.in

**cbc48143/11/0005/2627**


### ଚନ୍ଦନପୁର ବ୍ରାଞ୍ଚ କେନାଲ ବନ୍ଧଠାରୁ ପାର୍ବତୀପୁର ମୁଖ୍ୟମନ୍ତ୍ରୀ ସଡ଼କ

## ରାସ୍ତା ନିର୍ମାଣ ଅବଧିର ୨ବର୍ଷ ପରେ ବି ଶେଷ ହେଉନି ନିର୍ମାଣ କାର୍ଯ୍ୟ



ପିପିଲି,୨୧।୮(ନିପ୍ର): ବଳଙ୍ଗା-ଚନ୍ଦନପୁର ବ୍ରାଞ୍ଚ କେନାଲ ବନ୍ଧଠାରୁ ପାର୍ବତୀପୁର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ରାସ୍ତାରେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ମଧୁ ଚନ୍ଦ୍ରିକା ପଦାକୁ ଆସିଛି। ଉତ୍କର୍ଷ ଓ ବିକଶିତ ନିମାପଡା ନିର୍ବାଚନ ମଣ୍ଡଳୀ ଗଢି ତୋଳିବା ପାଇଁ ଅହରହ ଉଦ୍ୟମରତ ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ପ୍ରୟାସକୁ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀ ମାନଙ୍କ ବେପରୁଆ ମନୋଭାବ, ଠିକାଦାର ପ୍ରୀତି ଯୋଗୁଁ ଏହା ଏବେ ଦିଗଭ୍ରଷ୍ଟ ହେବାକୁ ଯାଉଛି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ୨୦୨୪ ମସିହା ଫେବୃୟାରୀ ମାସ ୧୯ ତାରିଖରେ ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ସେହି ବର୍ଷ ଅଗଷ୍ଟ ମାସ ୧୮ ତାରିଖରେ ଶେଷ ହେବା କଥା। ମାତ୍ର କାର୍ଯ୍ୟ ଶେଷ ହେବାର ଅବଧିକୁ ୨ବର୍ଷ ପୁରିସାରିଥିଲେ ମଧ୍ୟ ୧୦ ପ୍ରତିଶତ କାର୍ଯ୍ୟ ହୋଇନଥିବା ସାଧାରଣରେ ଅଭିଯୋଗ ହୋଇଛି। ତେବେ ବିଭାଗୀୟ ଅଧିକାରୀ ମାନେ ଅତ୍ୟନ୍ତ ଚତୁରତାର ସହ ଗୁରୁବାର ବିଳମ୍ବିତ ରାତିରେ ରାସ୍ତା କାର୍ଯ୍ୟ ଶେଷ ହୋଇଥିବା ସୂଚନା ଫଳକ ଲଗାଇ ଦେବା ଓ ଶୁକ୍ରବାର ସକାଳୁ ଲୋକମାନେ ତାହାକୁ ଦେଖିବା ପରେ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇଯାଇଛନ୍ତି। ରାସ୍ତାରେ ପିଚୁ ପଡ଼ିବା ତ ଦୂରର କଥା ଗୋଡ଼ି ମୁଠାଏ ମଧ୍ୟ ପଡ଼ି ନଥିଲା ବେଳେ କାମ କିଭଳି ଶେଷ ହୋଇଗଲା ବୋଲି ସର୍ବତ୍ର ଆଲୋଚନା ଚାଲିଛି। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ମାନେ ଘଟଣା ସ୍ଥଳରେ ପହଞ୍ଚିବା ପରେ ଘଟଣା ଭିନ୍ନ ମୋଡ ନେଇଛି। କାର୍ଯ୍ୟ ତଦାରଖ ପାଇଁ ଆସିଥିବା ୩ଜଣ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ରାସ୍ତା ଶେଷ ହେବା ନେଇ ପ୍ରଶ୍ନ ପଚାରିବା ସହିତ ଅଧାପନ୍ତରିଆ କାର୍ଯ୍ୟକୁ

- ■ ଭୁଲ ସୂଚନା ଫଳକ ଲଗାକୁ ନେଇ ଉତ୍ତେଜନା
- ■ ତଦାରଖ ପାଇଁ ଆସିଥିବା ୩ ବିଭାଗୀୟ ଯନ୍ତ୍ରୀ ଅଟକ

ଦେଖାଇଥିଲେ। ଅଧିକାରୀମାନେ ଲୋକମାନଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ସେମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଲୋକମାନେ ଉପରିସ୍ଥ ଅଧିକାରୀମାନେ ଘଟଣା ସ୍ଥଳକୁ ନ ଆସିବା ପର୍ଯ୍ୟନ୍ତ ଅଧିକାରୀମାନଙ୍କୁ ଗ୍ରାମମନ୍ଦିର ପିଣ୍ଡି ଠାରେ ଦୀର୍ଘ ୩ଘଣ୍ଟା କାଳ ବସାଇଥିଲେ । ଏ ସଂପର୍କରେ ଖବର ପାଇ ବଳଙ୍ଗା ଥାନା ଆଇଆଇସି ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି ଅଟକ ଥିବା ୩ ଅଧିକାରୀଙ୍କୁ ସାଙ୍ଗରେ ନେଇ ଆସିଥିଲେ । ସୂଚନା ମୁତାବକ ୫ କିମି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୪କୋଟି ୨୯ ଲକ୍ଷ ୭୭ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ତେବେ ଏପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ କିପରି ସମ୍ପୂର୍ଣ ହୋଇପାରୁନାହିଁ ତାହା ଏବେ ସାଧାରଣରେ ମୁଖ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ରାସ୍ତା ଉପରେ ନିମାପଡା, ପିପିଲି ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ହଜାର ହଜାର ଲୋକ ଯାତାୟାତ ପାଇଁ ନିର୍ଭରଶୀଳ ଅଟନ୍ତି। ଦୀର୍ଘଦିନ ହେଲା ରାସ୍ତା ଖୋଳା ହୋଇ ପଡିଥିବା ଓ କୌଣଷି କାର୍ଯ୍ୟ ସମ୍ପୂର୍ଣ୍ଣ ନହେବା କାରଣରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବିଭାଗୀୟ ପକ୍ଷରୁ ଏ ପର୍ଯ୍ୟନ୍ତ କାହିଁକି ସୂଚନା ଫଳକ ଲାଗୁନଥିଲା ଓ କେଉଁ ଉଦ୍ଦେଶ୍ୟରେ ରାତି ଅଧିଆ ସୂଚନା ଫଳକ ଲଗାଗଲା ତାହାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।


**AFFIDAVIT**

I Braj Mohan Patra S/o Naba Kishore patra residence of College road Nayagarh , Ps- Nayagarh Po- Nayagarh, Dist-Nayagarh, Pin-752069, Odisha declare by this affidavit no 2689 dt18.08.2026 sworn before The Executive Magistrate ,Nayagarh that now onwards I shall be known as Braja Mohan Patra for all purpose.

**Sd- Braj Mohan Patra**

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dtd 21.08.2026 , I Pinki Swain, W/O- Bijay Kumar Swain, At-Mohanpur, P. O-Gambharimunda, P. S- Nachuni Dist-khordha, Odisha, declare that, I have changed the name of my minor son from Suneli Swain to Sunil Swain. Henceforth my son's name shall be known as Sunil Swain for all purposes.

**Sd- Pinki Swain**

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dtd 19.08.2026, I palu Bharimall, S/O- Bhramar Bharimall, At- Binjhala, P.O.- Harichandanpur, p. S. -Nachuni, Dist- khordha, Odisha, pin-752035, declare that I have changed my name from Bhramar Bharimalla to Palu Bharimall, Henceforth I shall be known as palu Bharimall For all purposes.

**Sd- Palu Bharimall.**



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ